ଆକାଶ ଛୁଇଁ
ପାରିଲା
BHARAT
ଶ୍ରୀ ପୂର୍ଣ୍ଣେନ୍ଦୁ କାନୁନଗୋ

ରାମଦାସ ତୁମେ ହାରିଗଲ

ପୂର୍ଣ୍ଣଚନ୍ଦ୍ର କାନୁନଗୋ

ସାଥୀ ପ୍ରକାଶନ
୩ ଓଡ଼ିଆ ବଜାର କଟକ

ପ୍ରଥମ ସଂସ୍କରଣ . ୧୯୭୮

କେତନ ଆର୍ଟ ପ୍ରିଣ୍ଟର୍ସ

ମୂଲ୍ୟ : ଟ ୩-୫୦

ତିନି ଟଙ୍କା ପଚାଶ ପଇସା

RAMADAS TUME HARIGALA

Purnachandra Kanungo.

Rs 3·50

ଚରିତ୍ର

ନାରୀ	ପୁରୁଷ
ସରିତା—୨୭—ମିନତି	ଶ୍ରୀରାମ—୩୫—ଦିଲ୍ଲୀପ ଦାସ
ନିତା—୨୫—ରମା	Mr Sharma—୪୦—ସୁରେନ୍ଦ୍ର ଦାସ
	ରଜତ—୨୮—ଜ୍ୟୋତି ମହାନ୍ତି
	ରଞ୍ଜନ—୨୮—ସନ୍ତୋଷ ଚନ୍ଦ୍ରା
ଶିଶୁ କଳାକାର—	ଡାକ୍ତର—୪୦—ଲକ୍ଷ୍ମୀନାରାୟଣ
ମିତା	ବଳଦେବ—୩୦—ଅଜନ୍ତ ରାୟ
ମିଣ୍ଟୁ	ରାଜୁ ସିଂ—୩୦—ଭବାନୀ ରଥ
	ଅସୀମ—୩୦—କେଦାର

ଆଲୋକ—ବୁଲ୍‌ ଇଲେକ୍‌ଟ୍ରିକାଲସ୍‌, ପୁରୀ
ସଙ୍ଗୀତ—ପ୍ରଶାନ୍ତ କଳାମନ୍ଦିର, ପୁରୀ
ମଞ୍ଚସଜ୍ଜା—ଅନ୍ନପୂର୍ଣ୍ଣା ଚିତ୍ରାଳୟ, ପୁରୀ
ଶବ୍ଦ—ମଡର୍ଣ୍ଣ ରେଡିଓ ସାଉଣ୍ଡ, ପୁରୀ
ବେଶବିନ୍ୟାସ—ଅନ୍ନପୂର୍ଣ୍ଣା ଚିତ୍ରାଳୟ, ପୁରୀ
ସ୍ମାରକ—ଦଳାଇବାବୁ, ନଗ୍‌ବାବୁ
ପ୍ରସ୍ତର—ମଙ୍ଗୁଲି

ପରିବେଷଣ—ଝାଡ଼େଶ୍ୱରୀ କ୍ଲବ, ପୁରୀ
ସ୍ଥାନ—ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚ, ପୁରୀ
ପ୍ରଥମ ଅଭିନୟ—୧୫-୧-୭୮
୧୬-୧-୭୮
୧୭-୧-୭୮

ନିର୍ଦ୍ଦେଶନା—ଦିଲ୍ଲୀପ ଦାସ
ନାଟ୍ୟକାର—ପୂର୍ଣ୍ଣଚନ୍ଦ୍ର କାନୁନଗୋ

ଯୋଗାଯୋଗ—ପୂର୍ଣ୍ଣଚନ୍ଦ୍ର କାନୁନଗୋ
ଆଡ୍‌ଭୋକେଟ
'କୃଷ୍ଣଚୂଡ଼ା', ପୁରୀ—୨

ଏଇ ନାଟ୍ୟକାରଙ୍କ କଲମରୁ :—

ମରୁ ଝରଣା
ନଷ୍ଟନୀଡ଼ର ପକ୍ଷୀ
ଜୀବନ ସଗ୍ରାମ
ପଲ୍ଲୀ କନ୍ୟା
କୃଷ୍ଣଚୂଡ଼ାର ହସ
ଅଭିଶପ୍ତ ଘୁଙ୍ଗୁର
ମୁଁ ସୈତାନ କହୁଛି
ଦୋଳମୁକୁଟ
ମୟୂର ସିଂହାସନ
କଳାପାହାଡ଼
ଉର୍ବଶୀ
ସମ୍ରାଟ ଚନ୍ଦ୍ରଗୁପ୍ତ
ଦୁଇଟି ରକ୍ତ ଗୋଲାପ
ଘାଟର ରଜନୀଗନ୍ଧା
ଅନ୍ଧ ଯମୁନା
ରାମଦାସ, ତୁମେ ହାରିଗଲ
ରକ୍ତଗଙ୍ଗାର ମାଝୀ
ମହାକାଳର ଆର୍ତ୍ତନାଦ

ପ୍ରଥମ ଅଙ୍କ

ପ୍ରଥମ ଦୃଶ୍ୟ

[ଧାରା ଶ୍ରାବଣ—ବାହାରେ ବେଶ୍ ବର୍ଷା ହେଉଛି—ବିଜୁଳି ଘଡ଼ଘଡ଼ିର ଅବିଶ୍ରାନ୍ତ ଆବାଜ୍ ବାୟୁମଣ୍ଡଳରେ କମ୍ପନ ସୃଷ୍ଟି କରୁଥିଲା । ସମୟ ସନ୍ଧ୍ୟା—ରାମ ଦାସଙ୍କର ଘର—ଘରମଧ୍ୟରେ କେଇଖଣ୍ଡ ଭଙ୍ଗା ଚେୟାର —ଗୋଟିଏ ଟେବୁଲ, ଟେବୁଲ ଉପରେ ମଇଳା ଟେବୁଲ କ୍ଲଥ—ଘର ଶ୍ରୀହୀନ—ବାୟୁ-ମଣ୍ଡଳରେ କାରୁଣ୍ୟ ତଥା ଦାରିଦ୍ର୍ୟର ପ୍ରତିଧ୍ୱନି । ରାମ ଦାସ ଟେବୁଲ ଉପରେ ମୁହଁ ମାଡ଼ି ଗମ୍ଭୀର ଭାବରେ ଚିନ୍ତାମଗ୍ନ । ଜୀବନଟା ତାଙ୍କ ପାଇଁ ଅର୍ଥହୀନ, ଦାବାନଳଭରା । ମନ ଭିତରେ ବହିଯାଉଥିଲା ଅଶାନ୍ତ ଝଡ଼ । ସେ ଏକଦା କୌଣସି ଏକ କମ୍ପାନୀରେ ମେକାନିକ୍ କାମ କରୁଥିଲେ । ହଠାତ୍ ଦିନେ ଏକ ଗୁରୁତର ଦୁର୍ଘଟଣାରେ ତାଙ୍କର ଡାହାଣ

ରାମଦାସ ତୁମେ ହାରିଗଲ

ହାତ ସମ୍ପୂର୍ଣ୍ଣଭାବେ କଟିଗଲା—ତା'ପରେ ଏକାନ୍ତଭାବେ ସେ ହୋଇପଡ଼ିଲେ ଅସହାୟ । ଜୀବନର ବୋଝ ବୋହିବାର ସାହସ ବା ଶକ୍ତି ଏବେ ଆଉ ତାଙ୍କର ନାହିଁ । ସେ ଭାଙ୍ଗି ପଡ଼ି-ଥିଲେ—ବଞ୍ଚିବାର ସମସ୍ତ ପାଥେୟ ତାଙ୍କର ସରି ସରି ଆସୁଛି—ହତାଶା ଆଉ ନିରାଶାର ଦୋଛକ ଜାଗାରେ ନିଜକୁ ସେ ଖୁବ୍ ଅସହାୟ ଅନୁଭବ କରୁଥିଲେ । ଅନୁଭବ କରୁଥିଲେ ନିଃସଙ୍ଗତାର ସ୍ପର୍ଶ । ଆତ୍ମହତ୍ୟା କରିବାର ପ୍ରବୃତ୍ତି ତାଙ୍କୁ ହୁଏତ ଅନେକ ସମୟରେ ବିବ୍ରତ କରିଛି । ଧୀରେ ଧୀରେ ଟେବୁଲ ଉପରୁ ମୁହଁ ଉଠାଇଲେ । ସେତେବେଳେ ତାଙ୍କ ମୁଖମଣ୍ଡଳରେ ଫୁଟି ଉଠୁଥିଲା କିଛିଟା ରୁକ୍ଷତା, କିଛିଟା ଦୃଢ଼ତା, ଆଉ କିଛିଟା ଯନ୍ତ୍ରଣାର ପ୍ରଲେପ । ନିଜ ଭିତରେ ସୃଷ୍ଟି ହୋଇଥିବା ଝଡ଼ ହଠାତ୍ ଆତ୍ମପ୍ରକାଶ କଲା —ସେ ଯେପରି ଶୁଣି ପାରିଲେ···]

Voice—ତମେ ଆଜି ଅଥର୍ବ ।

ରାମ—(କ୍ଷୀଣ ସ୍ୱରରେ) ହଁ, ମୁଁ ଆଜି ଅଥର୍ବ ।

Voice—ତମେ ଆଜି ପଙ୍ଗୁ ।

ରାମ—(କମ୍ପିତ ଉଚ୍ଚସ୍ୱରରେ) ହଁ, ମୁଁ ଆଜି ପଙ୍ଗୁ ।

Voice—ତମେ ଆଜି invalid.

ରାମ—ହଁ, ମୁଁ ଆଜ invalid. Completely invalid. ମୋର ଅତି ଆପଣାର ସେଇ ଡାହାଣ ହାତଟିକୁ ମୁଁ ସବୁଦିନ ପାଇଁ ହରେଇ ବସିଛି । ସେଇ ଲୌହ ଦାନବର ନିଷ୍ଠୁର ଆଘାତରେ ମୋର ପ୍ରାଣର ପ୍ରିୟ ସେଇ ବଳିଷ୍ଠ ହାତଟା ସବୁଦିନ ପାଇଁ ଚୂନା ହୋଇଯାଇଛି ।

Voicc—ତମର ବଞ୍ଚି ଲଭ କ'ଣ ?

ରାମ—ହଁ, ମୋର ବଞ୍ଚିରହି ଲଭ କ'ଣ ? ଗୋଟାଏ ଦୁର୍ବିଷହ ଜୀବନର ମର୍ମାନ୍ତିକ ଯନ୍ତ୍ରଣା ନେଇ କାହିଁକି ବା ବଞ୍ଚିରହିବି ?

Voice—କେହି ତୁମକୁ ଦୟା କରିବେନି । କେହି ତୁମକୁ ସହାନୁଭୂତି ଦେଖାଇବେନି । କାହାରି ଆଖିରୁ ତମ ପାଇଁ ଟୋପାଏ ହେଲେ ବି ସମବେଦନାର ଲୁହ ଝରିବନି ।

ରାମ—ସମସ୍ତେ ହସିବେ; ମୋର ଅସହାୟତାର ସୁଯୋଗ ନେଇ ସମସ୍ତେ ଥଟ୍ଟା କରିବେ, ସମସ୍ତଙ୍କ ଆଖିରେ ମୁଁ ହେବି ଘୃଣାର ପାତ୍ର, ସେମାନଙ୍କର କରୁଣାର ଭିକାରି ।

Voice—ଏ ଦୁନିଆଟା ଖୁବ୍ ସ୍ୱାର୍ଥପର ।

ରାମ—ଏ ଦୁନିଆଟା ଗୋଟାଏ ରଙ୍ଗମଞ୍ଚ ।

Voice—ତମର ଅଭିନୟ ସରିଯାଇଛି, ରାମ ଦାସ ! ଜୀବନ-ନାଟକର ମଧ୍ୟାନ୍ତରରେ ତୁମର ଅକାଳ ମୃତ୍ୟୁ ଘଟିଛି । ତମ ଜୀବନରେ ସୂର୍ଯ୍ୟାସ୍ତ କେବେହେଲେ ଆସିବନି, ରାମ ଦାସ, ଜୀବନର ମଧ୍ୟାହ୍ନରେ ସେ ସୂର୍ଯ୍ୟଟା ମରିଯାଇଛି ।

ରାମ—(ତିକ୍ତ ଅନୁଭବ କରି) ଗୋଟାଏ ଅଲୋଡ଼ା ଜୀବନର ସ୍ୱାକ୍ଷର ବହନ କରି ମୁଁ ଆଉ ବଞ୍ଚିବାକୁ ଚାହେଁ ନା ।

Voice—(ଗୁରୁଗମ୍ଭୀର ସ୍ୱର) ଶ୍ରାବଣୀ ଝଡ଼ ଆଜ ତାର ପକ୍ଷ ବିସ୍ତାର କରିଛି । କାଠଯୋଡ଼ିରେ ପ୍ରଳୟଙ୍କରୀ ବନ୍ୟାର ଉଚ୍ଛ୍ୱଳ ଲହରୀ । ସେଇ ମହାପ୍ରଳୟର କରାଳ ଗ୍ରାସରେ ନିଜକୁ ହଜେଇ ଦିଅ, ନିଜକୁ ହଜେଇ ଦିଅ, ନିଜକୁ ହଜେଇ ଦିଅ ରାମଦାସ ! ତମ ଜୀବନର ସବୁ ରଙ୍ଗ ଆଜି ଲିଭିଯାଇଛି···(crash)

ରାମ—(ଉପୃଷ୍ଟିତ ହୋଇ) ସଲିଳ ସମାଧି···କିନ୍ତୁ···

Voice—ଓ, ତୁମର ସ୍ତ୍ରୀ ଓ ପିଲାମାନଙ୍କ କଥା ଭାବୁଛ ?

ରାମ—ହଁ, ମୋର ସ୍ତ୍ରୀ·· ସେ ମତେ ବହୁତ ଭଲପାଏ । ଆଉ ମୋର ପିଲାମାନେ···ସେମାନେ କେତେ ଶାନ୍ତ, କେତେ ସରଳ ! ସଜଫୁଟା ରକ୍ତ ଗୋଲାପ ଭଳି ସେମାନେ ନିଷ୍ପାପ, ନିରୀହ । ସେମାନଙ୍କୁ ଛାଡ଼ି···

Voice—ସେମାନଙ୍କର ଅଭିନୟ ଏବେ ବି ସରିନି, ରାମ ଦାସ ! ଯବନିକା ପଡ଼ିବାକୁ ଅନେକ ଡେରି ଅଛି ।

ରାମ—(ଚିତ୍କାର କରି ଉଠିଛନ୍ତି) ନା, ନା, ନାଟକ ଶେଷ ହୋଇ-ଯାଇଛି । ଆଉ ଟିକିଏ ପରେ ମୁଁ ତା'ର ଶେଷ ଯବନିକା ଟାଣି ଦେବି···ସବୁ ଶେଷ ହୋଇଯିବ । ଜୀବନର ସ୍ୱାଦ ତ ଅନେକ ଚାଖିଲି, ଖାଲି ବାକି ଅଛି ମରଣର ନିବିଡ଼ ଆଶ୍ଳେଷ, ହୁଏତ ଅନେକ ଯନ୍ତ୍ରଣା ।

Voice—ହୁଏତ ଅନେକ ଶାନ୍ତି···ପ୍ରଶାନ୍ତିର ନଦୀବକ୍ଷରେ ମୁକ୍ତିର ସ୍ୱର୍ଣ୍ଣ କମଳ । Get ready···କାଠଯୋଡ଼ିରେ ପ୍ରଳୟଙ୍କରୀ ବନ୍ୟା । ଫୁଲି ଫୁଲି ନାଚୁଛି କାଠଯୋଡ଼ିର ଗୋଳିଆ ପାଣି । ଅନ୍ଧକାରର

ଚକାଭଉଁର ଭିତରେ ସଲିଲ ସମାଧି···ଅନ୍ଧକାରର ଚକାଭଉଁର ଭିତରେ ସଲିଳ ସମାଧି ।

[ରାମ ଦାସଙ୍କର ଦୃଷ୍ଟି ସ୍ଥିର ହୋଇଯାଇଛି । ମନ ଭିତରେ ଅଶାନ୍ତ ଝଡ଼]

(Music)

[ଏହି ସମୟରେ ପଶିଆସିଲେ ସରିତା— ରାମ ଦାସଙ୍କର ପତ୍ନୀ—ଅନନ୍ୟସୁନ୍ଦରୀ—ବୟସ ପ୍ରାୟ ୨୭/୨୮ ହେବ]

ସରିତା—(ପଶିଆସି ସ୍ୱାମୀଙ୍କୁ ଏପରି ଅବସ୍ଥାରେ ଦେଖି) କ'ଣ ହେଲା ? ଏମିତି ଚାହିଁରହିଛ ଯେ ?

ରାମ—(କିଛି ନ ଶୁଣିଲା ଭଳି) କାଠଯୋଡ଼ରେ ପ୍ରଳୟଙ୍କରୀ ବନ୍ୟା । ପଥରବନ୍ଧର ପଥର ସ୍ତୁପରେ ଅନେକ ଢେଉର ଧକ୍କା । ଆଉ ଟିକିଏ ପରେ ସେ ପଥରବନ୍ଧଟା ଭାଙ୍ଗିଯିବ । ଆଉ ତା'ପରେ···

ସରିତା—(ଆଶ୍ଚର୍ଯ୍ୟରେ) କ'ଣ ହୋଇଛି ତମର ? ଏଣୁ ତେଣୁ କ'ଣ ଏମିତି ଗପିଚାଲିଛ ?

ରାମ—ପଥରବନ୍ଧର ପଥର ସ୍ତୁପ ଆଜି ଭାଙ୍ଗି ଚୂରମାର ହୋଇଯିବ । ମାଡ଼ିଆସିବ ମହାପ୍ରଳୟର ଉତ୍ତାଳ ଲହରୀ ।

ସରିତା—(ରାମ ଦାସଙ୍କୁ ଜୋରରେ ହଲାଇ ଦେଇ) କ'ଣ ହୋଇଛି ? କ'ଣ ହୋଇଛି ତମର ? ?

ରାମ—(ସରିତାକୁ ଟିକିଏ ଚାହିଁ) Oh, ସରିତା ! Don't disturb me. ମୋ ସ୍ୱପ୍ନ ତୁମେ ଭାଙ୍ଗିବାକୁ ଚାହଁନା । ଦେଖିପାରୁଛ

ସରିତା ! ଶ୍ରାବଣର ଅଶାନ୍ତ ଆକାଶରେ ଅନେକ ମେଘର ଜୁଆର । ଶୁଣିପାରୁଛ, ଝଡ଼ର ବେହେଲରେ ଧ୍ୱଂସର ରାଗିଣୀ ? କାଠଯୋଡ଼ିରେ ଆଜ ପ୍ରଳୟଙ୍କରୀ ବନ୍ୟା । ତା'ର ସେ ଗୋଳିଆ ପାଣି ଆଜ ଫୁଲି ଫୁଲି ନାଚୁଛି ।

ସରିତା—(ଭୟ ଓ ଆତଙ୍କରେ) ହେ ଭଗବାନ ! ତମର ଏ କ'ଣ ହେଲା ? ତମେ···ତମେ କ'ଣ···

ରାମ—(କିଛିଟା ପ୍ରକୃତିସ୍ଥ ହୋଇ) ସରିତା ! ସରିତା, ମୋର କିଛି ହୋଇନି । ମୁଁ ଆଉ ବଞ୍ଚିବାକୁ ଚାହେଁ ନା । ମୁଁ ଚାହେଁ ମୁକ୍ତି । ମୁଁ ଚାହେଁ···

ସରିତା—ଛି, ତମେ ଯଦି ଏମିତି ପିଲାଙ୍କ ଭଳି ହେବ, ତେବେ ମିଠୁ ଆଉ ମିତାଙ୍କୁ ମଣିଷ କରିବ କିଏ ?

ରାମ—ମୁଁ ପାରିବିନି ସରିତା, ମୁଁ ପାରିବିନି । ବଞ୍ଚିବାର ସମସ୍ତ ପାଥେୟ ଆଜ ମୋର ଶେଷ ହୋଇଯାଇଛି । ମୁଁ ଆଜ ନିଃସ୍ୱ, କାଙ୍ଗାଳ, ଦରିଦ୍ର । ଏତେ ବଡ଼ ବୋଝ ବୋହି ବାଟ ଚାଲିବାର ଶକ୍ତି ଆଜ ମୋର ନାହିଁ । ମୋ କଥା ମାନିବ, ସରିତା ! କୁହ, ମାନିବ ନା···?

ସରିତା—କୁହ ।

ରାମ—ମୁଁ ଆଜ ମୋ ଜୀବନର ଚରମ ନିଷ୍ପତ୍ତି ନେଇଛି । ମୋର··· ମୋର ଗୋଟିଏ ଅନୁରୋଧ ରଖିବ ?

ସରିତା—ବୁଝିପାରୁନି, ହଠାତ୍ ଆଜ ତମର ଏ କ'ଣ ହେଲା ?

ରାମ - ହଠାତ୍ ନୁହେଁ, ସରିତା ! ଅନେକ ଦିନ ଧରି ମୋ ମନର ସେ ନିର୍ଜ୍ଜନ କୋଠରିରେ ଅବରୁଦ୍ଧ ହୋଇ ରହିଥିବା ଅଶାନ୍ତ ଝଡ଼

ଆଜ ଆତ୍ମପ୍ରକାଶ କରୁଛି । ଯାଅ ସରିତା, ପିଲାମାନଙ୍କୁ ମୋର ଆଜ ମନଭରି ଖାଇବାକୁ ଦିଅ । ସେମାନଙ୍କୁ ଭଲ ଜାମା ପିନ୍ଧାଇ ରଜାଘର ପିଲାଭଳି ସଜେଇ ଦିଅ···ଠିକ୍ ଯେମାନଙ୍କୁ ଯେମିତି ସଜେଇଦିଅ ସେମାନଙ୍କ ଜନ୍ମଦିନରେ । ଆଉ ତମେ ···ତମେ ବି ନିଜକୁ ସଜେଇନିଅ, ସରିତା ! ଆମ ଚଉଠି-ରାତିର ଅମୃତ ଲଗ୍ନରେ ଯେମିତି ନିଜକୁ ସଜେଇଥିଲ ଠିକ୍ ସେମିତି । ପାଦରେ ତମର ନାଲି ନାଲି ଅଳତା, କପାଳରେ ଟୋପି ଟୋପି ରକ୍ତ ଚନ୍ଦନର ତିଳକ, ହାତରେ ଅଇସୁଲକ୍ଷଣୀ ଶଙ୍ଖା, ସୀମନ୍ତରେ ସୋହାଗର ସିନ୍ଦୂର, ଆଉ କାଳକୃଷ୍ଣ କବରୀରେ ଧଳା ଯୂଥିକାର ସ୍ତବକ· ମତେ ଭାରି ଭଲଲାଗେ । ତମକୁ ମୋ ରାଣ ସରିତା, ଆଜ ତୁମେ ପୁଣି ଥରେ ପିନ୍ଧିବ ଆମ ବାସରରାତିର ବଉଳପାଟ···

ସରିତା—(କାନ୍ଦିଉଠିଲେ) ତମେ, ତମେ କ'ଣ···

ରାମ—କାଠଯୋଡ଼ିରେ ପ୍ରଳୟଙ୍କରୀ ବନ୍ୟା । ତାର ସେ ଗୋଳିଆ ପାଣି ଆଜ ଫୁଲି ଫୁଲି ନାଚୁଛି । ଆମେ ସମସ୍ତେ ଯିବା, ସରିତା ! ତମେ, ମୁଁ, ମିଣ୍ଟୁ ଆଉ ମିତା ସମସ୍ତେ ଯିବା···ଆଉ ତା' ପରେ···

ସରିତା—(ଆତଙ୍କିତ ହୋଇ) ତା'ପରେ ??

ରାମ—ଏଇ ରାତି ହବ ଆମ ସମସ୍ତଙ୍କ ଜୀବନର ଶେଷ ରାତି ।

ସରିତା—(ଚିତ୍କାର କରିଉଠିଛି) ନା, ତା ହୋଇପାରେ ନା ।

ରାମ—ସରିତା ! ଯୋଉ ହାତରେ କାଖେଇ କୋଳେଇ ମିଣ୍ଟୁ ଆଉ ମିତାଙ୍କୁ ଏତ୍ତୁଟିରୁ ଏତ୍ତେଟିଏ କରିଥିଲି ଆଜ ସେଇ ହାତରେ, ମୁଁ ତାଙ୍କୁ ଦେବି ସଲିଳ ସମାଧି···ମହାନଦୀ ।

ସରିତା—ନା, ନା···

ରାମ—ତା'ପରେ ତମେ ଆଉ ମୁଁ । କାଠଯୋଡ଼ିରେ ପ୍ରଳୟଙ୍କରୀ ବନ୍ୟା । ତା'ର ସେ ଗୋଳିଆ ପାଣି ଆଜ ଫୁଲି ଫୁଲି ନାଚୁଛି । ତା'ର ସେ ଅଶାନ୍ତ ଗର୍ଭରେ ଆମେ ସମସ୍ତେ ନିଜକୁ ଢାଳେଇ ଦେବା··· ମହାନିଦ୍ରା···ମୁକ୍ତି ।

ସରିତା—(ଏଥର ଦୃଢ଼ ଭାବରେ) ନା, ତା ହୋଇପାରେନା । ଜୀବନ-ସଂଗ୍ରାମରେ ହାରିଯାଇଛ ବୋଲି ତୁମେ ଆତ୍ମହତ୍ୟା କରିବ ? ତମେ କ'ଣ ପାଗଳ ହେଲ···?

ରାମ—ହଁ ସରିତା, ମୁଁ ହୁଏତ ପାଗଳ ହୋଇଯାଇଛି । ମୁଁ ମରିବା ପାଇଁ ପାଗଳ, ଆଉ ତୁମେ ବଞ୍ଚିବା ପାଇଁ···ଆମେ ଦୁହେଁ ପାଗଳ । ଜୀବନର ଏ ଦୁର୍ବିଷହ ବୋଝ ବହନ କରି ବଞ୍ଚିବାରେ କ'ଣ ସ୍ୱାଦ ଅଛି, କହିପାରିବ ? କହିପାରିବ ଏ ଯନ୍ତ୍ରଣାଜର୍ଜରିତ ଜୀବନ ନେଇ ବଞ୍ଚିରହିଲେ ତମେ କି ଲାଭ ପାଇବ ?

ସରିତା—ତମେଇ ସେଦିନ କହୁଥିଲ ନା ମିଣ୍ଟୁ ମିତା ମଣିଷ ହେବେ, ନାଁ କରିବେ ?

ରାମ—ସେଦିନ ମୁଁ ସ୍ୱପ୍ନ ଦେଖୁଥିଲି, ସରିତା ! ଆଉ ଆଜି···

ସରିତା—ସେ ସ୍ୱପ୍ନକୁ କ'ଣ ତୁମେ ସାର୍ଥକ ହେବାକୁ ଦେବନି ? ମୋ ପିଲାଙ୍କୁ ମଣିଷ କରିବନି ? ଯେତେ ଯାହା ହେଲେ ବି ସେମାନଙ୍କ ପାଇଁ ତୁମକୁ ବଞ୍ଚିରହିବାକୁ ପଡ଼ିବ । ତୁମକୁ ମୋ ରାଣ, ତୁମକୁ ମୋ ପିଲାଙ୍କ ରାଣ, ଭାଙ୍ଗି ପଡ଼ନି । କେଇଟା ଦିନରେ ଆମର ଏ ଉଜୁଡ଼ା ସଂସାର ପୁଣି ହସିଉଠିବ । ମିଣ୍ଟୁ ଆଉ ମିତା ନିଶ୍ଚୟ ମଣିଷ ହେବେ । ତାଙ୍କୁ ତୁମେ ଆଶୀର୍ବାଦ କର ।

ରାମ—ମୁଁ ତାଙ୍କୁ ଆଶୀର୍ବାଦ କରିବି ! ଗୋଟାଏ କାଙ୍ଗାଳ ବାପ ତା'ର ପିଲାମାନଙ୍କୁ ଆଶୀର୍ବାଦ କରିବ ! ସେମାନେ ରାସ୍ତାରେ ରାସ୍ତାରେ ଭିକ ମାଗିବେ, ସରିତା ! ଗଣ୍ଡାଏ ବାସି ଭାତ ଆଉ ଖଣ୍ଡେ ପଚ୍ଚ ରୁଟି ପାଇଁ ସେମାନେ ବାରଦ୍ୱାରରେ ହାତ ପତାଇବେ । ପେଟ ପାଇଁ ଶେଷରେ ସେମାନେ ଚୋରି କରିବେ । ଡକାଏତ ହେବେ । ନା, ନା, ସରିତା, ସେମାନେ ମରିଯିବା ଭଲ । I can't tolerate that···

ସରିତା – (ଦୃଢ଼ ସ୍ୱରରେ) କିଛି ହବନି । ମୁଁ ଏବେ ବି ମରିଯାଇନି । ମୁଁ ଚାକିରି କରିବି । ଯାହାଙ୍କୁ ରକ୍ତ ଦେଇ ଜନ୍ମ ଦେଇଛି ତାଙ୍କୁ ଜୀବନ ଦେଇ ବଞ୍ଚାଇ ରଖିବି । ହଁ, ମୁଁ ଚାକିରି କରିବି । ନିଶ୍ଚୟ ଚାକିରି କରିବି ।

ରାମ— ତମେ ଚାକିରି କରିବ !

ସରିତା—ହଁ, ମୁଁ ଚାକିରି କରିବି ।

ରାମ—(ଜୋରରେ ହସିଉଠିଲେ)

ସରିତା—କଣ ହେଲା ? ଏମିତି ହସିଲ କାହିଁକି ?

ରାମ—ତମକୁ ନିଶ୍ଚୟ ଚାକିରି ମିଳିବ, ସରିତା, କିନ୍ତୁ ତୁମର ଯୋଗ୍ୟତା ପାଇଁ ନୁହେଁ···

ସରିତା—ମାନେ ?

ରାମ—ତମ ଦେହରେ ଏବେ ବି ଯୌବନର ଅପୁରନ୍ତ ଜୁଆର ମଉଳି-ଯାଇନି । ଏବେ ବି ତମର ସେ ତନ୍ଦ୍ରାଳସା ତନୁଶ୍ରୀରେ ଲାବଣ୍ୟର ଝରଣା···

ସରିତା—ତମେ ଏତେ mean···ତମେ ମତେ ସନ୍ଦେହ କରୁଛ ? ତମେ ଏତେ ସଙ୍କୀର୍ଣ୍ଣମନା···ଏ ଧାରଣା ମୋର ନ ଥିଲା ।

ରାମ—ନା, ସରିତା, ମୁଁ ତୁମକୁ ଭଲପାଏ···ପ୍ରାଣଭରି ଭଲପାଏ । ମୁଁ ତୁମକୁ ସନ୍ଦେହ କରୁନି, ସନ୍ଦେହ କରୁଛି ଆଜିର ଏ ଜାରଜ ସଭ୍ୟତାକୁ···ସମାଜର ପ୍ରତିଷ୍ଠିତ ବଡ଼ପଣ୍ଡାମାନଙ୍କୁ, ଆଉ ସେଇ ନାଗମାଂସଲୋଲୁପ ଜାନୁଆର ଦଳଙ୍କୁ ଯୋଉମାନେ ଚାକିରିର ଲୋଭ ଦେଖାଇ ସଂଖ୍ୟାହୀନ କୁଳବଧୂଙ୍କୁ ପଥହରା କରିଛନ୍ତି । କେତେ ଯେ କୁମାରୀ ଆଜି ସେମାନଙ୍କର ପ୍ରଲୋଭନର ଶିକାର ହୋଇ ସେମାନଙ୍କ କୁମାରିତ୍ୱ ହରେଇଛନ୍ତି ତାର କଳନା ନାହିଁ ।

ସରିତା—ହୋଇପାରେ । ତଥାପି ମୁଁ ଚାକିରି କରିବି···ମୋ ମନର ଅଟଳ ଆତ୍ମବିଶ୍ୱାସ ଆଉ ପବିତ୍ରତା ନେଇ ମୁଁ ଚାକିରି କରିବି ମୋ ପିଲାମାନଙ୍କୁ ମଣିଷ କରିବାପାଇଁ ।

ରାମ—ତମେ ହାରିଯିବ ସରିତା, ତମେ ପାରିବନି । ଥରେ ସେମାନଙ୍କର ନାଗପାଶରେ ଛନ୍ଦିହୋଇଗଲା ପରେ ଶତଚେଷ୍ଟା କଲେ ବି ମୁକ୍ତି ଅସମ୍ଭବ । ତମର ସବୁ ଗର୍ବ, ସବୁ ଆତ୍ମବିଶ୍ୱାସ ଆଉ ପବିତ୍ରତା କେଇଟା ମୁହୂର୍ତ୍ତରେ ସେମାନେ ଧୂଳିସାତ୍ କରିଦେବେ । ଅକ୍ଟୋପାସ୍ ଭଳି ସେମାନେ ତମକୁ ଘେରିଯିବେ । ତମର ନିଃସହାୟ ଆର୍ତ୍ତଚିତ୍କାର ଶୁଣିବାକୁ କେହି ଜଣେ ହେଲେ ବି ଆଗେଇ ଆସିବେନି ।

ସରିତା—ଆଉ ତମେ କଣ ଚାହଁ ତମର ପିଲାମାନେ ଭୋକ ଉପାସରେ ଏମିତି ଛଟପଟ ହୋଇ ମରିବେ···?

ରାମ—କ୍ଷତି କଣ ? ମା'ର ଇଜ୍ଜତବିକା ପଇସାରେ ବଞ୍ଚିବା ଅପେକ୍ଷା ମରିଯିବା ଯଥେଷ୍ଟ ଭଲ । ଆଉ ସେଇଥିପାଇଁ ମୁଁ ଚାହେଁ···

ସରିତା—ତୁମେ ଚୁପ କର । ତମକୁ ଟିକିଏ ଲଜ୍ଜା ଲାଗୁନି ଏକଥା କହିବାକୁ ? ଯଦି ପୋଷିବାର ଶକ୍ତି ନ ଥିଲା ତେବେ ବିବାହ କରୁଥିଲ କାହିଁକି ? ତା ପୂର୍ବରୁ ଆତ୍ମହତ୍ୟା କଲନି କାହିଁକି ? ତମେ ଭୀରୁ, ତମେ କାପୁରୁଷ···

ରାମ—ସରିତା···

(ଏହି ସମୟରେ ବାହାରେ "ଦାସବାବୁ ଘରେ ଅଛନ୍ତି ?")

ତମେ ଭିତରକୁ ଯାଅ ସରିତା, ବୋଧହୁଏ Mr. Sarma ଆସିଛନ୍ତି ।

(ସରିତା ଭିତରକୁ ଚାଲିଗଲେ । ଆସିଛନ୍ତି Mr. Sarma—କମ୍ପାନୀର Asst. Manager)

ରାମ (ତାଙ୍କୁ ଦେଖି, ଉତ୍ତ୍ୟକ୍ତ ଭାବେ) ଆପଣ ? ଆପଣ ପୁଣି କାହିଁକି ? କଣ ଆଉ ବାକି ଅଛି ଯେ ଦେଖିବାକୁ ଆସିଛନ୍ତି ?

Mr. Sarma—ମତେ ଆପଣ ଭୁଲ ବୁଝିବେନି ଦାସବାବୁ, I am undone···

ରାମ—ମଣିଷ ଚିହ୍ନିବାରେ ମୋର କେବେ ଭୁଲ ହୁଏନା, Mr. Sarma. ମୁଁ ସବୁ ଜାଣେ, ଆପଣଙ୍କ ପାଇଁ ମୋ କ୍ଷତିପୂରଣ ଦରଖାସ୍ତ Managing Director ନାମଞ୍ଜୁର କରିଦେଲେ । ମୋ ଭଳି ଗୋଟାଏ ଗରିବର ସଂସାରକୁ ଉଚ୍ଛନ୍ନ କରିଦେଇ ଆପଣଙ୍କର କେତେ ଲାଭ ହୋଇଛି ତାର ହିସାବ ଆଗାମୀ କାଳର ଇତିହାସ କହିବ । କିନ୍ତୁ ମୁଁ ଅଭିଶାପ ଦଉଛି Mr. Sarma, ମୋର ପିଲାଙ୍କ ଭଳି ଆପଣଙ୍କର ପିଲାମାନେ ଭୋକ ଉପାସରେ ଛଟପଟ ହେଇ ମରିବେ । ଆପଣଙ୍କ ସ୍ତ୍ରୀ ଆଖିରୁ ଝରିବ ତତଲା ଲୁହର ଧାର···ଠିକ୍ ଯେମିତି ଆଜି ମୋ ସ୍ତ୍ରୀ ଆଖିରୁ ଝରୁଛି ।

Mr. Sarma—ଦାସବାବୁ ! Don't talk nonsens·. କଣ୍ଟି ନ ଜାଣି ଆକ୍ଷେପ କଲେ ଏ ଦୁନିଆ ଆପଣଙ୍କୁ ପାଗଳ ବୋଲି କହିବ । I have come to help you. ବହୁତ କଷ୍ଟରେ Managing Directorଙ୍କୁ ରାଜି କରାଇ ଆପଣଙ୍କ ପାଇଁ ଦୁଇ ହଜାର ଟଙ୍କା ଆଣିଛି···ଏଇ ନଅନ୍ତୁ ।

ରାମ—(ତାଚ୍ଛଲ୍ୟରେ) ଦୁଇହଜାର ଟଙ୍କା···good···very good Mr. Sarma, ଆପଣଙ୍କର Managing Director ଭାରି ଭାରି ଦୟାଳୁ । ତାଙ୍କର ଏ ବଦାନ୍ୟତା ପାଇଁ ଅଶେଷ ଧନ୍ୟବାଦ । ଆଚ୍ଛା Mr. Sırma, ସେଦିନ ସେ ଦୁର୍ଘଟଣାରେ ମୋର ଏ ମୁଣ୍ଡଟା ଯଦି କଟିଯାଇଥାନ୍ତା ଆପଣଙ୍କର ସେ ଦୟାଳୁ Managing Director କେତେ ଟଙ୍କା ଦାନ ଦେଇଥାନ୍ତେ କହିପାରିବେ ?

Mr. Sarma—ଦାସବାବୁ··· !

ରାମ—Get out···get out Mr. Sarma, ମୁଁ କାହାର ଦୟାର ଭିକାରି ନୁହେଁ । Take your money···(କହି ନୋଟ ବଣ୍ଡଲଟା Mr. Sarmaଙ୍କ ମୁହଁ ଉପରକୁ ଫିଙ୍ଗିଦେଲେ ।)

Mr. Sarma—All right···(କହି ନୋଟ ବଣ୍ଡଲଟା ତଳୁ ଗୋଟାଇ ରାଗ ତମତମ ହୋଇ ଚାଲିଗଲେ । ସେ ଚାଲିଯିବା ପରେ···)

ରାମ—ଶୁଣୁଛ, ଶୁଣୁଛ ସରିତା, ଗୋଟାଏ ଜଅନ୍ତା ମଣିଷର କଟା ହାତର ମୂଲ୍ୟ ହେଉଛି ଦୁଇହଜାର ଟଙ୍କା···!

(କହି ଖୁବ୍ ଜୋରରେ ହସିଉଠିଲେ)

ମଞ୍ଚର ଆଲୋକ ଲିଭିଗଲା

ଦ୍ୱିତୀୟ ଦୃଶ୍ୟ

[ରଜତ ଚୌଧୁରୀଙ୍କର ପ୍ରାଇଭେଟ ରୁମ୍‌ରେ—ସମୟ ସନ୍ଧ୍ୟା ୮ଟା—ରଜତ ଚୌଧୁରୀ "ବିଜୟ୍ା ଏଣ୍ଟରପ୍ରାଇଜରସ୍ ପ୍ରାଇଭେଟ ଲିମିଟେଡ୍"ର Managing Director—କକ୍ଷଟିର ସାଜସଜ୍ଜା ଆଧୁନିକ ଧରଣର । ପାଖରେ ଥିଲେ ନିତା—ସୁନ୍ଦରୀ ତରୁଣୀ—ବୟସ ପ୍ରାୟ ୨୫—ରଜତ ଚୌଧୁରୀଙ୍କର ପରସନାଲ୍ ସେକ୍ରେଟାରୀ ତଥା ଷ୍ଟେନୋ । ମଞ୍ଚରେ ଆଲୋକ ଜଳିଲାବେଳକୁ ଦେଖାଗଲା ରଜତ ଚୌଧୁରୀ ମନଖୋଲି ହସ ହସୁଥିଲେ । ରଜତ ଯୁବକ—ବୟସ ପ୍ରାୟ ୨୮]

ରଜତ—(ହସି ହସି) ୱେଲ···ୱେଲ ନିତା, you are wonderful. ପଟ୍ଟନାୟକ ଯେ ଏତେ ସହଜରେ contract bondରେ sign କରିବ ଏ ଆଶା ମୋର ନ ଥିଲା । କଣ ତାକୁ ହିପ୍‌ନୋଟାଇଜ୍ କରିଦେଲ, ନା ?

ନିତା—(ଚିପି ଚିପି ହସୁଥିଲା) Contract Bondରେ sign କରିବାକୁ ତାଙ୍କୁ ମୋଟେ କେଇଟା ସେକେଣ୍ଡ ବି ଲାଗିଲା ନାହିଁ । ଲୋକଟା ନିହାତି ସିମ୍ପଲ୍‌ଟନ୍ ।

ରଜତ—I see···ଖୁବ୍ ସହଜରେ ତୁମ ପାଖରେ ଧରା ଦେଲ ନା ! ଦୀର୍ଘ ଦୁଇ ମାସ ଧରି ମୁଁ ଯାହା କରିପାରି ନ ଥିଲି ମାତ୍ର କେଇଟା ମୁହୂର୍ତ୍ତ ଭିତରେ ତମେ ତା କରିପାରିଲ···ଏଁ !

ନତା—ସବୁ ଆପଣଙ୍କର ଦୟା ରଜତବାବୁ···କଣ ବା ଏମିତି କଲି ଯେ··· ?

ରଜତ—ଆଃ ନତା, ତମର ସେ ଭଅଁରକଳା ଆଖି ଦୁଇଟାରେ କେତେ ଯେ ଆକର୍ଷଣ ! ସତରେ ନତା, ତୁମକୁ ଦେଖିଲେ ମନେହୁଏ···

ନତା—କଣ ?

ରଜତ --(ଟିକିଏ ହସି) କିଛି ନାହିଁ ।

ନତା—କହିବେ ନ ?

ରଜତ—ଶୁଣିବ ?

ନତା—ହୁଁ···(ଲଜେଇଯାଇ)

ରଜତ—ତୁମକୁ ଦେଖିଲେ ମନେ ହୁଏ, ତୁମେ ସତେ ଅବା ସେଇ ପ୍ରବାଳ ଦ୍ୱୀପର ଅନନ୍ୟସୁନ୍ଦରୀ ରାଜକୁମାରୀ ଯାହା ତନୁବଲ୍ଲରୀର ସାମାନ୍ୟ ସ୍ପର୍ଶ ପାଇଁ ସାରା ବିଶ୍ୱ ଦିନେ ପାଗଳ ହୋଇ ଉଠିଥିଲା···

ନତା—ଥାଉ । ଆପଣଙ୍କର ଖାଲି ସବୁବେଳେ ଥଟ୍ଟା ।

ରଜତ—ନା ନତା, ମତେ ବିଶ୍ୱାସ କର···I love you, ମୁଁ ତୁମକୁ ଭଲ ପାଏ ।

ନତା—ରଜତବାବୁ, ମୁଁ ଜଣେ ସାମାନ୍ୟ steno···ଆପଣଙ୍କ ପାଖରେ ଚାକିରି କରିଛି···

ରଜତ—ତଥାପି ନନ୍ଦା, ଏଇ ବଡ଼ଠ companyର Managing Director ରଜତ ଚୌଧୁରୀ ଆଜ ତମ ପାଖରେ ହାତ ପତାଇ ଭିକ୍ଷା ମାଗୁଛି ।

ନନ୍ଦା—ରଜତବାବୁ !

ରଜତ—ହଁ ନନ୍ଦା, ତମର ସେ ଭସାଣିଆ ଆଖିରେ ଭଲ ପାଇବାର ଅନେକ ତରଙ୍ଗ···ଦ୍ୱିଶାଯ୍ୟା ଜହ୍ନ ଭଳି ତୁମର ସେ ପତଳା ଓଠରେ ପ୍ରୀତିର ମଧୁଚନ୍ଦ୍ରିକା ମତେ ଦିନ ଦିନ ଧରି ପାଗଳ କରୁଛି । ମୁଁ ଆଉ ପାରୁନି ନନ୍ଦା···!

ନନ୍ଦା—(ଘଣ୍ଟା ଦେଖି) ରାତି ଆସି ଆଠଟା ହେଲାଣି । ବୋଉ ତେଣେ ମତେ ଅପେକ୍ଷା କରିଥିବ ।

ରଜତ—ଗୋଟିଏ ଅମାନିଆ ମନର ଅନେକ ଉତ୍ତେଜନା ନେଇ ଦିନ ଦିନ ଧରି ମୁଁ ବି ତୁମର ପ୍ରତୀକ୍ଷା କରୁଛି । ତମେ ଏତେ ପାଖରେ ଥାଇ ବି ମୋ'ଠାରୁ ଅନେକ ଦୂରରେ । ଆଜ ଭଳି ଗୋଟାଏ ଦିନ ଆମ ଜୀବନରେ ଆଉ କେବେ ହୁଏ ତ ଆସିବନି । ଅମର ପଚ୍ଚିନାଏକ contract bondରେ sign କଲି ପରେ ଆମର କେତେ ଲାଭ ହେଲା ଜାଣିଛ ? Ten lakhs.

ନନ୍ଦା—ଦଶ ଲକ୍ଷ !

ରଜତ—ହଁ ନନ୍ଦା, ଦଶ ଲକ୍ଷ । କଣ ଯେ ତୁମକୁ ଉପହାର ଦେବି ମୁଁ ଭାବିପାରୁନି, ନନ୍ଦା ! ଚାଲ···

ନନ୍ଦା—କୁଆଡ଼େ ?

ରଜତ—ଦେଖୁଛ ନନ୍ଦା, ଏ ରାତି ଆଜ ଅଭିସାରିକା । ଚନ୍ଦ୍ରମା ଆଜ ଲାଜକୁଳୀ । ତାରାଫୁଲରେ ସେ ସଜାଇଛି ତାର ବାସର

ଶେଯ । ଚାଲ ନୀତା, ଆଜ ରାତିଟା ଆମେ କଟେଇଦେବା Hotel Internationalର ବିଳାସକକ୍ଷରେ···ଢ଼ଅର··ରମ୍···ହୁଇସ୍କି···This night is dreamy, Neeta !

ନୀତା—ରଜତବାବୁ···(କ୍ଷୀଣ ପ୍ରତିବାଦ ସ୍ୱରରେ)

ରଜତ—ହଁ ନୀତା, ପ୍ରେମର ସେ ଅଶାନ୍ତ ଫଲ୍‌ଗୁ ଆଜ ଉଚ୍ଛୁଳି ଉଠିଛି ମୋ ମନର ସେ ଜୁଆରିଆ ବେଳାଭୂମିରେ ଭଲ ପାଇବାର ଅନେକ ସଙ୍ଗୀତ ଆଜ ସୁରଦ୍ୱନା ହୋଇଯାଇଛି । ଚାଲ ନୀତା, Let us go···

[କହି ନୀତାକୁ ନିଜ ଆଡ଼କୁ ଆଉଜାଇ ନେଲେ···ଯିବା ଉଦ୍ଦେଶ୍ୟରେ । ଏହି ସମୟରେ ପଶିଆସିଲେ ରଞ୍ଜନ ମଲ୍ଲିକ—କମ୍ପାନୀର ମୁଖ୍ୟ ଅଂଶୀଦାର ଓ ଅନ୍ୟତମ Director. ରଞ୍ଜନଙ୍କୁ ଦେଖି ରଜତ ନୀତାକୁ ଛାଡ଼ି ଦେଇଛନ୍ତି । ନୀତା ମଧ୍ୟ ଅପ୍ରସ୍ତୁତ ହୋଇଯାଇଛି]

ରଞ୍ଜନ—ନୀତା ! ଏଇଟା Managing Directorଙ୍କର Private chamber ଏ କଥା ଯେପରି ତୁମର ମନେ ରହେ । ରାତି ୮ଟା ବେଳେ ତୁମେ ଏଠି କାହିଁକି ?

ରଜତ—ଦେଖ୍ ରଞ୍ଜନ, କେତେଗୁଡ଼ାଏ urgent ଚିଠିର reply ଦବାର ଥିଲା···

ରଞ୍ଜନ—ମୁଁ ଏତେଟା ବୋକା ନୁହେଁ, ରଜତ ! ନୀତାକୁ ନେଇ ପ୍ରେମ କରିବାର ଯଦି ଏତେ ସଉକ ତେବେ ଯେକୌଣସି air-

conditioned hotelର ନିର୍ଜନ କକ୍ଷରେ ରହି ଯାପନ କରିପାରୁ, I have no objection. କିନ୍ତୁ···

ରଜତ – ରଞ୍ଜନ !

ନୀତା—ରଞ୍ଜନବାବୁ !

ରଞ୍ଜନ—ତୁ ଭୁଲିଯାଉଛୁ ରଜତ, ତୁ ହେଉଛୁ ଏ କମ୍ପାନୀର Managing Director, ଆଉ ନୀତା ଜଣେ ସାମାନ୍ୟ କର୍ମଚାରୀ । କମ୍ପାନୀ loss ସହିବ, ଆଉ ନୀତାର bank balance ବଢ଼ିବ ଏହା ମୁଁ ଚାହେଁ ନା ।

ରଜତ – ରଞ୍ଜନ ! ନୀତା ମୋର personal secretary. ଆଉ ମୋର ସ୍ୱାଧୀନତାରେ କେହି ହସ୍ତକ୍ଷେପ କରୁ ଏ କଥା ମୁଁ ମଧ୍ୟ ଚାହେଁ ନା ।

ରଞ୍ଜନ—ସ୍ୱାଧୀନତା···(ହସି) ରଜତ, ମୁଁ ଏ କମ୍ପାନୀର ମୁଖ୍ୟ ଏବଂ ଅଂଶୀଦାର ମୋର ଏଥିରେ 75% share ଅଛି ଏ କଥା ଯେପରି ତୋର ମନେ ରହେ । ତୁ ମୋର ବନ୍ଧୁ ହୋଇପାରୁ, but you are a p id servant. ନୀତାର ମାଂସଳ ଦେହ ଆଉ ଉଚ୍ଛୃଙ୍ଖଳ ଯୌବନକୁ ନେଇ ଖେଳ ଖେଳିବାର ତୋର ଯଦି ଏକାନ୍ତ ଇଚ୍ଛା ତା'ହେଲେ···

ନୀତା—ରଞ୍ଜନବାବୁ ! ଆପଣ ସୀମାବାହାରକୁ ଚାଲିଯାଉଛନ୍ତି । ଆପଣଙ୍କ କମ୍ପାନୀରେ ଚାକିରି କରିଛି ବୋଲି ଆପଣ ଅତି ଅଭଦ୍ର ଭାବରେ ମୋ ଚରିତ୍ର ଉପରେ ଆକ୍ଷେପ କରିବା ମୁଁ ପସନ୍ଦ କରେନା ।

ରଞ୍ଜନ—ନୀତା ! ମୁଁ ତୁମର ଅତୀତ ଜାଣେ, ନୀତା ! You are a divorcee. ନିଜର ବିବାହିତା ସ୍ୱାମୀକୁ ଛାଡ଼ପତ୍ର ଦେଇ ଯେ ଗୋଟାଏ ପରପୁରୁଷ ପାଖରେ ରାତ୍ରିଯାପନ କରିବାକୁ କୁଣ୍ଠାବୋଧ କରେନା ସେଭଳି ଗୋଟାଏ ଯୁବତୀର ଚରିତ୍ର ନେଇ ଗର୍ବ କରିବାର କିଛି ନାହିଁ ।

ନୀତା—ରଞ୍ଜନବାବୁ !

ରଜତ—ରଞ୍ଜନ ! ମୋର ବି ଏ କମ୍ପାନୀରେ 2 % share ଅଛି । କିଛିଟା ଦାବୀ ଆଉ କିଛିଟା ଅଧିକାର ବି ଅଛି । ମୁଁ ଚାହେଁ ନା ନୀତାକୁ କେନ୍ଦ୍ର କରି ଆମ ଭିତରେ ଗୋଟାଏ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେଉ । ଜାଣିଛୁ ରଞ୍ଜନ, କେବଳ ନୀତା ପାଇଁ ଆମର ପଚିଶୀଏକ contract bondରେ ଆଜି sign କରିଛୁ !

ରଞ୍ଜନ—ଜାଣେ । ମାତ୍ର ଦଶ ଲକ୍ଷ ଟଙ୍କାର profit ପାଇଁ ମୁଁ କମ୍ପାନୀର good will ନଷ୍ଟ କରିବାକୁ ଚାହେଁନା । ବିଜିନେସରେ ଥରେ କଳଙ୍କର କଳାଦାଗ ଲାଗିଗଲେ ସବୁଦିନ ପାଇଁ ଲକ୍ଷ୍ମୀ ଆମକୁ ଛାଡ଼ି ଚାଲିଯିବେ ।

ରଜତ—ସେ ଭରସା ତୁ ମୋ ଉପରେ ରଖିପାରୁ, ରଞ୍ଜନ ! ମୁଁ ଖାଲି ଜଣେ ଫରେନ୍ କ୍ୱାଲିଫାଏଡ୍ ଇଞ୍ଜିନିୟର ନୁହେଁ, ବିଜିନେସ୍ ମ୍ୟାନେଜମେଣ୍ଟରେ ଡକଟେରେଟ୍ କରିଛି । Without Neeta I can't manage the business.

ରଞ୍ଜନ—Business manage କରିବାକୁ Managing Director ଅଭାବ ରହିବେନି, ରଜତ !

ରଜତ—What ??

ରଞ୍ଜନ (ପ୍ରସଙ୍ଗ ବଦଳାଇ) ଦାସବାବୁଙ୍କର କ୍ଷତିପୂରଣ ଚେକ୍‌ଟା ପଠାହୋଇଯାଇଛି ?

ରଜତ—ନା, କ୍ଷତିପୂରଣ ପାଇବାକୁ ଆଇନତଃ ସେ ହକ୍‌ଦାର ନୁହେଁ । ନିଜର ଅସାବଧାନତା ପାଇଁ ସେ ସବୁଦିନ ଲାଗି ତା'ର ଡାହାଣ ହାତଟା ହରେଇ ବସିଛି । ସେଥିପାଇଁ କ୍ଷତିପୂରଣ ଦେବାକୁ କମ୍ପାନୀ ଦାୟୀ ନୁହେଁ । ମୁଁ ଅବଶ୍ୟ out of pity ଆମ personal cashରୁ ଦୁଇ ହଜାର ଟଙ୍କା Mr. Sarmaଙ୍କ ହାତରେ ପଠେଇ ଦେଇଛି ।

ରଞ୍ଜନ—ମୁଁ କିନ୍ତୁ ୨୦ ହଜାର ଟଙ୍କାର ଚେକ୍ ପଠାଇବାପାଇଁ କ୍ୟାସିଅରକୁ ନିର୍ଦ୍ଦେଶ ଦେଇଥିଲି ।

ରଜତ—ଜାଣେ । କିନ୍ତୁ ତା'ର ବ୍ୟକ୍ତିଗତ ଭୁଲ ପାଇଁ Company କ୍ଷତିପୂରଣ ଦେବ, ଏହା ମୁଁ ଚାହେଁ ନା ।

ରଞ୍ଜନ—ତୋର ଇଚ୍ଛା ଅନୁସାରେ ଏ କମ୍ପାନୀ ଚାଲିପାରେ ନା, ରଜତ ! You have to carry out my order.

ରଜତ—Certainly not.

ରଞ୍ଜନ—ରଜତ ! ପରିଣାମ ଚିନ୍ତା କରିପାରୁଛୁ ?

ରଜତ—ରଜତ ଚୌଧୁରୀ କୌଣସି ପରିଣାମକୁ ଭୟ କରି ତା'ର ନିଷ୍ପତ୍ତି ନିଏନା ।

ରଞ୍ଜନ—All right…(କିଛି ରାଗ ତମ ତମ ହୋଇ ରଞ୍ଜନ ମଲ୍ଲିକ ବାହାରିଗଲେ)

ନିତା—ଆପଣ ଏ କ'ଣ କଲେ, ରଜତବାବୁ ?

ରଜତ—ଭୟ ନାହିଁ, ନୀତା ! ରଜତ ଚୌଧୁରୀ ଏତେ ସହଜରେ କୌଣସି ବାଜି ହାରିନି କି ଆଜି ବି ହାରିବନି । I will teach him a lesson, Neeta ! ମୁଁ ତାକୁ ମୋ ରାସ୍ତାରୁ ସବୁଦିନ ପାଇଁ ସଫା କରିଦେବି ।

ନୀତା—(ଆତଙ୍କରେ) ରଜତବାବୁ !

ରଜତ—ଆସ ନୀତା ! Let us go···

(ନୀତାର ହାତ ଧରି ଭିତ୍ର ନେଇଗଲେ)

ମଞ୍ଚ ଅନ୍ଧାର

ତୃତୀୟ ଦୃଶ୍ୟ

[ରାମଦାସଙ୍କ ଘର । ଗୋଟିଏ ଖଟ ପଡ଼ିଥିଲା । ଖଟ ଉପରେ ଶୋଇଥିଲେ ରାମ ଦାସ । କାଠଯୋଡ଼ିକୁ ଡେଇଁ ଆତ୍ମହତ୍ୟା କରୁଥିଲାବେଳେ କେତେକ ଲୋକ ତାଙ୍କୁ ଉଦ୍ଧାର କରିଥିଲେ । ଦୀର୍ଘ ଦୁଇଦିନ ଅତିବାହିତ ହୋଇଥିଲେ ମଧ୍ୟ ତାଙ୍କର ଚେତା ଫେରି ନ ଥିଲା । ତାଙ୍କର ବିଛଣା ନିକଟରେ ଉତ୍କଣ୍ଠା ତଥା ଆକୁଳତା ନେଇ ଠିଆ ହୋଇଥିଲେ ମିଣ୍ଟୁ, ମିତା ଏବଂ ସରିତା । ଡାକ୍ତର ତାଙ୍କୁ ପରୀକ୍ଷା କରୁଥିଲେ । ସମସ୍ତଙ୍କ ଆଖିରେ କରୁଣା ଭୟ ଏବଂ ଆତଙ୍କରେ ଚିହ୍ନ]

ସରିତା—କ'ଣ ଦେଖିଲେ, ଡାକ୍ତରବାବୁ ? ସେ ଭଲ ହେଇଯିବେ ତ ?

ଡାକ୍ତର—ଭଗବାନଙ୍କ ଉପରେ ଭରସା ରଖନ୍ତୁ, Mrs. Das ! ମୋର ବିଶ୍ୱାସ ଖୁବ୍ ଶୀଘ୍ର ତାଙ୍କର ଚେତା ଫେରିଆସିବ । କିନ୍ତୁ···

ସରିତା—କିନ୍ତୁ···??

ଡାକ୍ତର—ଅତ୍ୟଧିକ ମାନସିକ ଉତ୍ତେଜନା ହେତୁ ତାଙ୍କର ଯଦି ମସ୍ତିଷ୍କରେ ରକ୍ତସ୍ରାବ ହେଇଥାଏ ତାହାହେଲେ···

ସରିତା—ତାହାହେଲେ ? କୁହନ୍ତୁ ଡକ୍ଟର, ନୀରବ ରହିଲେ କାହିଁକି ?

ଡାକ୍ତର ତାହାହେଲେ ବଞ୍ଚିବାର ଆଶା···

ସରିତା—ନା', ନା ଡକ୍ଟର ! ଆପଣ ଦୟା କରନ୍ତୁ । ଆପଣ ତାଙ୍କୁ ବଞ୍ଚେଇ ରଖନ୍ତୁ ଡକ୍ଟର ! ମୁଁ ଆପଣଙ୍କର ପାଦ ଧରୁଛି ।

ଡାକ୍ତର—ଧୈର୍ଯ୍ୟ ଧରନ୍ତୁ, Mrs. Das ! ମୁଁ ମୋର ଶେଷ ଚେଷ୍ଟା କରିସାରିଛି । ତେଣିକି ଭଗବାନଙ୍କର ଇଚ୍ଛା । ସେ ଚାହିଁଲେ ସବୁ ଆପେ ଆପେ ଠିକ ହେଇଯିବ ।

ସରିତା—(ଭଗବାନଙ୍କ ଉଦ୍ଦେଶ୍ୟରେ) ହେ ଭଗବାନ, ତୁମେଇ ମୋର ସାହା, ତୁମେଇ ମୋର ଭରସା । ଏତେ କଷ୍ଟ ଦେଲା ପରେ ବି ତମ ମନରେ କ'ଣ ଟିକିଏ ଦୟା ହେଉନି ? ମୋ ଭଳି ହତଭାଗିନୀର ବିକଳ ଡାକରେ ତମର ସେ ରତ୍ନସିଂହାସନ ଥରିଉଠୁନି ?

ମିଠୁ—ବାପାଙ୍କର କ'ଣ ହେଇଚି, ବୋଉ ? ସେ ଉଠୁନାହାନ୍ତି କାହିଁକି ?

ସରିତା—ଭଗବାନଙ୍କୁ ଡାକ୍ ବାପା ! ତୋ ବାପାଙ୍କୁ ସେ ଶୀଘ୍ର ଭଲ କରିଦିଅନ୍ତୁ···

ମିତା—ବୋଉ, ମୋ ସାଙ୍ଗ ଚନୁ କହୁଥିଲା ବାପା କୁଆଡ଼େ ନଈକୁ ଡେଇଁପଡ଼ି ମରିବାକୁ ଯାଉଥିଲେ । ସେ କାହିଁକି ନଈକୁ ଡେଇଁପଡ଼ିଲେ ବୋଉ ?

ସରିତା—(କାନ୍ଦଉଠି) ନାଇଁରେ ମା, ନଈକୂଳରେ ବୁଲୁ ବୁଲୁ ତାଙ୍କର ଗୋଡ଼ ଖସିଗଲା ।

ମିଣ୍ଟୁ—ବାପା କ'ଣ ଆଉ ଭଲ ହେବେନି, ବୋଉ ?

ସରିତା—ମିଣ୍ଟୁ ! (କୋଳେଇ ନେଲେ)

[ଏହି ସମୟରେ ହଠାତ୍ ଏକ ଆର୍ତ୍ତଚିତ୍କାର କରି ବିଛଣାରୁ ଉଠିପଡ଼ିଲେ ଶ୍ରୀରାମ ଦାସ । ତାଙ୍କ ସ୍ୱରରେ ଭରି ରହିଥିଲା ଏକ ଅସ୍ୱାଭାବିକ ଭୟାତୁର ମୂର୍ଚ୍ଛନା ।)

ଶ୍ରୀରାମ—(ଚିତ୍କାର କରି) ନା, ନା, ମତେ ଛାଡ଼ିଦିଅ । ମୁଁ ଆଉ ବଞ୍ଚିବାକୁ ଚାହେଁ ନା । ମତେ ଛାଡ଼ିଦିଅ, ମତେ ଛାଡ଼ିଦିଅ...

ସରିତା—ହେ ଭଗବାନ ! ହେ ଦୟାମୟ... (ଭଗବାନଙ୍କ ଉଦ୍ଦେଶ୍ୟରେ ପ୍ରଣାମ କଲେ)

ଡାକ୍ତର—ଦାସବାବୁ ! ଆପଣ ଅସୁସ୍ଥ । ଏଭଳି ଭାବରେ ଚିତ୍କାର କଲେ ପୁଣି ହୁଏତ...

ଶ୍ରୀରାମ—(ଡାକ୍ତରଙ୍କୁ ଚାହିଁ) ଆପଣ ? ଓ, ଡକ୍ଟର ! କିଏ କହିଲା ଆପଣଙ୍କୁ ମତେ ବଞ୍ଚାଇବାକୁ ? ସାମାନ୍ୟ କେଇଟା ଟଙ୍କା ପାଇଁ କାହିଁକି ଆପଣ ଏ ଭୁଲ କଲେ ? କେତେଥର ଏମିତି ମତେ ବଞ୍ଚେଇବେ ଆପଣ ? ମୁଁ ତ ଜାଣି ଜାଣି ଆତ୍ମହତ୍ୟା କରୁଥିଲି । **Why you saved me Doctor...?** ମୋ ଜୀବନର ତ ସବୁ ରଙ୍ଗ ଲିଭିଯାଇଛି ।

ଡାକ୍ତର—ସବୁ ଭଗବାନଙ୍କର ଇଚ୍ଛା, ଦାସବାବୁ !

ଶ୍ରୀରାମ—ଭଗବାନ ! କୋଉଠି ଥିଲେ ଆପଣଙ୍କର ଭଗବାନ, ଯେତେବେଳେ ମୋର ଏ ଡାହାଣ ହାତଟା କଟିଗଲା ? କୋଉଠି ଥିଲେ ଆପଣଙ୍କର ଭଗବାନ ଯେତେବେଳେ କ୍ଷତିପୂରଣ ପାଇଁ ମୁଁ ଦେଇଥିବା ଦରଖାସ୍ତଟାକୁ ସେ ସେଠାର Managing Director ହସି ହସି waste paper basket ଭିତରକୁ ଫିଙ୍ଗିଦେଲା ? ସବୁ···ସବୁ ଖାଲି ଗୋଟାଏ ଗଳ୍ପ ।

ଡାକ୍ତର—ନା, ଦାସବାବୁ ! ଆଜି ହୁଏତ ଆପଣ ଜୀବନକୁ ଆଉରି ହାରିଯାଇଛନ୍ତି । କିନ୍ତୁ କିଏ ଜାଣେ, କାଲି ହୁଏତ···

ଶ୍ରୀରାମ—ନା, ଡକ୍ଟର ! ମୋ ଜୀବନର ସେ ରଙ୍ଗୀନ୍ ସଣାପ କରେ ସବୁତକ ସାର ଆଜି ଅବଳ ହୋଇଯାଇଛି । ମତେ ଆପଣ ମାଫ୍ କରନ୍ତୁ ଡାକ୍ତରବାବୁ ! ମୁଁ ଆଉ ବଞ୍ଚିବାକୁ ଚାହେଁନା । ଲାଞ୍ଛନା, ନର୍ଯ୍ୟାତନା ଆଉ ଅପମାନର ଚାବୁକ ଖାଇ ଖାଇ ମୁଁ ବଞ୍ଚି ପାରିବିନି, ଡକ୍ଟର, ମୁଁ ବଞ୍ଚିପାରିବିନି ।

ସରିତା -(କାନ୍ଦି କାନ୍ଦି) ତୁମକୁ ମୋ ରାଣ । ତୁମକୁ ପିଲାଙ୍କ ରାଣ । ତୁମେ ଏମିତି ଅବୁଝା ହୁଅନା ।

ଡାକ୍ତର—ମୁଁ ଆସୁଛି, Mrs. Das ! ଏଣିକି ଆଉ ଭୟର କୌଣସି କାରଣ ନାହିଁ । (ଟିକିଏ ନିମ୍ନସ୍ୱର) କିନ୍ତୁ take proper care of him. ତାଙ୍କ ଚିତ୍ତରେ ଆତ୍ମହତ୍ୟା କରିବାର ପ୍ରବୃତ୍ତି ଯେପରି ଭାବରେ ଜେଗିଁ ଉଠିଛି ତାଙ୍କୁ ପାଦେ ପାଦେ ଜଗି ରହିବାକୁ ପଡ଼ିବ । ଆଚ୍ଛା, ମୁଁ ଆସୁଛି । ଯଦି ଦରକାର ହୁଏ ମତେ ଖବର ଦେବେ ।

(ସରିତା ନମସ୍କାର କଲେ ଏବଂ ଡାକ୍ତର ବିଦାୟ ନେଲେ ।)

ସରିତା - ଏଥର ଟିକଏ ବିଶ୍ରାମ ନିଅ । ଦି'ଦିନ ହେଲା କିଛି ଖାଇନ ।
ଟିକଏ ଚା ଆଣିବି ?

ଶ୍ରୀରାମ—ବିଶ୍ରାମ ! ବିଶ୍ରାମ ମୁଁ ନେଇଥିଲି ସରିତା ! କାହିଁକି ତମେ ମତେ ସେ ମହାନିଦ୍ରାରୁ ଉଠାଇଦେଲ ? କାହିଁକି ମୋ ମନରେ ଭରିଦେଉଛ ବଞ୍ଚିରହିବାର ପ୍ରେରଣା ? ମୁଁ ବଞ୍ଚିରହିଲେ ତୁମେ ସାରା ଜୀବନ ଧରି କାନ୍ଦିବ ସିନା, ହସି ତ ପାରିବନି ।

ସରିତା—ଏ ପିଲାଙ୍କ ମୁହଁକୁ ଟିକଏ ଚାହଁ । ଦେଖିଲ, ସେମାନଙ୍କ ଆଖିରେ କେମିତି ଲୁହ ଟଳମଳ ହେଉଛି । ବା'ପା ବା'ପା ବୋଲି ଦି'ଦିନ ହେଲା ଏମାନେ ଗଣ୍ଡାଏ ଭାତ ବି ଖାଇନାହାଁନ୍ତି ।

ଶ୍ରୀରାମ—ସରିତା ! ମୋ ପିଲାଏ ଉପାସ ଅଛନ୍ତି ? ଦି'ଦିନ ହେଲା ଭାତ ଗଣ୍ଡାଏ ଖାଇନାହାନ୍ତି ? ଆ ମା' ମିତା···ଆ ମିଠୁ···ଆ···!

[ମିଠୁ ଏବଂ ମିତା ଧୀରେ ଧୀରେ ରାମଙ୍କ ନିକଟକୁ ଆସିଛନ୍ତି ଏବଂ ଗୋଟାଏ ଆବେଗରେ ସେମାନଙ୍କୁ ଛାତିରେ ଚାପି ଧରିଲେ ରାମ ଦାସ । ଆଖିରୁ ଝରିଗଲା କେଇ ଟୋପା ଲୁହ···]

ତମପାଇଁ କିଛି କରିପାରିଲି ନି ରେ ମିଠୁ ! ମିଠୁ, ମୁଁ, ମୁଁ ତମର ଗୋଟାଏ ହତଭାଗା ବାପା ।

ମିଠୁ—ବାପା ! ତମେ କାନ୍ଦୁଛ, ବାପା ! (ମିତା ଲୁହ ପୋଛି ଦେଇଛି)

ସରିତା—ଏମାନଙ୍କୁ ଛାଡ଼ି ଚାଲିଯିବାକୁ ତମର ମନ ହଉଚି ?

ଶ୍ରୀରାମ—ସରିତା ! ମୁଁ ଗୋଟାଏ ବାପ, ସରିତା ! କୋଉ ବାପ କ'ଣ ତା' ପିଲାମାନଙ୍କର ଦୁଃଖ ସହ୍ୟ କରିପାରେ ! ମୋ ପିଲାଙ୍କ ଆଖିରୁ ମୋର ଆଗରେ ଲୁହ ଝରିବ, ମୁଁ ତା' ବରଦାସ୍ତ

କରିପାରିବନି, ସରିତା ! ସେଇମାନଙ୍କ ପାଇଁ ମୁଁ ବଞ୍ଚିବାକୁ ଚେଷ୍ଟା କରିବି । ମୋର ଡାହାଣ ହାତଟା ସିନା କଟିଯାଇଛି, ମୋ ବାଁ ହାତଟା ଏବେ ବି ମଜଭୁତ ଅଛି । ମୁଁ ମୂଲ ଲଗିବି, ସରିତା ! ମୋ ପିଲାଙ୍କ ପାଇଁ ମୁଁ ବୋଝ ବୋହିବି । ହଁ ସରିତା, ମୋ ପିଲାଙ୍କୁ ମୁଁ ବଞ୍ଚେଇ ରଖିବି । ସେମାନେ ମଣିଷ ହେବେ, ନାଁ କରିବେ, ମୋର ସ୍ୱପ୍ନ ନିଶ୍ଚୟ ସାର୍ଥକ ହେବ, ସରିତା, ନିଶ୍ଚୟ ସାର୍ଥକ ହେବ ।

[ସରିତା କାନ୍ଦି କାନ୍ଦି ତାଙ୍କ ଓଠରେ ଖେଳିଗଲା ହସର ଏକ କ୍ଷୀଣ ରେଖା । ଏହି ସମୟରେ ବାହାରେ ଶୁଭିଲା, "may I come in". କହି ପଶିଆସିଲେ ରଞ୍ଜନ ମଲ୍ଲିକ । ତାଙ୍କୁ ଶ୍ରୀରାମ ଆଶା କରୁ ନ ଥିଲେ ।]

ଶ୍ରୀରାମ—Sir, ଆପଣ !

ରଞ୍ଜନ—ମୁଁ ଖୁବ୍ ଦୁଃଖିତ, ଦାସବାବୁ ! ଏଇ ଦୁର୍ଘଟଣା ପାଇଁ କେବଳ ସମବେଦନା ଜଣାଇବା ଛଡ଼ା ମୁଁ ଆଉ କିଛି କରିପାରୁନି । କ'ଣ କହି ବା ଆପଣଙ୍କୁ ଆଶ୍ୱାସନା ଦେବି ?

[ରାମ ଦାସଙ୍କ ପାଖରେ ବସି ତାଙ୍କର ପିଠି ଆଉଁସି ଦେଲେ ।]

ଶ୍ରୀରାମ—ସବୁ ମୋ ଭାଗ୍ୟ, ମଲ୍ଲିକ ସାହେବ ! ମୋ ଜୀବନଟା ଯେ ଅଭିଶପ୍ତ । ତଥାପି ମୋ ଭଳି ଗୋଟାଏ ଅଭାଗା ପାଇଁ ଆପଣ ଯେଉଁ ସ୍ନେହ ଆଉ ସହାନୁଭୂତି ଦେଖାଇଛନ୍ତି ତା ମୋର ଚିରଦିନ ଲାଗି ମନେ ରହିବ ।

ରଞ୍ଜନ—(ହସି) ଏଇ ନଅନ୍ତୁ, ଦାସବାବୁ ! (କବ୍ଜ ପକେଟରୁ ଥୋଡ଼ାଏ ଶହେ ଟଙ୍କିଆ ନୋଟ୍ କାଢ଼ି ଶ୍ରୀରାମଙ୍କୁ ବଢ଼ାଇ-ଦେଲେ)

ଶ୍ରୀରାମ—ଏ କ'ଣ, Sir ?

ରଞ୍ଜନ—(ହସି) କିଛି ନୁହେଁ, ସାମାନ୍ୟ କେଇଟା ଟଙ୍କା । ମୁଁ ଜାଣେ ଦାସବାବୁ ! ଟଙ୍କାର ପାହାଡ଼ ଅଜାଡ଼ିଦେଲେ ବି ଆପଣ ଯେଉଁ ଅମୂଲ୍ୟ ସମ୍ପଦ ଆଜି ହରାଇବସିଛନ୍ତି ତା' ଆଉ ଫେରି ପାଇବେ ନା । ତଥାପି ଆପଣ ଆଇନତଃ କମ୍ପାନୀଠାରୁ କ୍ଷତି-ପୂରଣ ପାଇବାକୁ ହକ୍‌ଦାର । ଆଉ ସେଇଥିପାଇଁ ଏଇ କୋଡ଼ିଏ ହଜାର ଟଙ୍କା ।

ଶ୍ରୀରାମ—ମଲ୍ଲିକ ସାହେବ !

ରଞ୍ଜନ—ନଅ ଦାସବାବୁ, ଏହା ମୋର ଦାନ ନୁହେଁ, ଏହା ତୁମର ଦାବୀ ।

ଶ୍ରୀରାମ—(ଟଙ୍କା ଗ୍ରହଣ କରି) କିନ୍ତୁ Managing Director ଆଉ Mr. Sarma···

ରଞ୍ଜନ—ମୁଁ ସବୁ ଜାଣେ, ଦାସବାବୁ ! ଫରେନ୍‌ରୁ ଫେରିଲା ପରେ ମୁଁ ସବୁ ସମ୍ବାଦ ସଂଗ୍ରହ କରିଛି । ସେଥିପାଇଁ ତୁମର ଚିନ୍ତା କରିବା ଦରକାର ନାହିଁ । I will set both of them right. ସେମାନେ ମଣିଷ ନୁହଁନ୍ତି ଦାସବାବୁ, ସେମାନେ ପଶୁ । ମଣିଷ-ପଣିଆ ସେମାନଙ୍କଠାରୁ ଅନେକ ଦୂରରେ । (ସରିତାକୁ ଲକ୍ଷ୍ୟ କରି) ହଁ, ଦାସବାବୁ, ଇଏ ବୋଧହୁଏ···

ଶ୍ରୀରାମ—ମୋର ସ୍ତ୍ରୀ ସରିତା ।

ରଞ୍ଜନ—(ଟିକିଏ ଭାବି) ଦାସବାବୁ, if you do'nt mind, ଗୋଟାଏ କଥା କହିବି ?

ଶ୍ରୀରାମ—କୁହନ୍ତୁ Sir, mind କରିବାର କ'ଣ ଅଛି ?

ରଞ୍ଜନ—ତମର ଏଇ ଚରମ ଦୁର୍ଦ୍ଦିନରେ ମୁଁ ଯଦି କିଛି ସାହାଯ୍ୟ କରିପାରେ ··

ଶ୍ରୀରାମ—ଏଇତକ ସାହାଯ୍ୟ କଣ ଯଥେଷ୍ଟ ନୁହେଁ, Sir !

ରଞ୍ଜନ—ଏଇ କେଇଟା ଟଙ୍କାକୁ ପାଥେୟ କରି ସାରା ଜୀବନଟା ଚଳି-ପାରିବ, ଦାସବାବୁ ? କେବେ ନୁହେଁ । ଅଭ ସେଥିପାଇଁ ମୁଁ ଭାବୁଛି ଆପଣଙ୍କର ସ୍ତ୍ରୀଙ୍କୁ ମୋ କମ୍ପାନୀରେ ଗୋଟାଏ ଚାକିରି ଦେବି ।

ଶ୍ରୀରାମ—ମୋ ସ୍ତ୍ରୀଙ୍କୁ ଆପଣ ଚାକିରି ଦେବେ ??

ରଞ୍ଜନ—ହଁ, ଦାସବାବୁ, Reception Counterରେ ସେ ହେବେ Chief Receptionist. ମାସକୁ ଦରମା ପାଞ୍ଚଶହ ଟଙ୍କା । ଆପଣଙ୍କର କିଛି ଆପତ୍ତି ଅଛି ?

ଶ୍ରୀରାମ—(ଟିକିଏ ରହି) ନା, ତେବେ···

ରଞ୍ଜନ—(ହସି) ଠିକ୍ ଅଛି, ଦାସବାବୁ ! Think over the matter. ମୁଁ ଆପଣଙ୍କର ଭଲ ପାଇଁ କହୁଛି । ଯଦି Mrs. Das ଚାକିରି କରିବାର ନିଷ୍ପତ୍ତି ନିଅନ୍ତି ତେବେ ଯେକୌଣସି ଦିନ କାର୍ଯ୍ୟରେ ଯୋଗ ଦେଇପାରନ୍ତି । I will be glad to have her in my company. ମୁଁ ଆସୁଛି···wish you best of your luck

[ମଲ୍ଲିକ ସାହେବ ବିଦାୟ ନେଲେ । ତାଙ୍କ ଯିବା ବାଟକୁ ଚାହିଁ ··]

ଶ୍ରୀରାମ—ଚିଫ୍ ରିସେପ୍‌ସନିଷ୍ଟ...ମାସକୁ ଦରମା ପାଞ୍ଚଶହ ଟଙ୍କା...

ସରିତା—କଣ ଭାବୁଚ ? ମଲ୍ଲିକ ସାହେବ ଭାରି ଭଲ ଲୋକ । ମୁଁ ଚାକିରି କଲେ କ୍ଷତି କଣ ?

ଶ୍ରୀରାମ—ନା, କ୍ଷତି କ'ଣ ? ମାସକୁ ଦରମା ପାଞ୍ଚଶହ ଟଙ୍କା । ଆମେ ଭଲରେ ଚଳିବା...ଖାଇ ପିଇ ବେଶ୍ ଆରାମରେ ରହିବା । (ସ୍ୱର ତାଙ୍କର ଭାରି ହୋଇ ଆସୁଥାଏ)

ସରିତା—(ଖୁସିରେ) ହଁ, ପିଲାମାନେ ପାଠ ପଢ଼ି ମଣିଷ ହେବେ । ତମର ସ୍ୱପ୍ନ ସାର୍ଥକ ହେବ । ତା ହେଲେ...ତା ହେଲେ କାଲିଠାରୁ ଚାକିରିରେ join କରିବି ?

ଶ୍ରୀରାମ—ହଁ, join କର । ଟିକେ ଚା' ଦିଅ, ସରିତା, କେଜାଣି କାହିଁକି ଭାରି ଦୁର୍ବଳ ଲାଗୁଛି ।

[ସରିତା ଆନନ୍ଦ ମନରେ ଭିତରକୁ ଚାଲିଗଲେ]

ଶ୍ରୀରାମ—ଚିଫ୍ ରିସେପ୍‌ସନିଷ୍ଟ...ମାସକୁ ଦରମା ପାଞ୍ଚଶହ ଟଙ୍କା...ମଲ୍ଲିକ ସାହେବ ଭାରି ଭଲଲୋକ...କିନ୍ତୁ ଏ ଅଯାଚିତ ଦୟା ..ଏ ସହାନୁଭୂତି କାହିଁକି ? କାହିଁକି ଏ ସବୁ ? ଓଃ, ବଞ୍ଚିବାରେ କେତେ ଯନ୍ତ୍ରଣା... ! (ଆଖି ମୁଦି ହୋଇଆସିଲା)

(ମଞ୍ଚର ଆଲୋକ ଲିଭିଗଲା)

ଚତୁର୍ଥ ଦୃଶ୍ୟ

[ସହରତଳି ଏକ ଅନ୍ଧକାରାଚ୍ଛନ୍ନ ନିର୍ଜ୍ଜନ ଗଳିରାସ୍ତା—Electric light post ଥିଲେ ବି କୌଣସି ଖୁଣ୍ଟରେ ବଲ୍‌ବ ଜଳୁ ନ ଥିଲା । ସମୟ ପ୍ରାୟ ରାତି ୧୦ ଟା । ଗୋଟାଏ Electric postକୁ ଆଉଜି ବସିଥିଲା ବଳଦେବ—ହାତରେ ତାର ସିଗାରେଟ୍ । ହଜିଲା ଅତୀତର ପୃଷ୍ଠାସବୁ ସେ ପଢ଼ିବାକୁ ଚେଷ୍ଟା କରୁଥିଲା । ମୁଖମଣ୍ଡଳ ଧୀରେ ଧୀରେ କଠିନ ହୋଇଉଠୁଥିଲା । ସତେ ଅବା ସେ ପ୍ରତିଶୋଧ ନେବାର ମାହେନ୍ଦ୍ର ଲଗ୍ନକୁ ଅପେକ୍ଷା କରୁଥିଲା । ବଳଦେବ ନିତାର ସ୍ୱାମୀ । ନିତା ତାକୁ ଛାଡ଼ପତ୍ର ଦେଇଛି । ବୟସ ପ୍ରାୟ ୩୦ । ଏହି ସମୟରେ ଗଳିଠାରୁ କିଛି ଦୂରରେ ମଟର ରହିବାର ଶବ୍ଦ । ବଳଦେବ ଚଞ୍ଚଳ ହୋଇଉଠିଛି । କେଇଟା ମୁହୂର୍ତ୍ତ ପରେ ଅତି ସନ୍ତର୍ପଣରେ ଆସିଛନ୍ତି Mr. Sarma· ଗଳି ଭିତରକୁ ପଶିଆସି···ବୋଧହୁଏ ବଳଦେବକୁ ଅନ୍ଧାର ଯୋଗୁ ଦେଖିପାରି ନ ଥିଲେ]

ଶର୍ମା—ଇସ୍, ଏ ଗଳି ଭିତରଟା କି ଅନ୍ଧାର !

ବଳଦେବ—ଏ ଗଳିରେ କେବେ ଲାଇଟ୍ ଜଳେନି, ସାହେବ ! ଆଉ ଲାଇଟ୍ ଜଳୁଥିଲେ ଆପଣମାନଙ୍କ ଭଳି ସାହେବମାନଙ୍କର ପାଦ କଣ ଏ ଗଳିରେ ପଡ଼ୁଥାନ୍ତା ? ଏ ଗଳିର ଜନ୍ମଜାତକ ସୃଷ୍ଟି ହୋଇଥିଲା ନିବିଡ଼ ଅନ୍ଧକାର ଭିତରେ ।

ଶର୍ମା—କିଏ ? କିଏ ତୁମେ···??

ବଳଦେବ—ଶର୍ମାଜୀ, ଏ ନିଝୁମ ରାତିର କଳା ଅନ୍ଧାର ଭିତରେ ଆପଣ ମତେ ଚିହ୍ନି ନ ପାରିଲେ ବି ମୁଁ ଆପଣଙ୍କୁ ଠିକ୍ ଚିହ୍ନି ପାରିଛି । କହନ୍ତୁ କ'ଣ ଦରକାର ?

ଶର୍ମା—(ସ୍ୱର ଏବଂ ଚେହେରାକୁ ଝାପସାଭାବେ ଦେଖି) କିଏ, ବଳଦେବ ! ତମେ ଏଠି ?

ବଳଦେବ—ଚିହ୍ନି ପାରିଲେ ତା ହେଲେ ?

ଶର୍ମା—କିନ୍ତୁ ତମେ ଏଠି କାହିଁକି ?

ବଳଦେବ—ଯୋଉଦିନ ମୋ ର ସୁନାର ସଂସାରଟାକୁ ଆପଣ ନିଜ ହାତରେ ଭାଙ୍ଗି ଚୂରମାର କରିଦେଲେ ସେଇଦିନଠୁ ମୁଁ ଏଇ ଅନ୍ଧାରି ବସ୍ତିରେ ଆଶ୍ରୟ ନେଇଛି, ଶର୍ମାଜୀ, ଆଉ ଅପେକ୍ଷା କରିଛି ପ୍ରତିଶୋଧ ନବାର ସେଇ ମାହେନ୍ଦ୍ର ଲଗ୍ନକୁ ।

[ହଠାତ୍ ତା ହାତରେ ସ୍ପ୍ରିଙ୍ଗଦିଆ ଛୁରିଟା ଚକ୍‌ଚକ୍ କରିଉଠିଲା । ଆତଙ୍କରେ ଥରିଉଠିଲେ ଶର୍ମାଜୀ]

ଶର୍ମା—ମତେ ବିଶ୍ୱାସ କର, ବଳଦେବ ! ମୁଁ କେବେ ଚାହିଁ ନ ଥିଲି ଯେ ତୁମର ସୁନାର ସଂସାର ଭାଙ୍ଗି ଚୁରମାର ହୋଇଯାଉ ।

ବଳଦେବ ପ୍ରଲୋଭନର ଜାଲ ବଛେଇ ନତାକୁ ମୋ'ଠାରୁ ଛଡ଼େଇ-ନେଇଛ କଏ ? ସେଇ ନାରୀମାଂସଲୋଭୀ ଜାନୁଆର M na ing Directo·କୁ ସନ୍ତୁଷ୍ଟ କରିବାକୁ ନତାକୁ ତା ନିକଟରେ ଭେଟିଦେଇଛି କଏ ?

ଶର୍ମା—ବଳଦେବ··· !

ବଳଦେବ—ମୁଁ ସବୁ ଜାଣେ, ଶର୍ମାଜୀ ! ଇଚ୍ଛା କଲେ କେଇଟା ମୁହୂର୍ତ୍ତ ଭିତରେ ତମର ଏ ଦାମୀ ଦେହଟା ଏଇଠି ଲୋଟିପଡ଼ିବ । କେହି ଜାଣିପାରିବେ ନ, ଲସ୍‌ର ବ ପତ୍ତା ମିଳିବ ନ ? ଏ ଗଳରେ କେବେ ଆଲୁଅ ଜଳେ ନ, ଶର୍ମାଜୀ !

ଶର୍ମା—(ଭୟରେ ପାଠି ଖନ ମାରିଗଲ) ବଳଦେବ···!

ବଳଦେବ—(ହସିଉଠିଲ) ଭୟ ନାହିଁ ଶର୍ମାଜୀ, ଆମର ହିସାବ ନିକାଶ ହେବାକୁ ଆହୁରି ଅନେକ ଡେରି ଅଛି, ଆଜି ନୁହେଁ । ମନରେ କିନ୍ତୁ ଅବଶୋଷ ରହିଗଲ, ଯୋ.ଉ ନତା ପାଇଁ ମୁଁ ମୋର ଘରଦ୍ୱାର, ବାପ-ମା, ଭାଇବନ୍ଧୁ, ସମସ୍ତଙ୍କୁ ପରିତ୍ୟାଗ କରିଥିଲି, ସେଇ ନତା କିନ୍ତୁ ଖୁବ୍ ସହଜରେ ମତେ ପ୍ରତାରିତ କଲ । ଆପଣଙ୍କ ଟଙ୍କାର ରଙ୍ଗୀନ ପ୍ୟାକେଟ ସବୁ ତାର ରକ୍ତ-ମାଂସକୁ ପଲପଲ କରି ଖରିଦ କରିନେଲ । ମୋର ଆଖି ଆଗରେ ଗୋଟାଏ ରଙ୍ଗୀନ ପ୍ରଜାପତି ଭଳି ସେ ଆଜି ଉଡ଼ି ବୁଲୁଛି···Managing Directorର ଇମ୍ପାଲ କାରରେ । ଆପଣଙ୍କର ସ୍ତ୍ରୀ ଯଦି ମୋ ସହିତ ଏହି ଅନ୍ଧାରି ବସ୍ତିରେ ରାତିଯାପନ କରୁଥାନ୍ତା ଆପଣ ତା ଟଲରେଟ୍ କରନ୍ତେ, ଶର୍ମାଜୀ ?

ଶର୍ମା—ବଳଦେବ··· ! ତମେ ହୋସ୍‌ରେ ଅଛ ?

ବଳଦେବ—ବେହୋସ କେବେ ହେଇ ନ, ଶର୍ମାଜୀ ! ଆପଣମାନଙ୍କ ଭଳି ଜାନୁଆରମାନଙ୍କୁ ଦେଖିଲେ ମୁଣ୍ଡକୁ ମୋର ରକ୍ତ ଉଠିଯାଏ । ମୁଁ ନିଜକୁ ଭୁଲିଯାଏ ଶର୍ମାଜୀ, ଆଉ ମନେହୁଏ, ଆପଣମାନଙ୍କର ତଣ୍ଟି ଚପି ରକ୍ତ ପିଇଯିବାକୁ ।

ଶର୍ମା—(ଭୟରେ) ବଳଦେବ···!

ବଳଦେବ—(ନିଜକୁ ସଂଯତ କରି) ଆପଣ ଏଠି କାହିଁକି ?

ଶର୍ମା—ନା···ଏମିତି···ଚାଲି ଆସିଲି ।

ବଳଦେବ—(ହସି ଉଠିଲା) ଚାଲିଆସିଲେ··· ! ଶର୍ମାଜୀ, ନିତି ସଞ୍ଜରେ ଏ ଗଳିରେ ଖେଳିବୁଲେ ଖିଲିଖିଲି ହସର ମୃଦୁମନ୍ଦ ଝଙ୍କାର···ନୂପୁରର ରୁଣୁଝୁଣୁ କମ୍ପନ, ବାଇଁଆତାବଲାର ବେସୁରା ଆବାଜ; ଜମିଉଠେ ମେହେଫିଲ···ସୁରା ଆଉ ସାକିର ଏ ବସ୍ତି ହୁଏ ମାତାଲ । ଏଠିକି କେହି କେବେ ଭୁଲରେ ଆସେ ନି, ଶର୍ମାଜୀ ! ଆସନ୍ତୁ, ମୁଁ ଆପଣଙ୍କୁ ଠିକ୍ ଜାଗାକୁ ନେଇଯିବି, ଯେଉଁଠି ସାରଙ୍ଗୀର ତାଳେ ତାଳେ ଘୁଂଗୁରରୁ ଝରୁଥିବ କଳାବନ୍ତୀର ମୂର୍ଚ୍ଛନା !

ଶର୍ମା—ନା, ନା, ବଳଦେବ, ଅନେକ ଡେରି ହେଲାଣି, ଯାଉଛି ।

ବଳଦେବ—ଡରୁଛ, ଶର୍ମାଜୀ ? (ହସି ଉଠିଲା) ଏଠି ଦେହର ସଉଦା ହୁଏ ଶର୍ମାଜୀ, ମନର ନୁହେଁ, ଠିକ୍ ଆପଣଙ୍କର ପ୍ରେମୁମୀ ନିତା ଭଳି । (ବଳଦେବ ଆଖିରେ ହିଂସ୍ରତା ଫୁଟିଉଠିଛି)

ଶର୍ମା—(ଭୟରେ) ବଳଦେବ···!!

ବଳଦେବ—ମୁଁ ନିତାକୁ ଏବେ ବି ଭୁଲିଯାଇନି ଶର୍ମାଜୀ, ମୁଁ ଆଜି ମଧ୍ୟ ତାକୁ ମନେ ରଖିଛି, ମନେ ରଖିଛି ତମର ବିଶ୍ୱାସଘାତକତାକୁ,

ମନେରଖିଛୁ Mnging Director ର ସେଇ ଉଦ୍ଧତ ଅହଂକାରକୁ । ତମ ତିନି ଜଣଙ୍କୁ ମୁଁ ଖୁନ୍ କରିବ । ଏମିତି ଭାବରେ ହତ୍ୟା କରିବ ଯାହାର ନିର୍ମମତା ତୁମେ କଳ୍ପନା ମଧ୍ୟ କରିପାରିବ ନି ।

[ପୁଣି ଥରେ ସ୍ପ୍ରିଙ୍ଗଦିଆ ଛୁରୀଟା ଚକ୍‌ଚକ କରିଉଠିଲା ଏବଂ ଠିକ ସେଇ ସମୟରେ ଆସିଛୁ ଗୁଣ୍ଡା ସର୍ଦ୍ଦାର ରାଜ୍ ସିଂ । ଏକ ଭୟଙ୍କର ତଥା ରୁକ୍ଷ ଚେହେରାର ଲୋକ । ସେ ହଠାତ୍ ଚିତ୍କାର କରିଉଠିଲା] .

ରାଜୁ—ବଳଦେବ !! (କହି ତା ହାତ କଚଟିକୁ ଧରିପକାଇଛୁ) ଏ କଣ ହଉଛୁ ବଳଦେବ ?

[ଶର୍ମା ରାଜ୍ ସିଂକୁ ଦେଖି ଛୁରୀଟା ସାହସ ଫେରିପାଇଛନ୍ତି । ସେ ତା'କୁ ଦେଖା କରିବାକୁ ଆସିଥିଲେ]

ବଳଦେବ—ଆରେ, ରାଜ୍ ସର୍ଦ୍ଦାର ! ଛୁରୀଟା ଠିକ୍ ଅଛୁ କି ନା ପରୀକ୍ଷା କରି ଦେଖୁଥିଲି ।

ରାଜୁ—ଯା, ଘରକୁ ଯା । ଏଇ ଅନ୍ଧାରୀ ଗଳିର light post ପାଖରେ ତୁ ଯେ କାହିଁକି ରାତିରାତି ଏମିତି କରୁ··· !

ବଳଦେବ—ଏ ଛୁରୀଟାକୁ ବେଜାଏ ଶୋଷ ରାଜ୍ ସର୍ଦ୍ଦାର, ଆଉ ସେଇଥିପାଇଁ···

ରାଜୁ—(ଶର୍ମାଙ୍କ ମନଭାବ ବୁଝିପାରି) ଆପଣ ଚିନ୍ତା କରନ୍ତୁ ନି, ଶେଠ୍‌ଜୀ ! ଲୋକଟା ଗୁଡ଼ାଏ ପିଇ ପିଇ ତାର ନିଜତ୍ୱ ହରେଇ ବସିଛି । ଯା ବଳଦେବ, ଘରକୁ ଯା ।

ବଳଦେବ—ଯାଉଛି ଶର୍ମାଜୀ, Good night. ଆମର କାଲି ପୁଣି ଦେଖା ହେବ···ଅନେକ ଥର । ଏ କୁକୁରଟାକୁ ବେଜାଏ ଶୋଧ···

(ହସିଉଠି ଚାଲିଯାଇଛି ଭିତରକୁ)

ଶର୍ମା—ଓଃ, ଲୋକଟା ଯେ କି ଭୟଙ୍କର ! ତମେ ଠିକ୍ ସମୟରେ ଆସି ନ ଥିଲେ ମୋର ବୋଧହୁଏ eart fil କରିଯାଇଥାଆନ୍ତା ।

ରାଜୁ—ଭୟ ନାହିଁ, ଶର୍ମାଜୀ ! ମୁଁ ଥିବାଯାଏ କେହି ଆପଣଙ୍କୁ ସ୍ପର୍ଶ କରିପାରିବ ନାହିଁ । କହନ୍ତୁ, କାହିଁକି ଡକାଇ ଥିଲେ ? ଦିନର ଆଲୁଅରେ ଆପଣଙ୍କ ସହିତ ସାକ୍ଷାତ କରିବା ମୋ ପକ୍ଷରେ ସମ୍ଭବ ନୁହେଁ, ଶର୍ମାଜୀ ! ମୋ ନାମରେ କେତେ ଯେ ୱାରେଣ୍ଟ ବୁଲୁଛି ତା ଆପଣ ଜାଣନ୍ତି ।

ଶର୍ମା—ସେଇଥିପାଇଁ ତ ମୁଁ ନିଜେ ଆସିଛି । ଖୁବ୍ ଜରୁରୀ କାମ···କେହି ଯେମିତି ଜାଣି ନ ପାରେ···ଆଜି ରାତି ଭିତରେ ଶେଷ କରିବାକୁ ପଡ଼ିବ - ଚୌଧୁରୀ ସାହେବଙ୍କର ନିର୍ଦ୍ଦେଶ···

ରାଜୁ—କଣ ହେଇଛି ?

ଶର୍ମା—(ତାକୁ ପାଖକୁ ଡାକି କାନରେ କିଛି କହିଲେ)

ରାଜୁ—ଏଇ ସାମାନ୍ୟ କଥା ପାଇଁ ଆପଣଙ୍କର ଏତେ ଚିନ୍ତା ?

ଶର୍ମା—ଏଇଟା ସାମାନ୍ୟ କଥା ନୁହେଁ, ରାଜୁ ସିଂ, ଏଇଟା ଚୌଧୁରୀ ସାହେବଙ୍କର ମାନସମ୍ମାନର ପ୍ରଶ୍ନ । ଏ ଖେଳରେ ଯଦି ଚୌଧୁରୀ ସାହେବ ହାରିଯିବେ···

ରାଜୁ—ରାଜୁ ସିଂ ବଞ୍ଚି ଥାଉ ଥାଉ ରଜତ ଚୌଧୁରୀଙ୍କର ସମ୍ମାନ ତଳେ ପଡ଼ିଯିବ ? ଅସମ୍ଭବ, ଶର୍ମାଜୀ ! ସେ ମୋର ଅନ୍ନଦାତା···ତାଙ୍କ ଯୋଗୁଁ ଏ ସହରରେ ମୁଁ ଛାତି ଫୁଲେଇ ବାଟ ଚାଲୁଛି । ତାଙ୍କୁ କହିବେ, ଶର୍ମାଜୀ, କାଲି ରାତି ୧୨ଟା ସୁଦ୍ଧା କାମ ହାସଲ ହୋଇଯିବ । ଆଉ ଠିକ୍ ରାତି ୧୨ଟା ୧୫ ମିନିଟରେ ଆପଣ ଏଇଠାକୁ ଆସିବେ ।

ଶର୍ମା—ସାବାସ, ରାଜୁ ସିଂ ! ଏଇ ନିଅ—one thousnd. କାମ ହାସଲ ପରେ ଚୌଧୁରୀ ସାହେବ ତୁମକୁ ଖୁସି କରିଦେବେ । ମୁଁ ଆସୁଛି ।

[ଚାଲିଗଲେ । ରାଜୁ ସିଂ ଫେରିପଡ଼ିଲାବେଳକୁ ଦେଖିଲା ବଳଦେବ ତା ଆଡ଼କୁ ତୀକ୍ଷ୍ଣ ଦୃଷ୍ଟିରେ ଚାହିଁରହିଛି]

ରାଜୁ—ବଳଦେବ ! ତୁ ପୁଣି ଏଠି କାହିଁକି ?

ବଳଦେବ—(ହସି) ରାଜୁ ସର୍ଦ୍ଦାର ! ରାତିର ଅନ୍ଧାର ଭିତରେ ଯେତେ ପାପ କଲେ ଭଗବାନ ଆଖିରେ ତା ଲୁଚି ରହିବ ନ ।

ରାଜୁ—ବଳଦେବ··· !

ବଳଦେବ—ହଁ, ରାଜୁ ସର୍ଦ୍ଦାର ! ଯଦି କାହାର ମଙ୍ଗଳ କରି ନ ପାରିବ ତେବେ ତାର ଅମଙ୍ଗଳ କରିବ କାହିଁକି ? ସାମାନ୍ୟ କେଇଟା ଟଙ୍କା ପାଇଁ···

ରାଜୁ—ବଳଦେବ ! ରାଜୁ ସର୍ଦ୍ଦାରର ମୁହଁ ଉପରେ ଜବାବ ଦେବାର ପରିଣତି ଚିନ୍ତା କରିପାରୁଛୁ ? ଇଚ୍ଛା କଲେ···

ବଳଦେବ—ଓଃ, ମତେ ଧମକ ! ଜୀବନଟାକୁ ଯେ ପାଣି ଛଡ଼େଇ-ଦେଇଛି ତା ନିକଟରେ ଏ ଧମକର ମୂଲ୍ୟ କିଛି ନାହିଁ, ରାଜୁ ! ତୋର ଏ ଚ୍ୟାଲେଞ୍ଜକୁ ମୁଁ ଗ୍ରହଣ କରୁଛି । କିନ୍ତୁ ମୋ କଥା ଯେପରି ତୋର ମନେ ରହେ···

(ଚାଲିଗଲା)

ରାଜୁ—ଆଚ୍ଛା ! ବହୁତ ସାହସ ହେଲାଣି ଦେଖୁଛି···

(ହାତମୁଠା ଟାଣ ହେଇଯାଇଛି)

ମଞ୍ଚ ଅନ୍ଧାର

ପଞ୍ଚମ ଦୃଶ୍ୟ

[ରାମଦାସଙ୍କର ଘର । ଗମ୍ଭୀର ଭାବରେ ଚିନ୍ତାମଗ୍ନ ଥିଲେ ରାମଦାସ । ସନ୍ଧ୍ୟା ଗଡ଼ି-ଯାଇଛି । ସରିତା କିନ୍ତୁ ଏ ଯାଏ ଫେରିନାହାନ୍ତି ଅଫିସରୁ । ନିଜର ଦୁଇ ଆଣ୍ଠୁ ସନ୍ଧିରେ ମୁହଁ ଲୁଚେଇ ରାମଦାସ ହୁଏତ ଆଖିରୁ ଲୁହ ଢାଳୁ-ଥିଲେ । ଏହି ସମୟରେ ଘର ଭିତରକୁ ଆସିଲା ବଳଦେବ···ରାମଦାସଙ୍କର ପୁରୁଣା ବନ୍ଧୁ । ରାମଦାସ କିନ୍ତୁ ବଳଦେବର ଆଗମନ ଜାଣିପାରି ନ ଥିଲେ । ବଳଦେବ ରାମଦାସଙ୍କର ମାନସିକ ଅବସ୍ଥା ବେଶ୍ ବୁଝିପାରିଥିଲା ।

ରାମଦାସଙ୍କ ନିକଟକୁ ଆସି ତାଙ୍କ ପିଠିରେ ସସ୍ନେହରେ ହାତ ବୁଲାଇଆଣିଲା । ରାମଦାସ ମୁହଁ ଟେକି ଚାହିଁଲେ । ଆଖିରେ କେଇ ଟୋପା ଲୁହ । ତୁଣ୍ଡରେ କିଛି କଥା ନ ଥିଲା···]

ବଳଦେବ—ତୁ ଭାଙ୍ଗି ପଡ଼ୁଛୁ ଶ୍ରୀରାମ ! ଜୀବନରେ ତ ଅନେକ ଯନ୍ତ୍ରଣା ସହିବାକୁ ପଡ଼ିବ । ଏ ରାସ୍ତାଟା ଯେ ଅନେକ ଲମ୍ବା···ଭବିଷ୍ୟତ ଅନ୍ଧକାରାଚ୍ଛନ୍ନ, ତଥାପି ଚାଲିବାକୁ ହେବ । The horizon is the limit —ମୋ ମନର ସେ ସବୁଜ ମଣିଷଟା ଆଜି କ୍ଷତବିକ୍ଷତ ।

ଶ୍ରୀରାମ—ବଳଦେବ, ବଞ୍ଚିବାରେ କେତେ ଯେ ଯନ୍ତ୍ରଣା··· । ପାଦ ମୋର ଆଜି ରକ୍ତାକ୍ତ । ମୁଁ ଦେଖି ବି ଦେଖିପାରୁନି···; ଶୁଣି ବି ଶୁଣିପାରୁନି ! ମୁଁ ଗୋଟାଏ ଜୀଅନ୍ତା ମୁର୍ଦ୍ଦାର ।

ବଳଦେବ –ମୁଁ ସବୁ ଜାଣେ, ଶ୍ରୀରାମ ! ତୋର ଭଳି ମୁଁ ବି ଗୋଟାଏ ହତଭାଗା—ମୁଁ ବି ଲୁହ ଢାଳୁଛି, ରକ୍ତ କାନ୍ଦୁଛି । ତଥାପି ମୁଁ ହସୁଛି, ଶ୍ରୀରାମ । ମୋ ଆରକ୍ତ ମନର ସବୁତକ ମର୍ଯ୍ୟାଦାକୁ ଏକାଠି କରି ମୋ ମନରେ ହସର ଝରଣା ବୁହାଇଦେଇଛି । କାହିଁକି ଜାଣୁ ? ମୁଁ ଏ ଦୁନିଆକୁ ଫେସ୍ (face) କରିବି । ଜୀବନ ସଂଗ୍ରାମରେ ହାରିଯିବାକୁ ମୁଁ ଘୃଣା କରେ । ଏ ଦେହର ଶେଷ ରକ୍ତବିନ୍ଦୁ ଦେଇ ମୁଁ ଦୁନିଆକୁ ମୁକାବିଲା କରିବି···ଏ ସମାଜକୁ ଜବାବ ଦେବି । ତା ନ ହେଲେ ଏ ସମାଜ କରତାଳି ଦେଇ ହସିବ···ଟାହି କରିବ···ଅଉ କହିବ, ମୁଁ ଗୋଟାଏ ପଳାୟନପନ୍ଥୀ···ଭୀରୁ ।

ଶ୍ରୀରାମ—ବଳଦେବ, ମତେ ଭୁ ଭୁଲିଯିବୁ ବଳଦେବ, ଭୁଲିଯିବୁ ତୋର ପିଲ୍ଦିନର ସେଇ ପ୍ରାଣର ବନ୍ଧୁକୁ । I am dead soul. ବଞ୍ଚିବାରେ କେତେ ଯେ ଯନ୍ତ୍ରଣା···

ବଳଦେବ—ଯନ୍ତ୍ରଣା···ଯନ୍ତ୍ରଣା···ଯନ୍ତ୍ରଣା···! ତୋର ଗୋଟାଏ ହାତ କଟିଯାଇଛି, ଆଜ ମୋର ପ୍ରାଣର ନିଡା ମତେ ଛାଡ଼ି ଅନ୍ୟର ହୋଇଯାଇଛି । ସେ ଯେ କି ଯନ୍ତ୍ରଣା, କି ମର୍ମନ୍ତୁଦ ଆଘାତ, ତା ତୁ କଳ୍ପନା କରିପାରିବୁନି, ଶ୍ରୀରାମ ! ତଥାପି ମୁଁ ବଞ୍ଚିଛି । କାରଣ ଜୀବନକୁ ମୁଁ ପ୍ରେମ କରେ···ଭଲ ପାଏ ।

ଶ୍ରୀରାମ—ତୋର ଆଶା ଅଛି, ବଳଦେବ, ତୋ ମନବଗିଚାରେ ଅନେକ ରଙ୍ଗବେରଙ୍ଗର ଫୁଲ ଫୁଟିବ···ତତେ ହୁଏତ ନିଡା ମିଳିଯିବ ! କିନ୍ତୁ ମୋ ହାତ ମୋ ହାତ ତ ଆଉ ମିଳିବ ନି, ବଳଦେବ ! ମୁଁ ଯେ ଅଥର୍ବ···ପଙ୍ଗୁ ଅସହାୟ···

ବଳଦେବ—ତଥାପି ତତେ ବଞ୍ଚିବାକୁ ପଡ଼ିବ । ଏ ପାଗଳାମି ଛାଡ଼, ଶ୍ରୀରାମ ! ତୋ ମନର ସେ ଲୁହାର ମଣିଷଟା ଯେ ଏଭଳି ଭାବରେ ତରଳିଯିବ ଏ ଆଶା ମୋର ନ ଥିଲା ।

ଶ୍ରୀରାମ—ସେ ଲୁହାରେ କଳଙ୍କି ଲାଗିଯାଇଛି, ବଳଦେବ, ଖଣ୍ଡ ଖଣ୍ଡ ହୋଇ ସେ ଝଡ଼ିଯିବ । ଯେତେ ରଙ୍ଗ ଦେଲେ ବି ସେ ଲୁହା ମିଳେଇଯିବ ।

ବଳଦେବ—(ପ୍ରସଙ୍ଗ ବଦଳାଇବା ଉଦ୍ଦେଶ୍ୟରେ) ଶୁଣିଲି, ସରିତା କମ୍ପାନୀରେ ଚାକିରି କରୁଛି··· ?

ଶ୍ରୀରାମ—ହଁ, ସେ ଚାକିରି କରୁଛି···ରିସେପ୍‌ସନ କାଉଣ୍ଟରରେ ଟପ୍ ରିସେପସନିଷ୍ଟ···ମାସକୁ ଦରମା ପାଞ୍ଚଶହ ଟଙ୍କା । ସେ କଣ ଭୁଲ କରିଛି, ବଳଦେବ ?

ବଳଦେବ—ଏଁ, ନା । ତୋ ଜୀବନର ଚରମ ଦୁର୍ଦ୍ଦିନରେ ସେ ଯୋଉ ନିଷ୍ପତ୍ତି କରିଛୁ ତାକୁ ଯେ କେହି ସ୍ୱାଗତ କରିବ । କିନ୍ତୁ···

ଶ୍ରୀରାମ—(ହସି) କହିବାକୁ ଇଚ୍ଛା କରି କହିପାରୁନୁ, ନା ? ଅନେକଙ୍କର ଲୋଲୁପ ଆଖି ତାର ସେ ଲୋଭନୀୟ ଦେହଟା ଉପରେ ପଡ଼ିପାରେ । ନଚେତ୍ ଭଳି ସେ ହୁଏତ ଧୀରେ ଧୀରେ ଟାଣି-ହୋଇଯିବ ସେମାନଙ୍କ ଜାଲ ଭିତରକୁ ।

ବଳଦେବ—ଶ୍ରୀରାମ !!

ଶ୍ରୀରାମ—ହୁଏତ ମତେ ଛୁଡ଼ି ସରିତା ରଜତ ଚୌଧୁରୀ ସହିତ air conditioned ହୋଟେଲରେ ରାତି ଯାପନ କରିବ···କମ୍ପାନୀକୁ ଆସୁଥିବା V I. P. ମାନଙ୍କୁ attend କରିବ···ଏଇଆ ନା ?

ବଳଦେବ—ଶ୍ରୀରାମ, ସରିତା ନଚେତ୍ ହୋଇପାରେନା; ନିଜର ନିକଟରେ ସରିତାକୁ ଓଜନ କଲେ ତୁ ହୁଏତ ଭୁଲ କରିବସିବୁ ।

ଶ୍ରୀରାମ—ମନେ ଅଛି ବଳଦେବ, ତୋର ସେ ଝରଣା ମହାନ୍ତି କଥା ? କେତେ ଆଶା ନେଇ ସେ କମ୍ପାନୀରେ ଚାକିରି କରିଥିଲା···ତାର ସେ ଦୁଃଖର ସଂସାରରେ ହସର ଫୁଲ ଫୁଟେଇବାକୁ ସେ ବିଚାରୀ କେତେ କ'ଣ ସହି ନ ଥିଲା ! ଶେଷରେ ହେଲା କ'ଣ ? Poison ଖାଇ ଆତ୍ମହତ୍ୟା କଲା । ସେଇ ବିବାହିତା ନାରୀର ଶେଷ ସମ୍ବଳଟିକକ ସେ ରାକ୍ଷସ ରଜତ ଚୌଧୁରୀ ଜୋର କରି ଲୁଟିନେଲା···ବିଚାରୀ ବାଧା ଦେଇପାରିଲାନି । ଖାଲି ଗୁଡ଼ାଏ ନିରର୍ଥକ ଚିତ୍କାର···ସମସ୍ତେ ଶୁଣିଲେ···କେହି କିନ୍ତୁ ଆଗେଇ ଆସିଲେନି ପ୍ରତିରୋଧ କରିବାକୁ । ଧୂଳିରେ ଲୋଟିଲା ସେଇ ସଜଫୁଟା ଶେଫାଳୀଟି । ତା'ର ସେ ଅସହାୟ ସ୍ୱାମୀ ସବୁ ଜାଣି ବି ନୀରବ ରହିଲା, କାରଣ ସେ ଗରିବ···ନିଃସହାୟ ।

ବଳଦେବ—ଆଉ ଶ୍ରୀରାମ, ଝରଣାର ସେ କରୁଣ ମୃତ୍ୟୁ ମନେପଡ଼ିଲେ ଏବେ ବି ମୋ ଆଖିରୁ ଲୁହ ଝରେ ।

ଶ୍ରୀରାମ—ଆମେ ସବୁ ମଣିଷ ନୋହୁଁ ରେ ବଳଦେବ, ଆମେ ସବୁ ଚେନ୍‌ରେ ବନ୍ଧା ହୋଇଥିବା ଗୋଟିଏ ଗୋଟିଏ ମେଣ୍ଢା···ମେଁ ମେଁ ହୋଇ ବୋବାଇବା ଛଡ଼ା ଆଉ କିଛି କରିପାରିବା ନି ।

ବଳଦେବ—କିଏ କହିଲା ? ଆମେ ସବୁ ପାରିବା ଶ୍ରୀରାମ ! ତୁ ଦେଖିବୁ ଶ୍ରୀରାମ, ମୁଁ କେମିତି ପ୍ରତିଶୋଧ ନେବି···

(ପୁଣି ତା ହାତରେ ଛୁରୀ ଚକ୍ ମକ କରିଛି)

ଶ୍ରୀରାମ—ବଳଦେବ !

ବଳଦେବ—ମୋର ଏ ଛୁରୀଟାକୁ ବହୁତ ଶୋଷ ରେ ଶ୍ରୀରାମ, ବହୁତ ଶୋଷ । ମତେ ସେମାନେ ଚାକିରିରୁ ବାହାର କରିଦେଲେ··· ମୋ ସ୍ତ୍ରୀକୁ ମୋଠାରୁ ଛଡ଼େଇନେଲେ··· ଆଉ ମୋର ରୋଜଗାରିଆ ହାତଟାକୁ ବି··· ! ସେମାନେ ଖାଲି ନେଇଜାଣିଛନ୍ତି, ଶ୍ରୀରାମ, ଦେଇଜାଣିନାହାନ୍ତି । ମୁଁ କିନ୍ତୁ ସେମାନଙ୍କୁ ଦେବି, ସେମାନଙ୍କ ଜୀବନର ସର୍ବଶ୍ରେଷ୍ଠ ଉପହାର···ରକ୍ତର ଫୁଆରା··· ଜଣେ ଶ୍ରମିକର ତାଜା ରକ୍ତ···

ଶ୍ରୀରାମ—ବଳଦେବ··· !!

ବଳଦେବ—ଭୟ କରୁଛୁ, ଶ୍ରୀରାମ ? ଶ୍ରମିକ ଆନ୍ଦୋଳନର ଦୁର୍ଦ୍ଦାନ୍ତ ସେନାପତି ଶ୍ରୀରାମ ଦାସ ଆଜି ଭୟ କରୁଛି ? କୁଆଡ଼େ ଗଲା ତୋର ସେ ଶକ୍ତି ? କୁଆଡ଼େ ଗଲା ତୋର ସେ ଅଗ୍ନି-ବର୍ଷୀ ବକ୍ତୃତା ? ଶତ ସହସ୍ର ନିରନ୍ନ ଶ୍ରମିକଙ୍କ ଅନ୍ତରରେ ଯେ ଦିନେ ଭରି ଦେଇଥିଲା ବଞ୍ଚିବାର ପ୍ରେରଣା···ଦାବିର ଦୃଢ଼ତା, ଆଜି ତାର ରକ୍ତ ଶିଥିଳ ହୋଇଯାଇଛି ?

ଶ୍ରୀରାମ -- ଆଉ୍ ବଳଦେବ ! Don't excite me···I am a dead soul ମୁଁ ଗୋଟାଏ ଜଅନ୍ତା ମୁର୍ଦ୍ଦାର । ଏମିତି ବଞ୍ଚିବାରେ କେତେ ଯନ୍ତ୍ରଣା···

ବଳଦେବ—ଶ୍ରୀରାମ !

ଶ୍ରୀରାମ—ହଁ ବଳଦେବ, ରାତି ଆସି ୮ଟା ବାଜିଲାଣି, ପିଲାଦି'ଟା ମୋର ସ୍କୁଲରୁ ଫେରି ଏଯାଏଁ କିଛି ଖାଇନାହାନ୍ତି । ଭୋକରେ ସେମାନେ ଆଉଟ ପାଉଟ ହୋଇଗଲେଣି । ତଥାପି ସରିତା ଏଯାଏଁ ଅଫିସରୁ ଫେରିନି । ସେ ଚାକିରି କରୁଛି···ମାସକୁ ଦରମା ପାଞ୍ଚଶହ ଟଙ୍କା···

ବଳଦେବ—କିନ୍ତୁ ସରିତା ଏତେବେଳଯାଏ କ'ଣ କରୁଛି ?

ଶ୍ରୀରାମ—ଝରଣା ଯାହା କରୁଥିଲା, ନିତା ଯାହା କରୁଛି, ସେ ବି ସେଇଆ କରୁଥିବ, ବଳଦେବ ! ଏ ସଞ୍ଜଟା ବେଶ୍ ମନମତାଣିଆ ହୋଇଛି···

ବଳଦେବ—ଶ୍ରୀରାମ ! Don't talk nonsense. ସରିତା ହୁଏତ କୌଣସି urgent କାମରେ ଅଟକିଯାଇଛି; ହୁଏତ ଫେରୁଥିବ ।

ଶ୍ରୀରାମ—କିଏ ଜାଣେ, ସେ urgent କାମଟା ସରୁ ସରୁ ଏ ରାତି ହୁଏତ ପାହିଯିବ । ଯାଉ, କ୍ଷତି କ'ଣ ? ତା ଉପରେ ମୋର ବା କି ଅଧିକାର ଅଛି ? ମୁଁ ଯେ ଅଥର୍ବ, ପଙ୍ଗୁ । ଏଣିକି ଏ ସଂସାରଟା ତା'ରି ଇଚ୍ଛାରେ ଚାଲିବ···ତା'ରି ଦୟା, ତା'ରି କରୁଣା ଉପରେ ବଞ୍ଚିବାର କି ଯେ ଯନ୍ତ୍ରଣା···

ରାମଦାସ ରୁମେ ହାଜିରିଲା

ବଳଦେବ—ମୁଁ ଦେଖୁଛି ଶ୍ରୀରାମ, ସତରେ ତୁମେ ଏତେବେଳଯାଏ କରୁଛି କ'ଣ । କିନ୍ତୁ ମୋର ଗୋଟିଏ ଅନୁରୋଧ, ହତାଶ ହୁଅନା, have patience. ମୁଁ ଆସୁଛି । (ବଳଦେବ ଚାଲିଗଲେ)

ଶ୍ରୀରାମ—ପେସେନସ୍ ! ଏ ହାତଟା ଯୋଉଦିନ କଟିଗଲା ସେଇଦିନ ମୋର ପେସେନସ୍‌ର କଂକ୍ରିଟ୍ ଡ୍ୟାମ୍‌ଟା ଭାଙ୍ଗି ଚୁରମାର ହୋଇଗଲା ।

(ଭିତରୁ ଆସିଛନ୍ତି ମିଣ୍ଟୁ ଆଉ ମିତା)

ମିଣ୍ଟୁ—ତମେ ପୁଣି କାନ୍ଦୁଛ, ବାପା !

ଶ୍ରୀରାମ—ନାଇଁରେ ମିଣ୍ଟୁ, ଆ, ମୋ ପାଖକୁ ଆ । ବହୁତ ଭୋକ ହେଲାଣି, ନା ରେ ?

ମିତା—ନାଇଁ ବାପା, ବୋଉ ଆସିଲେ ଆମେ ଖାଇବୁଁ ଯେ ।

ଶ୍ରୀରାମ—ହଁ, ବୋଉ ଆସିଲେ ଖାଇବ; ବୋଉ ତମ ପାଇଁ ଜଳଖିଆ ଆଣିଥିବ ।

ମିଣ୍ଟୁ—ବାପା, ତମେ କ'ଣ ଆଉ କମ୍ପାନୀକୁ କାମ କରିବାକୁ ଯିବନି ?

ଶ୍ରୀରାମ—କାମ ? ହଁ, ଯିବି, ଯିବି ମିଣ୍ଟୁ, ମୁଁ ତ ଏବେ ଛୁଟିରେ ଅଛି ।

ମିତା—ବାପା, ତମେ ମତେ ଗୋଟାଏ ସାଇକେଲ ଆଣିଦେବ ବୋଲି କହୁଥିଲ ? ଆଣି ଦେବ ନ ? ମୁଁ ତ କ୍ଲାସ୍‌ରେ ଫାଷ୍ଟ ହୋଇଛି ।

ଶ୍ରୀରାମ—ଆଣିଦେବି ରେ ମାଆ, ନିଶ୍ଚୟ ଆଣିଦେବି । ତୁ ଫାଷ୍ଟ ହୋଇଚୁ ନା ?

ମିତା—ହଁ, ବାପା, ଖାଲି ମୁଁ ନୁହେଁ, ଭାଇ ବି ତାଙ୍କ କ୍ଲାସ୍‌ରେ ଫାଷ୍ଟ ହୋଇଛି ।

ଶ୍ରୀରାମ—ପେଟର ଭୋକକୁ ଚାପିରଖି ମୋ ପିଲାଏ ପାଠ ପଢ଼ି ଫାଷ୍ଟ ହେଉଛନ୍ତି । ଆଉ ମୁଁ, ତାଙ୍କ ପେଟଭରି ଗଣ୍ଡାଏ ଖାଇବାକୁ ଦେଇପାରୁନି ।

ମିଣ୍ଟୁ—ବାପା, ମୋ ପାଇଁ ବି ଗୋଟାଏ ଭଲ ସାଇକେଲ ଆଣିଦବ । ତମେ କହୁଥିଲ ନା ମୁଁ କ୍ଲାସରେ ଫାଷ୍ଟ ହେଲେ ମତେ ଗୋଟାଏ hero cycle କିଣିଦେବ ବୋଲି ?

ଶ୍ରୀରାମ—ମିଣ୍ଟୁ ! (କହି କୋଳେଇନେଲେ) ତମେସବୁ ପାଠ ପଢ଼ି ମଣିଷ ହୁଅ, ମୋର ସ୍ୱପ୍ନକୁ ସାର୍ଥକ କର, ଏଇ ମୋର ଆଶୀର୍ବାଦ ।

[ଏହିସମୟରେ ଆସିଛନ୍ତି ସରିତା, ହାତରେ କିଛି ଜଳଖିଆ]

ମିଣ୍ଟୁ ଓ ମିତା—ହେଇ, ବୋଉ ଆସିଲାଣି । ତୁ ଏତେବେଳେଯାଏ କୋଉଠି ଥିଲୁ, ବୋଉ ?

ସରିତା—ନେ, ମିତା, ଏ ଜଳଖିଆ ଖାଇନଅ । (ଜଳଖିଆ ପୁଡ଼ା ନେଇ ଫିଟାଇ ଖାଇଲେ ମିତା ଓ ମିଣ୍ଟୁ)

ଶ୍ରୀରାମ—ଏତେବେଳେଯାଏ କ'ଣ କରୁଥିଲ ? ରାତି ଆସି···

ସରିତା—ଗୁଡ଼ାଏ urgent କାମ ସାରି ଆସୁ ଆସୁ ଡେରି ହୋଇଗଲା ! କ'ଣ କରିବି, managing director ରଜତବାବୁଙ୍କର ଏକାଜିଦ୍ ସବୁ କାମ ସାରି ଯିବାକୁ । ତାଙ୍କ କଥା ଭାଙ୍ଗି ନ ପାରି···

ଶ୍ରୀରାମ—ତା'ର ଅନୁରୋଧ ରକ୍ଷା କରି ଅନେକ ରାତି ହୁଏତ ତୁମକୁ ତା'ର private chamber ରେ ରହିବାକୁ ପଡ଼ିପାରେ, ସରିତା !

ସରିତା—ମାନେ ?

ମିତା—ବାପା, ତମେ ଗୋଟାଏ ଖାଅ, ନିଅ…(ପାଟିରେ ଦେଲା)

ଶ୍ରୀରାମ—ଆରେ ନା ମା, ମୁଁ କଣ ପିଲା ହେଇଚି !·ମତେ ତ ମୋଟେ ଭୋକ ନାହିଁ ।

ମିତା—ହଁ, ତମେ ତ ଏତେବେଳଯାଏ କିଛି ଖାଇନ, ଚା' ବି ପିଇନ, ନିଅ, ତମକୁ ମୋ ରାଣ, ଏଇ ଗୋଟାକ ଖାଇଦିଅ । (ପାଟିରେ ଗୁଞ୍ଜି ଦେଲା)

ସରିତା—ତୁମେ ମତେ ସନ୍ଦେହ କରୁଛ ?

ଶ୍ରୀରାମ—ସରିତା, ପିଲାଙ୍କର ଏ ଭୋକିଲା ମୁହଁ ତମର ମନେ ପଡ଼ିଲାନି ? ତମର ଚାକିରିଟା ଏତେ ବଡ଼ ହେଇଗଲା !

ସରିତା—ମତେ ତୁମେ ବୁଝିବାକୁ ଚେଷ୍ଟା କର, ମୋର ଉପାୟ ନ ଥିଲା, ମୁଁ ଚାକିରି କରିଛି, ମାଲିକର ନିର୍ଦ୍ଦେଶକୁ…

ଶ୍ରୀରାମ—Oh, stop it ସରିତା, stop it. ମାଲିକର ନିର୍ଦ୍ଦେଶ… ତମର ସେ ମାଲିକକୁ ମୋ'ଠାରୁ ତୁମେ କ'ଣ ବେଶୀ ଜାଣିଚ ? ତାକୁ ବେଶୀ ଚିହ୍ନିଚ ? ହି ଇଜ୍ ଏ ରୋଗ୍…ଏ ସ୍କାଉଣ୍ଡ୍ରାଲ ।

ସରିତା—ତା' ହେଲେ ତୁମେ କ'ଣ ଚାହଁ ମୁଁ ଏ ଚାକିରିଟା ଛାଡ଼ିଦେବି ?

ଶ୍ରୀରାମ—ଛାଡ଼ିଦେଲେ କ୍ଷତି କଣ ?

ସରିତା—ତା' ହେଲେ ଚାକିରି join କରିବାକୁ ମତେ କହିଲ କାହିଁକି ? ଏ ସଂସାର ଚଳିବ କିପରି ? ଆମେ ବଞ୍ଚିବା କିପରି ?

ଶ୍ରୀରାମ—ହଁ, ସଂସାର ଚଳିବ କେମିତି···ଆମେ ବଞ୍ଚିବା କେମିତି···?
ସତରେ ସରିତା, ବଞ୍ଚିବାରେ କେତେ ଯେ ଯନ୍ତ୍ରଣା, ଆଃ ! ଚାଲ୍
ମିଠୁ, ଆ ମିତା । ମୁଁ ତୁମକୁ ପାଠ ପଢ଼େଇଦେବି, ଚାଲ ।

[ଦୁହିଁଙ୍କ ନେଇ ଭିତରକୁ ଚାଲିଗଲେ । ସରିତା ନିର୍ବାକ୍ ହୋଇ ଶ୍ରୀରାମ ଦାସଙ୍କୁ ଦେଖୁଥିଲେ; ବୁଝିବାକୁ ଚେଷ୍ଟା କରି ସେ ହୁଏତ ବୁଝିପାରୁ ନ ଥିଲେ । ଆଖିରେ ତାଙ୍କର ଲୁହ ଜକେଇ ଆସିଲା ।]

ମଞ୍ଚ ଅନ୍ଧାର

ଷଷ୍ଠ ଦୃଶ୍ୟ

[M. D. ରଜତ ଚୌଧୁରୀଙ୍କର ଅଫିସ୍ । ସମୟ ଦିନ ୧୧।୧୨ଟା ହେବ । ଫାଇଲ୍ ଯାଞ୍ଚ କରୁଥିଲେ ରଜତ ଚୌଧୁରୀ । ଅଫିସ୍ ପିଅନମାନେ ଫାଇଲ୍ ଆଣି ଜମା କରି ଦେଉଥିଲେ । ବିଭିନ୍ନ phone call ସବୁ ଆସୁଥାଏ । କିନ୍ତୁ ରଜତ ଚୌଧୁରୀଙ୍କର କାମ କରିବାରେ ଆଗ୍ରହ ନ ଥିଲା । ସେ ମନେ ମନେ କିଛିଟା ବିରକ୍ତ ଏବଂ ଉତ୍ତ୍ୟକ୍ତ ମଧ୍ୟ ହୋଇଉଠିଥିଲେ । ହଠାତ୍ ଜଣେ ପିଅନ ଗୁଡ଼ାଏ ଫାଇଲ ନେଇ ଆସିଛି । ତାକୁ ଦେଖି ବିରକ୍ତ ହୋଇ···]

ରଜତ—ଫାଇଲ···ଫାଇଲ···ଫାଇଲ···Take these files bac' ସବୁ କାମ ଯେମିତି ଆଜକୁ ଶେଷ କରିବାକୁ ଥିଲା । (ପିଅନଟା ଉତ୍ତରକୁ ଚାହିଁଥିଲା) ବୋକାଙ୍କ ଭଳି ଚାହିଁଛୁ କ'ଣ ? ଯା; ନେଇ ଯା' ଏ file ସବୁ, ତମ ମଲ୍ଲିକ ସାହେବଙ୍କୁ ଦବୁ । (ପିଅନଟା ଫାଇଲ୍ ନେଇ ଚାଲିଗଲା । ଏହି ସମୟରେ ପୁଣି ଫୋନ ଆସିଲା । ରିସିଭର ଉଠାଇ···ବିରକ୍ତରେ) ହ୍ୟାଲୋ ···ରଜତ ଚୌଧୁରୀ speaking···ଏଁ ? Oh no, you can talk to Mallik saheb. No, no, I can't do anything. (କହି ଧଡ଼୍ କରି ରିସିଭର ରଖିଦେଲେ । ଏହି ସମୟରେ ହସି ହସି ପଶିଆସିଲା ନୀତା । ନୀତାକୁ ଦେଖି ସବୁ ବିରକ୍ତିଭାବ ତାଙ୍କର କୁଆଡ଼େ ଉଭେଇଗଲା ।)

ରଜତ—ହ୍ୟାଲୋ ନୀତା, you look very lovely to-day. ଆଉ, ଫେରିଲ କେତେବେଳେ ?

ନୀତା—ବର୍ତ୍ତମାନ ପ୍ଲେନରୁ ଓହ୍ଲାଇ ସିଧା ଆପଣଙ୍କ ପାଖକୁ ଆସୁଛି ।

ରଜତ—ସତରେ ନୀତା, ତୁମ ବିନା ଏଇ ଦୁଇଟା ଦିନ ଯେ ମୋର କି ଯନ୍ତ୍ରଣା ଭିତରେ କଟିଛି ତା' ତୁମେ କଳ୍ପନା ବି କରିପାରିବନି । ତୁମେ ନ ଥିଲେ ଏତେ ବଡ଼ ଅଫିସଟା ମତେ ଗୋଟାଏ ସାହାରା ମରୁଭୂମି ଭଳି ମନେହୁଏ । ଆଉ ତୁମକୁ ପାଖରେ ପାଇଲେ···(କହି ନିଜ ଉପରକୁ ଆଉଜାଇ ନେବାବେଳେ)

ନୀତା—(ଲାଜରେ) ଆରେ, ଏ ଅଫିସ୍ ଭିତରଟାରେ···

ରଜତ—Oh ନୀତା, ତୁମକୁ ଦେଖିଲେ ମୁଁ ସବୁ ଭୁଲିଯାଏଁ । ମୋର ଯେମିତି ମନେହୁଏ ସବୁ କାମ ଛାଡ଼ି ତୁମକୁ ନେଇ ଚାଲିଯାନ୍ତି

ଅନେକ ଦୂରକୁ···ଅନେକ ଦୂରକୁ । ମୋ ସ୍ୱପ୍ନର ସେଇ ମାନସରୋବର···ଯେଉଁଠି ମିଳନପିଆସୀ ବନହଂସୀର ଆ ଳ କଣ୍ଠରେ ଫୁଟି ଉଠେ ଭଲପାଇବାର ମର୍ମରିତ କାକଳୀ···

ନିତା—(ହସି) ଆପଣଙ୍କ ଭାଷାରେ କବିତ୍ୱର କେତେ ଯେ ମୂର୍ଚ୍ଛନା··· ଆପେ ଆପେ ମନ ଟାଣିହୋଇଯାଏ ।

ରଜତ—ମୋ ଜୀବନର ଚଲାପଥରେ ଆଉ କେଇଟା ବର୍ଷ ଆଗରୁ ତୁମ ସହିତ ମୋର ଯଦି ଭେଟ ହୋଇଥାନ୍ତା ତାହାହେଲେ ମୁଁ ଜଣେ ଇଞ୍ଜିନିୟର ନ ହୋଇ ହୋଇଥାନ୍ତି ଏ ଦେଶର ସର୍ବଶ୍ରେଷ୍ଠ କବି··· ହୋମର । ସୃଷ୍ଟି ହୋଇଥାନ୍ତା ଅମର କାବ୍ୟ···ଏକ ନୂତନ ଇଲିଅଡ୍ । (କହି ନିତାର ହାତକୁ ଚିପି ଧରିଲେ । ଏହି ସମୟରେ ଜଣେ ପିଅନ ପଶିଆସିଛି··)

ରଜତ—କ'ଣ ଦରକାର ?

ପିଅନ—ଜଣେ ଲୋକ ଆପଣଙ୍କ ସହିତ ଦେଖା କରିବାକୁ ଚାହେଁ, Sir !

ରଜତ—ସେ ଲୋକଟାର ପରିଚୟ ନ ବୁଝି ସିଧା ମୋ ପାଖକୁ ଚାଲି-ଆସିଲ କାହିଁକି ? କେତେଥର କହିଛି ମୋର ବିନାଅନୁମତିରେ ଅଫିସ୍ ଭିତରକୁ ଆସିବନି ବୋଲି ? ଯାଅ···

ପିଅନ—Sir, ମୋର ଯାହା ମନେହୁଏ ସେ ଲୋକଟା ବୋଧହୁଏ ଆମ ଅଫିସରେ ଯୋଉ ଝରଣା ଦେବୀ କାମ କରୁଥିଲେ ତାଙ୍କର ସ୍ୱାମୀ ।

ରଜତ—What ? ଝରଣାର ସ୍ୱାମୀ ? ସେ ଏଠି କାହିଁକି ? କହିଦିଅ ଦେଖା ହୋଇପାରିବନି··ଯାଅ···(ପିଅନ୍ ଚାଲିଗଲା)

ନତା—ଝରଣାର ସ୍ୱାମୀ ! ଲୋକଟା ଆଦୌ ଭଲ ନୁହେଁ, Sir ! ଆପଣଙ୍କ ବିରୁଦ୍ଧରେ ସେ ଯେଉଁଭଳି କୁତ୍ସାରଟନା କରୁଛି ନା···

ରଜତ—ତା'ର ସ୍ତ୍ରୀ ମରିଗଲା ପରେ ସେ ଲୋକଟା ବୋଧହୁଏ ପାଗଳ ହୋଇଯାଇଛି । I will set him right, ନତା !

ନତା—ଖାଲି ଆପଣଙ୍କ ବିରୁଦ୍ଧରେ ନୁହେଁ, Sir, ମତେ ଆଉ ଆପଣଙ୍କୁ କେନ୍ଦ୍ର କରି ସେ ସହରସାରା ଗୁଜବ ପ୍ରଚାର କରି ବୁଲିଛି ।

ରଜତ—I see ! ବଦ୍‌ନାମର ଯେତେ ଲିଫ୍‌ଲେଟ୍ ବାଣ୍ଟିଲେ ବି ସେ ଲୋକଟା ଆମର କିଛି କ୍ଷତି କରିପାରିବନି, ନତା ! ଆଉ ଯଦି ମତେ ବ୍ଲାକ୍‌ମେଲ୍ କରିବାକୁ ଚାହୁଁଥାଏ ତାହାହେଲେ···

[ବାହାରେ "ନା, ନା, I must meet the scoundre ମୋତ ଛାଡ଼ିଦିଅ···ମତେ ଛାଡ଼ିଦିଅ" କହି ପିଅନମାନିଙ୍କୁ ଧକ୍‌କା ମାରି ଅଫିସ୍ ଭିତରକୁ ପଶିଆସିଲା ଅସୀମ ମହାନ୍ତି]

ରଜତ—କିଏ ? କିଏ ତୁମେ ? Without my permission office ଭିତରକୁ ଆସିଲ କାହିଁକି ?

ଅସୀମ—ଅନୁମତିପତ୍ର ନେଇ ପ୍ରବେଶ କରିବାର କାଇଦା ମତେ ଜଣାନାହିଁ, ଚୌଧୁରୀ ସାହେବ ! ମୋର କାମ ଅଛି, ମୁଁ ଆସିଛି·· ବ୍‌ସ୍ । ଆଉ ମୋର ପରିଚୟ···ମୁଁ ଅସୀମ ମହାନ୍ତି । ଝରଣା ମହାନ୍ତିର ସ୍ୱାମୀ । ଚିହ୍ନି ପାରିଲେ Mr. Choudhury ?

ରଜତ—ଓ, ତୁମେ ! କଣ ଦରକାର ?

ଅସୀମ —କାମ ତ ଅନେକ ଅଛି, **Mr. Choudhury.** କାମ ନ ଥିଲେ ମୁଁ କଣ କେବେ ଆପଣଙ୍କର ଦ୍ୱାରସ୍ଥ ହୋଇଥାନ୍ତି ?

ରଜତ—ତୁମେ ଆସ ନିତା, **you came at two...**

ଅସୀମ—ହଁ, ତୁମେ ଆସ ନିତା ! ଝରଣାର ପଦାଙ୍କ ଅନୁସରଣ କରିବା ଆଗରୁ ନିଜକୁ ଏ ଇନ୍ଦ୍ରଜାଲ ଭିତରୁ ଦୂରେଇନିଅ । ତା ନ ହେଲେ ତୁମେ ବି ଦିନେ ତାରି ଭଳି ଆତ୍ମହତ୍ୟା କରିବ । ଅବଶ୍ୟ ତୁମେ ଯଦି ସତି ସାବିତ୍ରୀ ହୋଇଥାଅ...

(କିନ୍ତୁ ହସିଉଠିଲେ)

ନିତା—ଏ ପାଗଳଟାକୁ ଧକ୍କା ଦେଇ ବାହାର କରିଦିଅନ୍ତୁ, **Sir,** ତା ନ ହେଲେ ଏ ଲୋକଟା ହୁଏତ କିଛି ଗୋଟାଏ ଦୁର୍ଘଟଣା ଘଟାଇ ବସିବ ।

ଅସୀମ—(ହୋ ହୋ ହେଇ ହସିଉଠିଛି) ଦୁର୍ଘଟଣା ! ଏ ଜୀବନଟା ତ ଅନେକ ଦୁର୍ଘଟଣାର ସମଷ୍ଟି, ନିତା ! ଭୟ କାହିଁକି ? ଯେଉଁଦିନ ତମର ବାନ୍ଧବୀ ଝରଣାକୁ କଥାର କୁହୁକରେ ବାନ୍ଧିଦେଇ ତା ଜୀବନର ଚରମ ଦୁର୍ଘଟଣା ଘଟାଇଥିଲ ସେ ଦିନଟା କଣ ଏତେ ଜଲ୍‌ଦି ଭୁଲିଗଲ ? ନିଜର ଏଇ ସାମାନ୍ୟ ଗୁରୁକରିଷଣ୍ଡିକ ବଞ୍ଚାଇବାକୁ ଯାଇ ନିଜ ଦେହର ·ରକ୍ତମାଂସକୁ ପଳପଳ କରି ତମେ ଯେ ବିକ୍ରି କରି ଗୁଲିଚ ତା କଣ ଏକ ଦୁର୍ଘଟଣା ନୁହେଁ ?

(ପୁଣି ହସିଛି)

ତୁମେ ଆସ ନିତା, ମୋର ଅନେକ କାମ ଅଛି ।

ରାମଦାସ ତୁମେ ହାରିଗଲ

ନର୍ତ୍ତା —(ସ୍ୱଗତରେ) All right ! ମୁଁ ଆସୁଛି Sir, I will come at two. (ନର୍ତ୍ତା ଚାଲିଗଲା । ରଜତ ଏବଂ ଅସୀମ ପରସ୍ପରକୁ ଚାହିଁଲେ କିଛି ସମୟ ପାଇଁ)

ରଜତ—କଣ ଚାହଁ ?

ଅସୀମ—ମୋ ଝରଣାକୁ ମତେ ଫେରାଇ ଦେଇପାରିବ Mr. Choudhury ?

ରଜତ—ଏ ପାଗଳାମି ବନ୍ଦ କର ଅସୀମ, ମୋର ଅନେକ କାମ ବାକି ଅଛି ।

ଅସୀମ—ମୋର ବି ଅନେକ କାମ ବାକି ଅଛି, Mr. Choudhury, ମୋର ବି ସମୟର ମୂଲ୍ୟ ଅଛି । (ପକେଟରୁ ଗୋଟାଏ ଚିଠି କାଢ଼ି) ଚିହ୍ନି ପାରୁଛନ୍ତି ଚୌଧୁରୀ ସାହେବ, ଏ ଚିଠିର ଲେଖିକାକୁ ଚିହ୍ନି ପାରୁଛନ୍ତି ?

[ଚିଠିଟା ତାଙ୍କ ଆଖି ଆଗରେ ଦେଖାଇଲା । ଭାସିଆସିଲା ଝରଣାର ସ୍ୱର]

"ମୁଁ ଆଜ ଆତ୍ମହତ୍ୟା କରୁଛି···ନିଜ ଇଚ୍ଛାରେ ନୁହେଁ, ବାଧ୍ୟ ହୋଇ । କୋଉ ମୁହଁ ନେଇ ମୁଁ ବା ବଞ୍ଚିରହିବି ? ହେ ମୋର ପ୍ରାଣର ଦେବତା, ମୋର ଆରାଧ୍ୟ ସ୍ୱାମୀ, ତୁମ ନିକଟରେ ଏ କଳୁଷିତ ଦେହକୁ କିପରି ସମର୍ପଣ କରିବି ·? ମୁଁ ଯେ ଆଜ ପତିତା । ମୋ ନାରୀଜୀବନର ସମସ୍ତ ପବିତ୍ରତାକୁ ସେ ରାକ୍ଷସ ରଜତ ଚୌଧୁରୀ ବଳାତ୍କାରରେ ଲୁଟିନେଇଛି । ମୋର ମୃତ୍ୟୁ ପାଇଁ ସେ ଦାୟୀ । ଯଦି ପାର, ପ୍ରତିଶୋଧ ନେବ । ମତେ କ୍ଷମା କରିବ ସ୍ୱାମୀ, ମୁଁ ଏକ ହତଭାଗିନୀ । ବିଦାୟ । ଝରଣା ।"

ରଜତ—(ଚିତ୍କାର କରି) ନା, ଏସବୁ ମିଛ କଥା । ମୋ ବିରୁଦ୍ଧରେ ଏହା ଗୋଟାଏ ଷଡ଼ଯନ୍ତ୍ର । ଝରଣା ଆତ୍ମହତ୍ୟା କରିଛି । ମୁଁ ସେଥିପାଇଁ ଦାୟୀ ନୁହେଁ···ହୋଇପାରେ ନା ।

ଅସୀମ—Mr. Choudhury ! ଦୁନିଆରେ ତୁମେ ସମସ୍ତଙ୍କୁ ମିଛ କହି ଫାଙ୍କିଦେଇପାରିବ । ମୁଁ ଜାଣେ, ଟଙ୍କାର ତାକତରେ ତୁମେ ସବୁକିଛି ପ୍ରମାଣ ଉଡ଼ାଇଦେଇପାରିବ । ହେଲେ ଝରଣାର ସେ ପ୍ରେତାତ୍ମା ? ସେ କେବେହେଲେ ତୁମକୁ କ୍ଷମା ଦେବନି । ମୁଁ ତାର ଶେଷ ଅନୁରୋଧ ନିଶ୍ଚୟ ରକ୍ଷା କରିବ । ମୁଁ ପ୍ରତିଶୋଧ ନେବ, Mr, Choudhury···ଝରଣାର ସେ ଅତୃପ୍ତ ଆତ୍ମାକୁ ଶାନ୍ତି ଦେବାପାଇଁ ମୁଁ ହସି ହସି ଫାଶୀଖୁଣ୍ଟ ଉପରକୁ ଚାଲିଯିବି ।

ରଜତ—ଅସୀମ ! I say, go out ! ତା ନ ହେଲେ ମୁଁ ସଙ୍ଗେ ସଙ୍ଗେ policeକୁ ଟେଲିଫୋନ୍ କରିବ ।

ଅସୀମ—(ହସିଉଠିଛି) ଚୌଧୁରୀ ସାହେବ, ଝରଣାର ଏ ଚିଠିଟା ଯଦି ପୋଲିସ ହାତରେ ପଡ଼େ ତାହାହେଲେ ପରିଣାମ ଚିନ୍ତା କରିପାରୁଛନ୍ତି···? ଏଇଟା ହେଉଛି ଝରଣାର ମୃତ୍ୟୁକାଳୀନ ଜମାନବନ୍ଦୀ ।

ରଜତ—(ଆତଙ୍କରେ) ଅସୀମ, ମତେ ବିଶ୍ୱାସ କର ଅସୀମ, ଝରଣା ସହିତ ମୁଁ କେବେ ଖରାପ ବ୍ୟବହାର କରି ନ ଥିଲି ।

ଅସୀମ—ଝରଣା ତାହାହେଲେ ଜାଣିଜାଣି ତାର ସୁନାର ସଂସାରକୁ ଉଜାଡ଼ି ଦେଲା, ନା ? Mr. Choudhury, let us compromise. ମୋର ଲକ୍ଷେ ଟଙ୍କା ଦରକାର ।

ରଜତ—ଲକ୍ଷେ ଟଙ୍କା ?

ଅସୀମ—ହଁ, ଲକ୍ଷେ ଟଙ୍କା । ଝରଣାର ଦାମ ନିଶ୍ଚୟ ଲକ୍ଷେ ଟଙ୍କାରୁ କମ୍ ନୁହେଁ, Mr. Ct oudhury !

ଅସୀମ—ଲକ୍ଷପତି ରଜତ ଚୌଧୁରୀଙ୍କୁ କଣ ଲକ୍ଷେ ଟଙ୍କା ଅଭାବ ରହିବ ? ତା ନ ହେଲେ···

(ଚିଠିଟା ଦେଖାଇଛି)

ରଜତ—ମୁଁ ତୁମକୁ ଲକ୍ଷେ ଟଙ୍କା ଦେବି ଅସୀମ, କିନ୍ତୁ···

ଅସୀମ—ମୁଁ ଜାଣେ ଆପଣ ନିଶ୍ଚୟ ଦେବେ । ଆଉ ମୁଁ ଏ ଟଙ୍କା ନେଇ କଣ କରିବି ଜାଣନ୍ତି Mr. Choudhury ? ଏଇ ଇସପାତ ନଗରୀରେ ମୁଁ ସୃଷ୍ଟି କରିବି ବିଶ୍ୱର ଅନ୍ୟ ଏକ ବିସ୍ମୟ—ମୋ ପ୍ରିୟାର ସ୍ମୃତିର ମର୍ମର ସମାଧି । ଆଉ ସେଇ ସମାଧିର ଶଙ୍ଖଧବଳ ପାଷାଣ ବକ୍ଷରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ କରିଯିବି ଆପଣଙ୍କ ଜୀବନର ଏଇ କଳଙ୍କିତ କାହାଣୀକୁ···

(ହସିଛି)

ରଜତ—ଅସୀମ ! ମୁଁ ତୁମକୁ ଲକ୍ଷେ ଟଙ୍କା ଦେବି, କିନ୍ତୁ ତା କେବଳ ଗୋଟାଏ ସର୍ତ୍ତରେ । ଝରଣାର ସେ ହାତଲେଖା ଚିଠିଟା ତମକୁ ମତେ ଦେବାକୁ ପଡ଼ିବ ।

ଅସୀମ—(ହସିଉଠିଚି) ଏତେ ସହଜରେ ଏ ଚିଠିଟା ଆପଣଙ୍କ ହାତକୁ ଚାଲିଯିବ ? ମୁଁ ଏତେଟା ବୋକା ନୁହେଁ, Mr. Choudhury··· ଏ ଚିଠିଟା ମୋ ହାତରୁ ଚାଲିଗଲେ ମୋର ଖେଳ ଯେ ଶେଷ ହୋଇଯିବ । କିସ୍ତିମାତ୍ ହେବାକୁ କିନ୍ତୁ ଅନେକ ଡେରି ଅଛି । ମାଙ୍କଡ଼ ନାଚ ଆପଣ ଦେଖିଛନ୍ତି Mr. Choudhury···ଏଁ ?

ରଜତ—ଅସୀମ, are you in senses ?

ଅସୀମ—(ହସିକି) ହଁ ଚୌଧୁରୀ ସାହେବ, ଅନେକେ ମତେ ପାଗଳ ବୋଲି କହୁଛନ୍ତି; କିନ୍ତୁ ମି. ଚୌଧୁରୀ, ଆପଣ କଣ ଭାବୁଛନ୍ତି ମୁଁ ସତରେ ପାଗଳ ହୋଇଯାଇଚି ବୋଲି ? କଣେ ପାଗଳ କଣ ଏତେ ସୁନ୍ଦର ଖେଳ ଖେଳିପାରେ ? ମୁଁ ସାରୁ ଚଳାଇବାରେ କେବେ ଭୁଲ କରେନା, ମି: ଚୌଧୁରୀ । ମୁଁ ଆସୁଛି । କିନ୍ତୁ ଲକ୍ଷେ ଟଙ୍କା ଯେପରି ମୁଁ ୧୮ ତାରିଖ ସନ୍ଧ୍ୟା ୬ଟା ସୁଦ୍ଧା ପାଇଯାଏ—**the entire money in cash, not by cheque.** ଟା ··ଟା···

(ଅସୀମ ଚାଲିଗଲା ପରେ Mr. ଚୌଧୁରୀ ଖୁବ୍ ଚିନ୍ତିତ ହୋଇପଡ଼ିଲେ ଆଉ ବିବ୍ରତ ବି । ଖୁବ୍ ଜୋରରେ calling bell press କଲେ । ଆସିଛି ପିଅନ)

ରଜତ—ନନ୍ଦା···(peon ଚାଲିଗଲା । ପରେ ପରେ ଟେଲିଫୋନ୍ ବାଜି ଉଠିଲା) ହ୍ୟାଲୋ, ହଁ ହଁ, ମୁଁ ରଜତ ଚୌଧୁରୀ କହୁଛି । କଣ କହିଲେ···କମ୍ପାନୀର କର୍ମଚାରୀମାନେ ରାମଦାସର ନେତୃତ୍ୱରେ ଧର୍ମଘଟ କରିବେ ? ଠିକ୍ ଅଛି, ଶର୍ମାଜୀ, ଏଇଥର ସେମାନେ ଯଦି ପୁଣି ଧର୍ମଘଟ କରିବାର ଦୁଃସାହସ କରନ୍ତି ତାହା ହେଲେ··· (ରିସିଭରଟା ରଖିକରି କାଟିଦେଲେ ଏବଂ ସେହି ସମୟରେ ନନ୍ଦା ଆସିଛି) ପଙ୍ଗୁ ରାମଦାସର ନେତୃତ୍ୱରେ ପୁଣି ଥରେ ଧର୍ମଘଟ···

ନନ୍ଦା—କଣ ହେଇଛି, Sir ?

ରଜତ—କମ୍ପାନୀର କର୍ମଚାରୀମାନେ ସେଇ ଗଙ୍ଗୁ ରାମଦାସର ନେତୃତ୍ୱରେ ପୁଣି ଥରେ ଧର୍ମଘଟ କରିବେ । But I don't care for them. ତମେ ମତେ ଟିକିଏ ସାହାଯ୍ୟ କର, ନୀତା, please···

ନୀତା—କଣ ହୋଇଛି Sir, ମନେହୁଏ ସେ ଲୋକଟା···

ରଜତ—ହଁ ନୀତା, ସେଇ ଅସୀମ ମହାନ୍ତି, ସେଇଟା ଗୋଟାଏ ଡେଞ୍ଜରସ୍ ଲୋକ । ସେ ମତେ ବ୍ଲାକ୍‌ମେଲ୍ କରିବାକୁ ଚାହେଁ ।

ନୀତା—କିନ୍ତୁ Sir, ମୁଁ କଣ କରିପାରିବି ? ସେ ଲୋକଟା ମତେ ବି ଘୃଣା କରେ । ଦେଖିଲେ ନା ଆପଣଙ୍କ ସାମନାରେ କିପରି ମୋର ବେଇଜ୍ଜତି କଲା ! ମୋର ଯାହା ମନେହୁଏ, ସେ ବୋଧହୁଏ ସବୁ କଥା ଜାଣିପାରିଛି ।

ରଜତ—ଖାଲି ଜାଣିପାରିଛି ନୁହେଁ, ନୀତା, ଝରଣାହାତର ଗୋଟାଏ ଚିଠି ବି ତା ହାତରେ ପଡ଼ିଛି । ସେଦିନ ସେ ଦୁର୍ବଳ ମୁହୂର୍ତ୍ତରେ ମୁଁ ଯୋଉ ଭୁଲ କରିଛି ତା'ର ସୁଯୋଗ ନେଇ ସେ ସଇତାନଟା ମୋର ସର୍ବନାଶ କରିବ । ମୋର ମାନସମ୍ମାନ ସବୁ ମାଟିରେ ମିଶିଯିବ···Plea·e help me, Neeta···ତମେ ଚାହିଁଲେ···

ନୀତା – ଆପଣଙ୍କ ପାଇଁ ମୁଁ ସବୁ କିଛି କରିପାରିବି, Sir, କହନ୍ତୁ ମତେ କଣ କରିବାକୁ ପଡ଼ିବ ?

ରଜତ—ନୀତା dear, ତମକୁ ଅସଂଖ୍ୟ ଧନ୍ୟବାଦ । ଝରଣା'ର ସେ ଚିଠିଟା ତା'ଠାରୁ ଯେପରି ହେଉ ହସ୍ତଗତ କରିବାକୁ ପଡ଼ିବ । ଆଉ ଯଦି ଦରକାର ପଡ଼େ ସେ ଲୋକଟାକୁ ସବୁଦିନ ପାଇଁ ଆମ ରାସ୍ତାରୁ···(ଅଭିନୟରେ ସେ ଦେଖାଇଦେଲେ ଯେ ସାଫ୍ କରିଦେବାକୁ ପଡ଼ିବ ବୋଲି)

ନତା—(ଆତଙ୍କରେ) ରଜତ୍‌ବାବୁ !

ରଜତ—Oh, my darling, ସେ କାମ ତୁମକୁ କରିବାକୁ ପଡ଼ିବନି । (Calling bell press କଲେ—ଆସିଛି ପିଅନ) ଶର୍ମାଜୀ··· (ପିଅନ ଚାଲିଗଲା)

ନତା—ଆଜି ପରା I. P. Lର ମ୍ୟାନେଜିଂ ଡାଇରେକ୍ଟର Mr. ଶ୍ରୀବାସ୍ତବ ଆଉ ପ୍ରୋଡକସନ ମ୍ୟାନେଜର Mr. ସୁନ୍ଦରରାଜନ ଆସିବେ । ସେମାନଙ୍କ ପାଇଁ···

ରଜତ—Oh, ନତା, ମୁଁ ତ ସେମାନଙ୍କ କଥା ଏକବାରେ ଭୁଲି-ଯାଇଥିଲି । ସେମାନେ ଆଜି ୫-୩୦ planeରେ ଓହ୍ଲାଇବା କଥା—କନ୍‌ଫର୍ମେସନ୍ ଲେଟର ବି ଆସିଯାଇଛି । ମୁଁ ଯେ କଣ କରିବି କିଛି ବୁଝିପାରୁନି ନତା !

ନତା—ବ୍ୟସ୍ତ ହବାର କଣ ଅଛି ? ସେମାନଙ୍କ ପାଇଁ ଆମ Guest houseରେ seat reserve କରାହୋଇଛି । ଖାଲି ସେମାନଙ୍କର ଚର୍ଚ୍ଚା କରିବା କଥା ।

ରଜତ–ଠିକ୍ କହିଛ ନତା, ସେମାନେ ଆମର ସମ୍ମାନିତ ଅତିଥି—ସେମାନଙ୍କର ପରିଚର୍ଯ୍ୟାରେ ଯେପରି କୌଣସି ତ୍ରୁଟି ନ ହୁଏ ତା ଦେଖିବା ଆମର କର୍ତ୍ତବ୍ୟ । ତା ନ ହେଲେ ଆମ Company ର goodwill ନଷ୍ଟ ହୋଇଯିବ···(ପୁଣି Calling bell ଚିପିଲେ—ଆସିଛି ପିଅନ)

ନତା—ମୁଁ ଭାବୁଛି ସେଇ ମହାମାନ୍ୟ ଅତିଥିମାନଙ୍କର ଚର୍ଚ୍ଚା କରିବାର ଦାୟିତ୍ୱ ଯଦି ସରିତା ଦାସକୁ ଦିଆଯାଏ ତାହାହେଲେ···

ରଜତ—Nice idea, Neeta, nice idea ! କିନ୍ତୁ ସରିତା ଯଦି ରାଜି ନ ହୁଏ ?

ନୀତା—ସରିତା ଗୁକିରି କରୁଛି, Sir, ଆପଣଙ୍କ ନିର୍ଦ୍ଦେଶ ଅମାନ୍ୟ କଲେ...

ରଜତ—ତୁମେ ଭୁଲିଯାଉଛ ନୀତା, ସରିତାକୁ appointment ଦେଇଛି ରଞ୍ଜନ ମଲ୍ଲିକ । ସରିତାର ସେ ମାଂସଳ ଦେହର ଚଟକୀ ବାସନା ତାକୁ ହୁଏତ attract କରିଛି...ଆଉ ସେଇଥିପାଇଁ...

ନୀତା—ଆପଣ କଣ ଭାବୁଛନ୍ତି ସରିତା ଆପଣଙ୍କ କଥାରେ ଅବାଧ୍ୟ ହେବ ?

ରଜତ—Let me try, Neeta...(Calling bell ବଜାଇଲେ... ଆସିଛି peon) ସରିତା ଦାସ...(ପିଅନ ଗୁଲିଗଲା)

ନୀତା—ଆପଣ ଠିକ୍ କହୁଛନ୍ତି, Sir, ମଲ୍ଲିକ ସାହେବ ହୁଏତ ସରିତାକୁ ଭଲପାଆନ୍ତି । ମୁଁ ଅନେକ ଥର ଲକ୍ଷ୍ୟ କରିଛି, ମଲ୍ଲିକ ସାହେବଙ୍କୁ ଦେଖିଲେ ସରିତାର ଗାଲ ଦୁଇଟା ଲାଜରେ ଲାଲ ପଡ଼ିଯାଏ, ଆଖିପତା ତାର ତଳକୁ ନଇଁଯାଏ ।

ରଜତ—ତା ହେଲେ ରଞ୍ଜନ ମଲ୍ଲିକକୁ ଜବତ କରିବାକୁ ମତେ କେଇଟା ଦିନ ବି ଲାଗିବନି, ନୀତା ! ତଥାପି ଅଦୂର ଭବିଷ୍ୟତରେ ଏକ ପ୍ରଚଣ୍ଡ ଝଡ଼ର ପଦଧ୍ୱନି ମୁଁ ଶୁଣିପାରୁଛି—ରଞ୍ଜନ ଆଉ ମୋ ଭିତରେ ହୁଏତ...(ଏହି ସମୟରେ ଆସିଛି ସରିତା...ନୀତା ଓ ସରିତା ପରସ୍ପରକୁ ଗୁହିଁଲେ)

ସରିତା—ମତେ ଡାକିଲେ, Sir ?

ରଜତ—ହଁ, Mrs. Das, ଆଜ ସନ୍ଧ୍ୟା ୫-୩୦ରେ I. P. L. ର ମ୍ୟାନେଜଂ ଡାଇରେକ୍ଟର Mr. ଶ୍ରୀବାସ୍ତବ ଏବଂ ପ୍ରୋଡକ୍ସନ୍ ମ୍ୟାନେଜର Mr. ସୁନ୍ଦରରାଜନ୍ ଆସୁଛନ୍ତି । ସେମାନେ ଆମର ସମ୍ମାନିତ ଅତିଥି । Guest houseରେ ସେମାନଙ୍କର ରହିବାର ସମସ୍ତ ବ୍ୟବସ୍ଥା ହୋଇସାରିଛି । ଆଉ ତୁମେ ରହିବ ତାଙ୍କର reception chargeରେ । ସେମାନଙ୍କ ତଦାରଖରେ ଯେପରି କୌଣସି ତ୍ରୁଟି ନ ହୁଏ; ସେମାନଙ୍କର ଖାଇବା ପିଇବା··· ଏସବୁର ଯତ୍ନ ନେବ । ତା ଛଡ଼ା···(ଏଭଳି ଭାବରେ ଚାହିଁଲେ ଯାହାର ଅର୍ଥ ସରିତା ବେଶ୍ ବୁଝିପାରିବ)

ସରିତା—ମତେ କ୍ଷମା କରିବେ Sir, duty hour ପରେ ମୁଁ over-time work କରିପାରିବିନି । ମୋର ଘରସଂସାର ଅଛି, ପିଲାଛୁଆ ଅଛନ୍ତି···

ନୀତା—ମାତ୍ର ଗୋଟାଏ ରାତି ଭିତରେ କଣ ତୁମର ଘରସଂସାରଟା ଉଜୁଡ଼ିଯିବ···ପିଲାଛୁଆ ଉଚ୍ଛନ୍ନ ହୋଇଯିବେ ?

ସରିତା—ଯାହାର ସଂସାର ନାହିଁ, ସେ ସଂସାର କଥା ବୁଝିବ କଣ ? ଯେ ମା ହେବାର ଗୌରବ ଅର୍ଜନ କରିନି ସେ ମା'ର ମନକଥା କଣ କେବେ ବୁଝିପାରିବ ?

ନୀତା—ସରିତା··· !

ସରିତା—ମୁଁ ଆପଣଙ୍କଠାରୁ ଭଦ୍ରତା ଆଶା କରେ, ନୀତା ଦେବୀ ! ମତେ ମୋ ନାଁ ଧରି ଡାକିବାର ଅଧିକାର ଆପଣଙ୍କର ନାହିଁ ।

ରଜତ—ନା, ନୀତାର ସେ ଅଧିକାର ନିଶ୍ଚୟ ନାହିଁ । ସେ ଅଧିକାର କେବଳ ରଞ୍ଜନ ମଲ୍ଲିକର ଅଛି, ନୀତା, ତୁମର ନୁହେଁ ।

ସରିତା—ରଜତବାବୁ ! ମୁଁ ଆପଣଙ୍କ କଥାର ଇଙ୍ଗିତ ବେଶ୍ ବୁଝିପାରେ, ରଜତବାବୁ; ମୁଁ ନିତା ନୁହେଁ କି ସ୍ୱର୍ଣା ନୁହେଁ । ଆଉ ଥରେ ଯଦି ସୀମା ଲଙ୍ଘନ କରିବାକୁ ଚେଷ୍ଟା କରନ୍ତି···

ରଜତ—Mrs. Das ! ତୁମର ମନେ ରଖିବା ଉଚିତ ଯେ ମୁଁ ହେଉଛି ଏ କମ୍ପାନୀର ମ୍ୟାନେଜିଂ ଡାଇରେକ୍‌ଟର···

ସରିତା—ଜାଣେ । ମୋର ଭଳି ଆପଣ ବି ଜଣେ 'କର୍ମଚାରୀ···କିନ୍ତୁ' ଅଧିକ ଦରମା ପା'ନ୍ତି ।

ରଜତ—(ରାଗିଉଠିଛି) Mrs. Das ! କାହା ବଳରେ ତୁମେ ଆଜି ମୋ ସାମନାରେ କଥା କହିବାର ଦୁଃସାହସ କରିଚ ତା ମୁଁ ଜାଣେ । ତଥାପି ମୋର ନିର୍ଦ୍ଦେଶ ତୁମକୁ ମାନିବାକୁ ପଡ଼ିବ ।

ସରିତା—ନା, କୌଣସି ଅନ୍ୟାୟ ଆଦେଶକୁ ମାନିବା ମୋ ପକ୍ଷରେ ସମ୍ଭବ ନୁହେଁ । ସନ୍ଧ୍ୟା ୫ଟା ପରେ ଗୋଟାଏ ମିନିଟ୍ ବି ମୁଁ ଏଠି ରହିପାରିବି ନି ।

ରଜତ—ସରିତା···!

ସରିତା—Mrs. Das ବୋଲି କହନ୍ତୁ ।

ନିତା—ସରିତା ଦେବୀଙ୍କର ସମ୍ମାନଟା ତଳେ ପଡ଼ିଗଲା Sir, ଏଣିକି Mrs. ସରିତା ଦାସ ।

ସରିତା—ସମ୍ମାନ ଅଛି ବୋଲି ସମ୍ମାନ ଦାବୀ କରୁଛି, ନିତା ଦେବୀ ! ମୁଁ ଆସୁଚି, Sir !

ରଜତ—ଅପେକ୍ଷା କରନ୍ତୁ Mrs. Das, ମୁଁ ଏଇ ମୁହୂର୍ତ୍ତରେ ଆପଣଙ୍କୁ ଚାକିରିରୁ ଡିସ୍‌ମିସ୍ କରୁଛି ।

ସରିତା—ସେ ଅଧିକାର ହୁଏ ତ ଆପଣଙ୍କର ନାହିଁ, ରଜତବାବୁ, ସୁତରାଂ ଆପଣ ମତେ ଦେଇ ନ ଥିଲେ କି ଡିସ୍‌ମିସ୍ ବି କରିପାରିବେ ନ ।

ରଜତ—ସରିତା !

ସରିତା—Mrs. Das ବୋଲି କହନ୍ତୁ···(ଏହି ସମୟରେ ପଶିଆସିଛନ୍ତି ରଞ୍ଜନ ମଲ୍ଲିକ୍ । ଶେଷ କଥା କେଇପଦ ହୁଏ ତ ତାଙ୍କ କାନରେ ବାଜିଛି ।)

ରଞ୍ଜନ—ହ୍ୟାଲୋ ରଜତ, କଣ ହେଲା ?

ରଜତ—I want to dismiss Mrs. Das from service.

ରଞ୍ଜନ—କିନ୍ତୁ କାହିଁକି ?

ରଜତ—ସେ କେବଳ ଅବାଧ୍ୟ ନୁହନ୍ତି, ସାଧାରଣ ଶିଷ୍ଟାଚାର ଜ୍ଞାନ ବି ତାଙ୍କର ନାହିଁ ।

ରଞ୍ଜନ—କଣ ହେଇଚି, Mrs. Das ? ଆରେ, ଆପଣଙ୍କ ଆଖିରେ ଲୁହ···! କଣ ହେଇଚି ?

ରଜତ—ମାତ୍ର ଗୋଟାଏ ରାତି ପାଇଁ Mr. ଶ୍ରୀବାସ୍ତବ ଆଉ Mr. ସୁନ୍ଦରରାଜନ ଆମର ଅତିଥି···ଅଥଚ ତାଙ୍କର reception chargeରେ ରହିବାକୁ Mrs. Das ସ୍ପଷ୍ଟ ଭାବରେ ମନା କରିଦେଲେ । କମ୍ପାନୀର good will ଦୃଷ୍ଟିରୁ···

ରଞ୍ଜନ—Mrs. Das ଠିକ୍ କରିଛନ୍ତି ରଜତ, ତୋର ଏଭଳି ଏକ ଅନ୍ୟାୟ ନିର୍ଦ୍ଦେଶକୁ ମାନିବାକୁ ସେ ବାଧ୍ୟ ନୁହନ୍ତି । ଆପଣ ଆସନ୍ତୁ Mrs. Das. Mind your own business.

ରଜତ—ରଞ୍ଜନ···!

ସରିତା—ମତେ କ୍ଷମା କରିବେ Sir, ମୋ ଯୋଗୁ ଆପଣମାନଙ୍କ ସୁସମ୍ପର୍କ ନଷ୍ଟ ହେଉ, ଏହା ମୁଁ ଚାହେଁ ନା—କମ୍ପାନୀର good will ରେ ଆଞ୍ଚ ଆସୁ ଏହା ମୁଁ କେବେ ବରଦାସ୍ତ କରିପାରିବି ନି, Sir. ମତେ ବରଂ ଏ ଚାକିରିରୁ ବିଦାୟ ଦିଅନ୍ତୁ । ମୋର ଏ ଚାକିରି ଦରକାର ନାହିଁ ।

ରଞ୍ଜନ—ନା ସରିତା ଦେବୀ, ଆପଣ ଏଇଠି ଚାକିରି କରିବେ । ଏ କମ୍ପାନୀର ମାଲିକ ହେଉଛି ମୁଁ···ରଜତ ନୁହେଁ । ଚାକିରି ଦବାର ଅଧିକାର ତାର ନାହିଁ କି ନବାର ଅଧିକାର ବି ତାର ନାହିଁ । ମୁଁ ଇଚ୍ଛା କଲେ ଯେକୌଣସି ମୁହୂର୍ତ୍ତରେ ତା ଚାକିରିଟା ବି ଚାଲିଯିବ ।

ରଜତ—ରଞ୍ଜନ !

ରଞ୍ଜନ—ଆପଣ ଆସନ୍ତୁ, Mrs. Das ! (ସରିତା ଚାଲିଗଲେ)··· ରଜତ, ତୁ ଯଦି ଭାବୁଥାଉ ଯେ ମୁଁ ତୋ ବିଷୟରେ କିଛି ଖବର ରଖିନି ବୋଲି, ତେବେ ତୁ···

ରଜତ—ମୁଁ ବି ତୋ ବିଷୟରେ ଅନେକ ଖବର ରଖିଛି, ରଞ୍ଜନ ! ସରିତା ପ୍ରତି ତୋର ଯେ ଦରଦ ଉଚ୍ଛୁଳି ଉଠୁଛି···

ରଞ୍ଜନ—ରଜତ ! ତୁ ଖାଲି ମୋର ବନ୍ଧୁ ବୋଲି···ନହେଲେ··· । ଶୁଣ୍ ରଜତ, ସରିତାର ସଂସାରରେ ଯଦି ନିଆଁ ଜାଳିବାର ଚେଷ୍ଟା କରୁ, ତାର ଚରିତ୍ରରେ ଯଦି କଳଙ୍କ ବୋଳିବାର ଦୁଃସାହସ କରୁ, ତାହାହେଲେ···

(ରାଗରେ ଆଉ କିଛି କହିପାରିଲେନି)

ରଜତ—ତାହା ହେଲେ···?

ରଞ୍ଜନ—ଏଗ୍ରିମେଣ୍ଟର ସର୍ତ୍ତସବୁ ତୁ ବୋଧହୁଏ ଭୁଲିଯାଇଛୁ, ରଜତ, ଆଉ ସେଇ ଏଗ୍ରିମେଣ୍ଟର ସର୍ତ୍ତ ଅନୁସାରେ ତୋର ନାମକୁ ମାତ୍ର ଏଇ କମ୍ପାନୀରେ ୨୫ ପରସେଣ୍ଟ share ଥିଲେ ବ ମୁଁ ଯୋଉ ମୁହୂର୍ତ୍ତରେ ଚାହିଁବ ସେଇ ମୁହୂର୍ତ୍ତରେ ତୋ ସେୟାର ବାବଦ ଟଙ୍କା ବ୍ୟାଙ୍କରେ deposit କରି ତୋର ସେୟାରଟା କିଣିନେଇ-ପାରିବ, ଆଉ ଯେକୌଣସି ମୁହୂର୍ତ୍ତରେ ତୋତେ Managing Director postରୁ dismiss କରି ମୁଁ ନିଜେ Managing Director ହୋଇପାରିବ ।

ରଜତ—ରଞ୍ଜନ !

ରଞ୍ଜନ—ହଁ, ରଜତ ! ମାଲିକ ସହିତ ଧୋକାବାଜି କଲେ ନିଜେ ଶେଷ ହୋଇଯିବୁ···ଏକଥା ଯେପରି ତୋର ମନେରହେ ।

(କହି ବାହାରିଗଲେ)

(ମଞ୍ଚର ଆଲୋକ ଲିଭିଗଲା)

ସପ୍ତମ ଦୃଶ୍ୟ

[ଶ୍ରୀରାମଦାସଙ୍କ ଘର । ସମୟ ସନ୍ଧ୍ୟା ୮ଟା । ଆଜି ମଧ୍ୟ ସରିତା ଏତେବେଳଯାଏ ଫେରି-ନାହାନ୍ତି । ଶ୍ରୀରାମଦାସ କିଛିଟା ଉତ୍ତ୍ୟକ୍ତ ତଥା ବିରକ୍ତ ହୋଇପଡ଼ିଛନ୍ତି । ଭିତରୁ ଆସିଛନ୍ତି ମିଠୁ ଏବଂ ମିତା···]

ମିଠୁ—ବାପା, ବୋଉ କେତେବେଳେ ଆସିବ ?

ଶ୍ରୀରାମ—ସେ ଆଉ ତୋ ବୋଉ ହେଇ ନାହିଁ ରେ ମିଠୁ, ସେ ଅନେକ ବଦଳିଯାଇଛି । ବଞ୍ଚିବାର ନିଶା ତାକୁ ପାଗଳ କରିଛି ।

ମିତା—ବାପା, ଆମ ବୋଉ ପାଗଳୀ ହେଇଯାଇଚି ?

ଶ୍ରୀରାମ—ହଁ ହଁ, ସେ ପାଗଳୀ ହେଇଯାଇଚି । ତମ ପାଇଁ ତମ ବୋଉ ମରିଯାଇଚି । ତାକୁ ଭୁଲିଯିବୁ ମିତା, ତାକୁ ଭୁଲିଯିବୁ ।

ମିଠୁ— ବାପା···!

ଶ୍ରୀରାମ—ତା ପାଇଁ ଆମେ ସବୁ ଗୋଟାଏ ଗୋଟାଏ ବାହାନା । ସେ ଖୁବ୍ ସ୍ୱାର୍ଥପର, ମିତା ! ସେ ମୁଠା ମୁଠା ଟଙ୍କା ରୋଜଗାର କରୁଛି ! ବଡ଼ ଲୁକର କରୁଛି । ସେ ଟଙ୍କାରେ ବିଷ ମିଶିଛି, ମିତା, ସେ ଟଙ୍କାରେ ପାଠ ପଢ଼ି ତମେ ମଣିଷ ହବ ନି··· ତମେ ସବୁ ଧ୍ୱଂସ ହେଇଯିବ । ତମର ସୁକୁମାର ଜୀବନ ନଷ୍ଟ ହେଇଯିବ ।

ମିତା—(କିଛି ବୁଝି ନ ପାରି) ବାପା, ବୋଉ କହୁଥିଲା, କାଲି କୁଆଡ଼େ ତମର ଜନ୍ମଦିନ । ସେ ତମ ପାଇଁ ନୂଆଲୁଗା ଆଣିବ, ଘରେ ପିଠା କରିବ, କ୍ଷୀରି କରିବ···

ଶ୍ରୀରାମ—ଆଜି ତୋ ବାପାକୁ ଜଳନ୍ତା ଜୁଇ ଉପରେ ଶୁଆଇଦବ, ନା ?

ମିଠୁ—(ବୁଝି ନ ପାରି). ବାପା··· !

ଶ୍ରୀରାମ—ତୋର ବାପା ମରିଯାଇଛି ରେ ମିଠୁ ! ମୁଁ ସବୁ ଦେଖୁଛି, କିନ୍ତୁ କିଛି କରିପାରୁନ । ସବୁ ଜାଣୁଛି, କିନ୍ତୁ ତୁଣ୍ଡ ଖୋଲି କହିପାରୁନ । ମୁଁ ଖାଲି ପଙ୍ଗୁ ନୁହଁ ରେ ମିଠୁ, ମୁଁ ମୂକ, ମୁଁ ପାଷାଣ । (କାନ୍ଦିଲେ)

ମିତା—ତମର କଣ ହେଲା, ବାପା, ତମେ ଏମିତି କାନ୍ଦୁଛ କାହିଁକି ?

ଶ୍ରୀରାମ—କାନ୍ଦିବାକୁ ଯାହାର ଜନ୍ମ ସେ କଣ କେବେ ହସିପାରିବ, ମା ? ଯା, ଭିତରକୁ ଯା । ତୁ ବି ଯା ମିଠୁ, ଅନେକ ରାତି ହେଲାଣି, ହାତରେ ବାଡ଼ି ପଖାଳ ଦୁଇଟା ଖାଇ ଶୋଇପଡ଼ିବ, ଯା । (ଦୁହେଁ ମାରିବରେ ଚାଲିଗଲେ) ଏମିତି କଲବଲ ହୋଇ ବଞ୍ଚିବା ଅପେକ୍ଷା ମରିଗଲେ କ୍ଷତି କଣ ? (ଆଖିରୁ ଲୁହ ପୋଛିଲେ । ଏହି ସମୟରେ ପଶିଆସିଲେ ବଳଦେବ ଏବଂ ଅସୀମ ।)

ଶ୍ରୀରାମ—(ସେମାନଙ୍କୁ ଦେଖି ହସିବାକୁ ଚେଷ୍ଟା କଲେ) ଆରେ ବଳଦେବ ··· ଅସୀମ, ବସ ।

ବଳଦେବ—ଅନେକ କାମ ଅଛି ଶ୍ରୀରାମ, ବସିବାକୁ ଆମର ସମୟ ନାହିଁ ।

ଶ୍ରୀରାମ—କ'ଣ ହେଉଚ ?

ବଳଦେବ—ଚତେ ପୁଣି ଥରେ ନେତୃତ୍ୱ ନବାକୁ ପଡ଼ିବ, ଶ୍ରୀରାମ ! କମ୍ପାନୀର ସେଇ ନିଷ୍ପେଷିତ ଶ୍ରମିକଗୋଷ୍ଠୀର ଦାବୀ ପୂରଣ ପାଇଁ ଚତେ ପୁଣି ଥରେ ଯୁଦ୍ଧର ଡାକରା ଦବାକୁ ପଡ଼ିବ ।

ଶ୍ରୀରାମ—ବଳଦେବ !

ଅସୀମ—ନାହିଁ କରନ୍ତୁ ନ, ଦାସବାବୁ ! ହଜାର ହଜାର ଶ୍ରମିକର ଆଶା-ଭରସାର ଆଶ୍ରୟସ୍ଥଳ ହେଉଛନ୍ତି ଆପଣ । ସେମାନେ ଆଜ ଅତ୍ୟାଚ଼ରିତ, ନିଷ୍ପେଷିତ । ସେମାନଙ୍କର ନ୍ୟାଯ୍ୟ ଦାବୀକୁ ଅତି ନିର୍ମମଭାବରେ ସେ ସୈରାଚାର managing director ଉପେକ୍ଷା କରି ଚାଲିଛି । ଦିନକୁ ଦିନ ଜୁଲୁମ ବଢ଼ି ଚାଲିଛି । ଆପଣ କୁହନ୍ତୁ ଦାସବାବୁ, ଏ ସବୁ କଣ ଆପଣ ନୀରବରେ ବରଦାସ୍ତ କରିଯିବେ ?

ଶ୍ରୀରାମ—ମୁଁ ନିରୁପାୟ ଅସୀମ, ଅତୀତର ସେ ଶ୍ରୀରାମଦାସ ଅନେକ ଦିନ ତଳେ ମରିଯାଇଛି ।

ବଳଦେବ—କିଏ କହିଲା ? ଆଜ ବି ତୁ ଚାହିଁଲେ କମ୍ପାନୀରେ ନିଆଁ ଜଳିବ । ଆଜ ବି ତୁ ଚାହିଁଲେ ସେ ଗର୍ବୀ ମ୍ୟାନେଜିଂ ଡାଇରେକ୍ଟରର ଉନ୍ନତ ମସ୍ତକ ଶ୍ରମିକମାନଙ୍କ ପାଦତଳେ ଲୋଟିପଡ଼ିବ, ଠିକ୍ ଯେମିତି ଲୋଟିପଡ଼ିଥିଲା ଆଜକୁ ଦୁଇ ବର୍ଷ ତଳେ—January ଛବିଶ ତାରିଖ ଦିନ ।

ଅସୀମ—ହଁ, ଦାସବାବୁ, ଆଜ ପୁଣି ଥରେ ଆପଣଙ୍କ କଣ୍ଠରେ ଫୁଟି-ଉଠୁ ବିଦ୍ରୋହର ଆବାହନୀ···ପୁଣି ଥରେ ଜଳିଉଠୁ ବିପ୍ଳବର ଅଗ୍ନିଶିଖା ।

ଶ୍ରୀରାମ—ନା, ଅସୀମ, ନା । ମୁଁ ଆଉ ଯୁଦ୍ଧ କରିପାରିବି ନି ଅସୀମ, ମୁଁ ଜଣେ ପରାଜିତ ସୈନିକ । ଏ ଦେହରେ କ୍ଷତର ଅନେକ ଯନ୍ତ୍ରଣା···ମୋର ମେରୁଦଣ୍ଡ ଭାଙ୍ଗି ଚୁରମାର ହୋଇଯାଇଛି···ମୁଁ ପାରିବି ନି ଅସୀମ, ମତେ କ୍ଷମା କର ।

ବଳଦେବ—ଶ୍ରୀରାମ ! ଆମେ ତତେ ବଡ଼ଭାଇର ସମ୍ମାନ ଦେଉଥିଲୁଁ, ତୋର ସେ ବିରାଟ ବ୍ୟକ୍ତିତ୍ୱ ନିକଟରେ ଆମେ ମୁଣ୍ଡ ନୁଆଇଁ-ଥିଲୁ । ଶେଷରେ ତୁ···

ଅସୀମ—ହଁ ଦାସବାବୁ, ମତେ ଚାକିରିରୁ ବାହାର କରିଦିଆଗଲା··· ମୋ ସ୍ତ୍ରୀ ଉପରେ ପାଶବିକ ଅତ୍ୟାଚାର କରାଗଲା, ଆଉ ବଳଦେବର ସୁନାର ସଂସାରକୁ ବି ଭାଙ୍ଗି ଚୁରମାର କରିଦିଆଗଲା । ଆପଣ ସବୁ ଦେଖିଛନ୍ତି, ସବୁ ଜାଣିଛନ୍ତି । ତଥାପି ଆପଣ ନୀରବ ରହିବେ···ରହିପାରିବେ ?

ବଳଦେବ—ଖାଲି ସେତିକି ନୁହେଁ ଶ୍ରୀରାମ, ମୋର ଯାହା ମନେହୁଏ ଗୋଟାଏ ସୁଚିନ୍ତିତ ଯୋଜନା କରି ତୋର ଏ ହାତଟାକୁ ସବୁ-ଦିନ ପାଇଁ ଅକର୍ମଣ୍ୟ କରିଦିଆଯାଇଛି ।

ଶ୍ରୀରାମ—କ'ଣ କହିଲୁ ? କ'ଣ କହିଲୁ, ବଳଦେବ ? ସୁଚିନ୍ତିତ ଯୋଜନା ?

ବଳଦେବ—ହଁ, ଶ୍ରୀରାମ ! ସେଦିନର ସେ ଦୁର୍ଘଟଣା ଖାଲି ଗୋଟାଏ ଦୁର୍ଘଟଣା ନ ଥିଲା; ହୁଏତ ତା ଥିଲା ଏକ ପରିକଳ୍ପିତ ବିସ୍ଫୋରଣ । ମ୍ୟାନେଜିଂ ଡାଇରେକ୍ଟରର ଅଦେଖା ହାତ ହୁଏତ ସେ ଦୁର୍ଘଟଣାର ନାୟକ ।

ଶ୍ରୀରାମ—ତୁ କେମିତି ଜାଣିଲୁ ?

ଅସୀମ—ଆପଣଙ୍କୁ ଚାକିରିରୁ ବାହାର କରିଦିଆଗଲା ପରେ ଆପଣଙ୍କ ଜାଗାରେ ଚିଫ୍ ମେକାନିକ ଆଉ ଫିଟର ଭାବେ କିଏ ନିଯୁକ୍ତ

ପାଇଲା, ଜାଣନ୍ତି ? ଜୟଦେବ ସିଂ । ସେ ହେଉଛି Mr. Sharmaଙ୍କର ନିଜ ଭଣଜା ।

ବଳଦେବ—ଆଉ, Mr. Sharma ହେଉଛି ରଜତ ଚୌଧୁରୀର ଡାହାଣ ହାତ···ତାର ବ୍ରେନଟ୍ରଷ୍ଟ ।

ଶ୍ରୀରାମ—ବଳଦେବ ! ନିଜର ସାମାନ୍ୟ ସ୍ୱାର୍ଥ ପାଇଁ ମଣିଷ କଣ ଏତେ ତଳକୁ ଯାଇପାରେ ?

ବଳଦେବ—ସେ ରହସ୍ୟର କେନ୍ଦ୍ରବିନ୍ଦୁ ଉଦଘାଟନ କରିବାକୁ ପଡ଼ିବ, ଶ୍ରୀରାମ ! ସେଦିନର ସେ ମର୍ମନ୍ତୁଦ ଦୁର୍ଘଟଣା ଏବେ ବି ରହସ୍ୟାବୃତ ।

ଶ୍ରୀରାମ—ଯାହାହେଲେ ବି ମୁଁ ପାରିବିନି, ବଳଦେବ ! ମଲ୍ଲିକ ସାହେବ ବିରୁଦ୍ଧରେ···

ବଳଦେବ—ଶ୍ରୀରାମ ! କେଇଟା ଟଙ୍କାରେ ମଲ୍ଲିକ ସାହେବ ତତେ କିଣିନେଇଛି, ନା ?

ଶ୍ରୀରାମ—ବଳଦେବ !

ଅସୀମ—ଖାଲି ସେତିକି ନୁହେଁ, ଦାସବାବୁଙ୍କର ସ୍ତ୍ରୀଙ୍କୁ ମଧ୍ୟ କମ୍ପାନୀରେ ଷ୍ଟ୍ରାକର ଦେଇଛି ।

ଶ୍ରୀରାମ—ଅସୀମ !

ବଳଦେବ—ଆଉ କାହିଁକି, ଶ୍ରୀରାମ ! ତୋର ଅସଲ ରୂପଟା ଆଜି ପଦାରେ ପଡ଼ିଯାଇଛି । ତୁ ଆଜି ତୋର ନିଜତ୍ୱ ହରେଇ-ବସିଛୁ । କିନ୍ତୁ ମନେରଖ ଶ୍ରୀରାମ, ଦିନ ଆସିବ ଯେତେବେଳେ ତୁ ତୋର ଭୁଲ ବୁଝିପାରିବୁ, ସବୁତା ତାର ଭୁଲ ବୁଝିପାରିବ । ସେତେବେଳକୁ କିନ୍ତୁ ଅନେକ ଡେରି ହୋଇଯାଇଥିବ ।

ଶ୍ରୀରାମ—ବଳଦେବ ! ମତେ ତୁ ଉପହାସ କରୁଛୁ ?

ବଳଦେବ—ନା ଶ୍ରୀରାମ, ନା, ଜଣେ ବନ୍ଧୁ ଭାବରେ ମୁଁ ମୋର କର୍ତ୍ତବ୍ୟ କରି ଚାଲିଛି । ତୁ କିନ୍ତୁ ଭୁଲିଯାଉଛୁ ତୋର କର୍ତ୍ତବ୍ୟ । ଯୋଉମାନେ ଦିନେ ତୋର ପାଇଁ ହସି ହସି ନିଆଁ ଭିତରକୁ ଡେଇଁପଡ଼ିଥିଲେ ଆଜି ସେଇମାନଙ୍କ ତଣ୍ଟିରେ ତୁ ଛୁରୀ ଚଳେଇବାକୁ ବସିଛୁ ।

ଶ୍ରୀରାମ—ବଳଦେବ ! ତୁ ଚାଲିଯା, ତୁ ଚାଲିଯା ବଳଦେବ ! ମୁଁ କାହାରି କଥା ଶୁଣିବାକୁ ଚାହେଁନା । ତମେ ସମସ୍ତେ ସ୍ୱାର୍ଥପର । ଏ ଦୁନିଆଟା ସ୍ୱାର୍ଥପର । ଯାଉ···ସବୁ ଧ୍ୱଂସ ହେଇଯାଉ··· ସମସ୍ତେ ମରନ୍ତୁ···ମୋର କିଏ ଅଛି ? ଏ ଦୁନିଆରେ ମୁଁ ଏକା, ମୋର କେହି ନାହିଁ··· I am one···

ବଳଦେବ—ଚାଲି ଅସୀମ ! ଶ୍ରୀରାମର ବିନା ସାହାଯ୍ୟରେ ବି କମ୍ପାନୀରେ ନିଆଁ ଜଳିବ । ମୁଁ ଶପଥ ନେଇଛି, ଅସୀମ, ନିଜର ପ୍ରାଣ ବିନିମୟରେ ବି ସେ ଅନ୍ୟାୟର ପ୍ରତିଶୋଧ ନେବି । କିନ୍ତୁ ମନରେ ଅବଶୋଷ ରହିଗଲା, ଶ୍ରୀରାମଟା ଜାଣି ଜାଣି ସରିତାକୁ ସେ ନର୍କ ଭିତରକୁ ଠେଲିଦେଲା ।

ଶ୍ରୀରାମ—(ଚିତ୍କାର କରି) ବଳଦେବ···! !

ବଳଦେବ—ଆ, ଅସୀମ ! ମୋର ସେ ଛୁରୀଟାକୁ ବେଳାଏ ଶୋଧି···

[ଚାଲିଗଲେ । କିନ୍ତୁ ବଳଦେବର ଶେଷ କେଇପଦ କଥା ଶ୍ରୀରାମଙ୍କ କର୍ଣ୍ଣ କୁହରରେ ପ୍ରତିଧ୍ୱନିତ ହେବାକୁ ଲାଗିଲା । ଶ୍ରୀରାମଙ୍କର ମୁଖମଣ୍ଡଳ ଧୀରେ ଧୀରେ କଠିନ ହୋଇ-ଯାଇଛି, ହାତ ମୁଠା ମୁଠା ହୋଇଛି ।]

ଶ୍ରୀରାମ—ମୁଁ କଣ ସତରେ ଜାଣି ଜାଣି ସରିତାକୁ ସେ ନର୍କ ଭିତରକୁ ଠେଲିଦେଇଛି ? ନା, ସେଥିପାଇଁ ସେ ନିଜେ ଦାୟୀ । ସେ ଜାଣି ଜାଣି ନର୍କ ଭିତରକୁ ଡେଇଁପଡ଼ିଛି । ବଞ୍ଚିବାର ନିଶା ତାକୁ ପାଗଳ କରିଛି । ଓଃ ! ବଞ୍ଚିବାରେ କେତେ ଯେ ଯନ୍ତ୍ରଣା !

[ଏହି ସମୟରେ ହସି ହସି ପଶିଆସିଲେ ସରିତା । ହାତରେ ତାଙ୍କର ଅନେକ ଜିନିଷ ଥିଲା । ଶ୍ରୀରାମ କିନ୍ତୁ ସରିତାକୁ ଦେଖିଲା ପରେ ତାଙ୍କର ସବୁ ରାଗ କୁଆଡ଼େ ଉଭେଇଯାଇଛି—କହିବାକୁ ଅନେକ କଥା ଇଚ୍ଛା କରି ବି କହିପାରିନାହାନ୍ତି]

ସରିତା—ଆରେ, ଏମିତି ମନମାରି ବସିଛ କାହିଁକି ? ଏଇ ଦେଖିଲ ଏ ଧୋତି ଆଉ ପଞ୍ଜାବୀ ତମ ମନକୁ ପାଉଛି କି ନାହିଁ ? କାଲି ପରା ତମର ଜନ୍ମଦିନ···ନିଅ, ଦେଖ···

(ହାତରେ ଧରାଇଦେଲେ)

ଶ୍ରୀରାମ—ମୋର ଜନ୍ମଦିନ···ମୋର ସେ ଅଭିଶପ୍ତ ଜନ୍ମଦିନକୁ ମୁଁ ତ ଭୁଲିଯାଇଛି ସରିତା, ତମେ କାହିଁକି ମନେ ରଖିଛ ? ଏଣିକି ବରଂ ତମର ଜନ୍ମଦିନ ଖୁବ୍ ଜାକଜମକରେ ପାଳନ କର ।

ସରିତା—ମୋ ଉପରେ ଅଭିମାନ କରିଛ ? ମାର୍କେଟିଙ୍ଗ୍ କରି ଆସୁ ଆସୁ ଡେରି ହେଇଗଲା ବୋଲି ରାଗିଛ ? ତମକୁ ମୋ ରାଣ, ସତ କହିଲ, ତମ ମନକୁ ଏ ଧୋତି ଆଉ ପଞ୍ଜାବୀ ପାଉଛି କି ନାହିଁ ? ଆଉ ଦେଖିଲ, ମିଠୁ ଆଉ ମିତାଙ୍କ ପାଇଁ ମଧ୍ୟ ସ୍କୁଲ ଡ୍ରେସ୍ ନେଇଆସିଛି । ଭଲ ହେଇନି ?

ଶ୍ରୀରାମ—ବହୁତ ସୁନ୍ଦର ହୋଇଛି ସରିତା, ହେଲେ ଏସବୁ ଆଣିଲ କୋଉଠୁ ?

ସରିତା—କାହିଁକି, ଆଜି ଦରମା ମିଳିଲା । ଆଜି ପରା ତିନି ତାରିଖ । ହଁ, ଠାକୁରଙ୍କ ପାଖରେ ଭୋଗ କରି କିଛି ପ୍ରସାଦ ବି ନେଇଆସିଛି । ନିଅ, ଟିକେ ଖାଅ ନା···

ଶ୍ରୀରାମ—ତୁମ ଠାକୁର ବଡ଼ ଦୟାଳୁ, ସରିତା, ତମ ଡାକ ସେ ଠିକ୍ ଶୁଣିଛନ୍ତି ।

ସରିତା—ତାଙ୍କର ଦୟାରୁ ତ ଆମର ଏ ଦୁର୍ଦ୍ଦିନରେ ମଲ୍ଲିକ ସାହେବ ମତେ ଚାକିରି ଦେଲେ । ଭାରି ଭଲ ଲୋକ ସେ···ମୋ କାମର ଖୁବ୍ ପ୍ରଶଂସା କରୁଥିଲେ । କିନ୍ତୁ ସେ Managing Directorଟା ନିହାତି ଖରାପ ଲୋକ···

ଶ୍ରୀରାମ—ତମେ କେମିତି ଜାଣିଲ ?

ସରିତା—ନା, ଏମିତି···

ଶ୍ରୀରାମ—କମ୍ପାନୀରେ ଚାକିରି କରୁଥିବା ଅନେକ ଝିଅ କିନ୍ତୁ ରଜତ ଚୌଧୁରୀର ପ୍ରଶଂସାରେ ଶତମୁଖ ହୋଇଉଠନ୍ତି । ଅଥଚ ତମେ ତାଙ୍କୁ କହୁଛ ଖରାପ ଲୋକ ବୋଲି ! ଏତେ ଜଲ୍‌ଦି ସମସ୍ତଙ୍କୁ ଚିହ୍ନିଗଲ ? କଣ ତମ ପ୍ରତି କିଛି···?

ସରିତା—ନା, ସେ ଦୁଃସାହସ ସେ କେବେ ହେଲେ କରିବେନି । କିନ୍ତୁ ଲୋକଟାର ବ୍ୟବହାର ମତେ ଭଲ ଲାଗେନା । ମନେହୁଏ ଲୋକଟା ଅଭଦ୍ର ।

ଶ୍ରୀରାମ—(ହସି ଉଠିଲେ) ମଲ୍ଲିକ ସାହେବ ଭାରି ଭଲ ଲୋକ, ନା ? ତୁଏ ତ ରଜତ ଚୌଧୁରୀଠାରୁ ମଲ୍ଲିକ ସାହେବ ଆହୁରି ସାଂଘାତିକ ଲୋକ । ଆଃ, ବଞ୍ଚିବାରେ କେତେ ଯେ ଯନ୍ତ୍ରଣା···

ସରିତା—କଣ ହେଲା ?

ଶ୍ରୀରାମ—କିଛି ନାହିଁ···କିଛି ନାହିଁ, ସରିତା ! ଆଜି ତୁମେ କିନ୍ତୁ ଭାରି ସୁନ୍ଦର ଦେଖାଯାଉଛ ।

ସରିତା—କିଣ ନୂଆ କରି ଦେଖିଲ ?

ଶ୍ରୀରାମ—ନା ସରିତା, ବେଳେବେଳେ ସେଇ ପୁରୁଣା ଜିନିଷ ବି ନୂଆ ଭଳି ଦେଖାଯାଏ । ସବୁ ଦେଖିଲାବାଲାର ଆଖି ଉପରେ ନିର୍ଭର କରେ । ଆଚ୍ଛା ସରିତା, ମୋର ଗୋଟାଏ କଥା ମାନିବ ? ଏଣିକି ସନ୍ଧ୍ୟା ପୂର୍ବରୁ ଫେରିବାକୁ ଚେଷ୍ଟା କରିବ । ପିଲା ଦୁଇଟା ତୁମକୁ ଝୁରି ଝୁରି କେତେ ଯେ ବ୍ୟାକୁଳ ହେଉଛନ୍ତି···

ସରିତା—କଣ କରିବି, କୁହ । ଆଜି ଅବଶ୍ୟ ଟିକିଏ ଡେରି ହୋଇଗଲା ! ଏଣିକି କିନ୍ତୁ···

ଶ୍ରୀରାମ—ତମର ଅନୁପସ୍ଥିତିରେ ମୁଁ ଯେ କି ଯନ୍ତ୍ରଣା ଅନୁଭବ କରେ ତା ତୁମେ କଳ୍ପନା କରିପାରିବନି ସରିତା, ପ୍ରତିଟି ମୁହୂର୍ତ୍ତ ମୋ ପକ୍ଷରେ ଗୋଟାଏ ଗୋଟାଏ ଯୁଗ ଭଳି ଲାଗେ ।

ସରିତା—ହଁ, ଚାଲ, ଖାଇବ ଚାଲ, ରାତି ଆସି ନ'ଟା ହେଲାଣି ।

ଶ୍ରୀରାମ—ମତେ ବିଶ୍ୱାସ କର, ସରିତା, ମୁଁ ତୁମକୁ ବହୁତ ଭଲ ପାଏ; ଆଉ ସେଥିପାଇଁ···

ସରିତା—(ହସି) ଥାଉ, ଭିତରକୁ ଆସ ।

ଶ୍ରୀରାମ—ତମେ ଯାଅ, ସରିତା, ପିଲା ଦୁଇଟା କିଛି ନ ଖାଇ ବୋଧହୁଏ ଶୋଇପଡ଼ିଲେଣି; ସେମାନଙ୍କୁ ଖାଇବାକୁ ଦିଅ, ଆଉ ତମେ ବି ଖାଇନିଅ ।

ସରିତା—ଆଉ ତମେ ?

ଶ୍ରୀରାମ—ମତେ ଭୋକ ନାହିଁ ।

ସରିତା—ଖାଇବ ନି ?

ଶ୍ରୀରାମ—ନା ।

ସରିତା—କାହିଁକି ?

ଶ୍ରୀରାମ—ଦେହ ଭଲ ଲାଗୁନି ।

ସରିତା—ମିଛ କଥା ।

ଶ୍ରୀରାମ—ସରିତା !

ସରିତା—ମୁଁ ଜାଣେ ତୁମେ ମୋ ଉପରେ ରାଗିଛ । ଡେରିରେ ଘରକୁ ଫେରିଲି ବୋଲି ଅଭିମାନ କରିଛ । କିନ୍ତୁ ମୁଁ ଯାହା କରୁଛି ତମରି ଭଲପାଇଁ, ତମରି ପିଲାଙ୍କର ମଙ୍ଗଳ ପାଇଁ । ତଥାପି ତମେ ଯଦି ଅବୁଝା ହବ...

ଶ୍ରୀରାମ—ମତେ ବିଶ୍ୱାସ କର ସରିତା, ମତେ କିଛି ଭଲ ଲାଗୁନି । ତମକୁ ମୋ ରାଣ, ଯାଅ, ଖାଇଦିଅ । ମତେ ଟିକଏ ଶାନ୍ତିରେ ଶୋଇବାକୁ ଦିଅ ।

ସରିତା—ବେଶ୍, ଶୋଇପଡ଼ । ମତେ ବି ଭୋକ ନାହିଁ । ମୁଁ ବି କିଛି ଖାଇବି ନି । (କିଛି ଅଭିମାନରେ ଭିତରକୁ ଚାଲିଗଲେ...)

ଶ୍ରୀରାମ—ସରିତା, ଶୁଣ ସରିତା ! ଓଃ, ଏମିତି ବଞ୍ଚିବାରେ କି ଯେ ଯନ୍ତ୍ରଣା...(କିଛି ଧୀରେ ଧୀରେ ଶୋଇଗଲେ)

[ରାତି ବଢ଼ିଚାଲିଛି । ଘରେ ରାଜୁ ସିଂ ପଶିଛି ଏବଂ ଟ୍ରଙ୍କ ଭାଙ୍ଗି ୨୦ ହଜାର ଟଙ୍କା ନେଇ-ଯାଉଛି । ସେହି ଶବ୍ଦରେ ଶ୍ରୀରାମ ଉଠିପଡ଼ିଛନ୍ତି । ଧସ୍ତାଧସ୍ତି ଏବଂ ଚିତ୍କାର ଭିତରେ ରାଜୁ ସିଂ ଶ୍ରୀରାମଙ୍କ ମୁଣ୍ଡରେ ଶକ୍ତ ପ୍ରହାର କରିଛି । ରକ୍ତର ସୁଅ ଛୁଟିଛି । ଶ୍ରୀରାମ ଦାସଙ୍କ ଆର୍ତ୍ତ ଚିତ୍କାର—ରାଜୁ ସିଂ ପଳାଇଯାଇଛି ।]

(ମଞ୍ଚର ଆଲୋକ ଲିଭିଗଲା)

—ମଧ୍ୟାନ୍ତର—

ଅଷ୍ଟମ ଦୃଶ୍ୟ

[ସମୟ ଅପରାହ୍ଣ ୪ଟା— ହସ୍ପିଟାଲର Bed· ସେ ଦିନର ଆଘାତ ପାଇଁ ଶ୍ରୀରାମ ଦାସଙ୍କ ମୁଣ୍ଡରେ ବ୍ୟାଣ୍ଡେଜ ବନ୍ଧା ହୋଇଥିଲା । ଶୋଇଥିଲେ ଶ୍ରୀରାମ ଦାସ । ପାଦତଳେ ବସି ମିଠୁ ଏବଂ ମିତା ପାଦ ଆଉଁସି ଦେଉଥିଲେ । ସେମାନଙ୍କ ଆଖିରେ ଲୁହ । Bed ପାଖରେ ଦୁଇଜଣ ଡାକ୍ତର, ଜଣେ ଷ୍ଟାଫ ନର୍ସ । ସେମାନେ ଶ୍ରୀରାମ ଦାସଙ୍କର ପଲ୍ସ ଇତ୍ୟାଦି

ଦେଖି Bed head ticketରେ Note କରୁଥିଲେ । ଧୀରେ ଧୀରେ ଆଖି ଖୋଲିଲେ ଶ୍ରୀରାମ ଦାସ । ଉଠି ବସିବାକୁ ଚେଷ୍ଟା କରୁଥିଲେ । ଷ୍ଟାଫ ନର୍ସ ଏବଂ ଡାକ୍ତରଙ୍କ ସାହାଯ୍ୟରେ ସେ ଉଠି ବସିଲେ । ପାଖରେ ତାଙ୍କର କିଛି ଫଳ, ହରଲିକ୍ସ, Medicine ଇତ୍ୟାଦି ରଖାହୋଇଥିଲା । ଶ୍ରୀରାମ ଦାସ ଉଠି ବସିଲେ । ମୁହଁରେ ତାଙ୍କର ଯନ୍ତ୍ରଣାର ପ୍ରଲେପ । ବଡ଼ କରୁଣ ତଥା ବିକଳ ଦୃଷ୍ଟିରେ ସେ ସମସ୍ତଙ୍କୁ ଚାହିଁଲେ···]

ଡାକ୍ତର—(ଆଶ୍ୱାସନା ଦବା ଭଙ୍ଗୀରେ) ଦାସବାବୁ, ବର୍ତ୍ତମାନ ଆପଣଙ୍କର ବିଶ୍ରାମ ଦରକାର । ଆପଣ ବରଂ ନିଶ୍ଚିନ୍ତରେ ଶୋଇଯାଆନ୍ତୁ ।

ଶ୍ରୀରାମ—ବିଶ୍ରାମ ? ଶୋଇଯିବି ? ନା ଡାକ୍ତରବାବୁ, ନିଶ୍ଚିନ୍ତରେ ଶୋଇବାର ସୌଭାଗ୍ୟ ମୋର କୋଉଠୁ ଆସିବ, ଡାକ୍ତରବାବୁ ? ଛଟପଟ ହୋଇ ମରିବା ଯାହା ଭାଗ୍ୟରେ ଲେଖା ହୋଇଛି ସେ କଣ ଶାନ୍ତିରେ ଶୋଇପାରିବ ? ଏ ଯନ୍ତ୍ରଣାରୁ ଆପଣ ମତେ ମୁକ୍ତି ଦିଅନ୍ତୁ; ଡାକ୍ତରବାବୁ; ମୁଁ ଆପଣଙ୍କ ହାତ ଧରୁଛି, ମତେ ଟିକିଏ ଦୟା କରନ୍ତୁ···please···

ଡାକ୍ତର—ଦେଖନ୍ତୁ Mr. Das, ଆପଣଙ୍କ ମୁଣ୍ଡରେ ଶକ୍ତ ଆଘାତ ଲାଗିଛି । ଅନେକ ରକ୍ତସ୍ରାବ ହୋଇଛି । ଏଭଳି ଅବସ୍ଥାରେ ଆପଣ ଉତ୍ତେଜିତ ହେବା ଆଦୌ ଉଚିତ ନୁହେଁ । ଅତ୍ୟଧିକ ଉତ୍ତେଜନା ହେତୁ Blood Pressure ହୁଏତ ରାଇଜ୍ କରିଯାଇପାରେ ।

ଶ୍ରୀରାମ—ମୋ ଦୁଃଖ ଆପଣ ବୁଝିପାରିବେ ନା ଡାକ୍ତରବାବୁ···କେତେ ଯେ ଯନ୍ତ୍ରଣାକୁ ଲୁଚିରଖି ମୁଁ ହସିବାକୁ ଚେଷ୍ଟା କରେ ତା ଆପଣ କଳ୍ପନା କରିପାରିବେ ନା । ଅନେକ ଉତ୍ତେଜନାର ନିର୍ମମ ଆଘାତରେ ମୋର ମାନସିକ ଭାରସାମ୍ୟ ପ୍ରତିଟି ମୂହୂର୍ତ୍ତରେ ଭାଙ୍ଗି ଚୂରମାର ହୋଇଯାଏ । ଏ ଜୀବନଟା ମୋ ପାଇଁ ଆଶୀର୍ବାଦ ନୁହେଁ, Doctor, ଗୋଟାଏ ମସ୍ତବଡ଼ ଅଭିଶାପ ।

ଡାକ୍ତର—ଦାସବାବୁ !

ଶ୍ରୀରାମ—ହଁ, Doctor, ମୁଁ ମରିବାକୁ ଚାହିଁ ବି ମରିପାରିଲି ନା । ବଞ୍ଚିବାକୁ ଚାହିଁ ବି ବଞ୍ଚିପାରୁ ନା । ମୁଁ କଣ କରିବି, Doctor ? Tell me what shall I do ?

ଡାକ୍ତର—ଏ ଜୀବନଟା ଗୋଲାପର ଶେଯ ନୁହେଁ, Mr. Das. ବଞ୍ଚିବାକୁ ହେଲେ କଣ୍ଟାର ଆଘାତ ସହିବାକୁ ପଡ଼ିବ । ବଞ୍ଚିବାରେ ଆନନ୍ଦ ଅଛି ସେଇଠି Mr. Das. ଶୋଇଯାଆନ୍ତୁ । ଆଉ କେଇଟା ଦିନ ପରେ ପୁଣି ସୁସ୍ଥ ହୋଇ ଆପଣ ଫେରିସିବେ । ନିଅନ୍ତୁ ଏ tabletଟା ଖାଇନିଅନ୍ତୁ··· ନିଅନ୍ତୁ···(ଅନିଚ୍ଛାସତ୍ତ୍ୱେ ବି ଶ୍ରୀରାମ ଦାସ tablet ଖାଇ ପାଣି ପିଇଲେ ।)

ଶ୍ରୀରାମ—ଉଃ, ମୋ ମୁଣ୍ଡରେ ଭୟଙ୍କର ଯନ୍ତ୍ରଣା··· Doctor, ମୋ ମୁଣ୍ଡରେ ଭୟଙ୍କର ଯନ୍ତ୍ରଣା । ଆପଣ ଜାଣିଚନ୍ତି Doctor, ମୋର ଏଇ କଟା ହାତଟା ପାଇଁ ମୁଁ କୋଡ଼ିଏ ହଜାର ଟଙ୍କା ପୁରସ୍କାର ପାଇଥିଲି,ଆଉ ତାକୁ ଗ୍ରେର ନେଇଗଲା । (ଟିକିଏ ହସିଲେ) ତଥାପି ମୁଁ ବଞ୍ଚିଛି···ବେଶ୍ ଆନନ୍ଦରେ ବଞ୍ଚିଛି ।

ଡାକ୍ତର—(ପିଠି ଆଉଁସିଦେଇ) Take rest, Mr. Das, ସବୁ ଆସ୍ତେ ଆସ୍ତେ ଠିକ୍ ହୋଇଯିବ ।

ଶ୍ରୀରାମ—(ହଠାତ୍ ପାଖରେ ଥିବା ଫଳ, ହରଲିକ୍ସ ଏବଂ ବିସ୍କୁଟ୍ ଉପରେ ଦୃଷ୍ଟି ପଡ଼ୁଛି) ଏ fruits, Horlicks, Biscuits.···

ଡାକ୍ତର—Mr. Mallik ଆସିଥିଲେ···

ଶ୍ରୀରାମ—ଓ, Mr. Mallik···ଭାରି ଭଲ ଲୋକ···ଏତେ ଦୟା··· ଏତେ ସହାନୁଭୂତି···

ମିଠୁ—ତାଙ୍କ ସାଙ୍ଗରେ ମଟରରେ ବସି ବୋଉ ବି ଆସିଥିଲା ।

ଶ୍ରୀରାମ—ମିଠୁ ! ତୋ ବୋଉ ମଲ୍ଲିକ ସାହେବ ସାଙ୍ଗରେ ମଟରରେ ବସି ଆସିଥିଲା··· ?

[ଡାକ୍ତରମାନେ ପରସ୍ପର ମୁହଁକୁ ଚାହିଁଲେ । ଏହି ସମୟରେ ପଶିଆସିଲେ ପୋଲିସ ଇନ୍ସପେକ୍ଟର୍ । ଡାକ୍ତରଙ୍କୁ ସମ୍ମାନ ଜଣାଇ]

ପୋ: ଇ:—ମନେହୁଏ Mr. Das ଅନେକଟା ସୁସ୍ଥ ଅନୁଭବ କରୁଛନ୍ତି । ମୁଁ ତାଙ୍କର ଜମାନବନ୍ଦୀ ବର୍ତ୍ତମାନ ନେଇପାରିବି ତ Doctor ?

ଡାକ୍ତର-Yes Inspector, you can now take his statement ମୁଁ ଆସୁଛି ଦାସବାବୁ, wish you best of your luck.

[ଡାକ୍ତର ଚାଲିଗଲେ । ପୋଲିସ ଇନ୍ସପେକ୍ଟର୍‌ଙ୍କୁ ଏକ ସ୍ଥିର ଦୃଷ୍ଟିରେ ଚାହିଁ ଶ୍ରୀରାମଦାସ ହଠାତ୍ ଚିତ୍କାର କରିଉଠିଲେ···]

ଶ୍ରୀରାମ—ଡାକ୍ତର, ପୋଲିସ୍, ହସ୍ପିଟାଲ୍, କୋର୍ଟ, କଚେରୀ···ମୋର କିଛି ଦରକାରନାହିଁ । ଆପଣ ଚାଲିଯାନ୍ତୁ Inspector···ଆପଣ

ଚ୍ଚଲଯାଆନ୍ତୁ । ମତେ ଦୟା କରନ୍ତୁ Inspector, ମୋର statement ଦବାର କଛି ନାହିଁ···ମତେ ଟିକଏ ଶାନ୍ତିରେ ମରିବାକୁ ଦଅନ୍ତୁ । Let me die peacefully.

ପୋ: ଇ:—Excuse me Mr, Das. ଆପଣଙ୍କ ଘରେ ଏତେବଡ଼ ଗୋଟାଏ ଦୁର୍ଘଟଣା ଘଟିଗଲା, ଆପଣଙ୍କର ଟଙ୍କା ଚୋର ନେଇଗଲା, ଆପଣ ସାଂଘାତିକ ଭାବରେ ଆହତ ହେଲେ, ଅଥଚ ଆପଣଙ୍କର statement ଦବାର କଛି ନାହିଁ ? ଆପଣ କ'ଣ ଚାହାନ୍ତି ଦୋଷୀ ଦଣ୍ଡ ନ ପାଇ ଏ ସମାଜରେ ନିର୍ବିଘ୍ନରେ ଘୂରିବୁଲୁ ?

ଶ୍ରୀରାମ—-Let him go to hell, Inspecto , ମୋର କାହା ବିରୁଦ୍ଧରେ କୌଣସି ଅଭିଯୋଗ ନାହିଁ ।

ପୋ: ଇ:—ଦାସବାବୁ !

ଶ୍ରୀରାମ—Yes Inspector, ଅପରାଧୀ କ'ଣ ସବୁବେଳେ ଦଣ୍ଡ ପାଏ ? ଆଇନକୁ ନେଇ ଖେଳ ଖେଳିବାରେ ସେ ଅଭ୍ୟସ୍ତ । ତା ହାତରେ କୋଡ଼ିଏ ହଜାର ଟଙ୍କା ପଡ଼ିଛି···ସେ ଧରା ପଡ଼ିଲେ ବି ସ୍ୱଚ୍ଛନ୍ଦରେ ଖସିଯିବ । ଟଙ୍କା ସବୁ କରିପାରେ, Inspector.

ପୋ: ଇ:—Mr. Das, ଏଇଟା ଆପଣଙ୍କର ଭୁଲ ଧାରଣା । ଆଇନକୁ ଫାଙ୍କିଦେଇ କୌଣସି ଅପରାଧୀ ଖସିଯାଇନ କି ଆଜି ବି ଯାଇ-ପାରିବନି । ଆପଣଙ୍କୁ statement ଦବାକୁ ପଡ଼ିବ ।

ଶ୍ରୀରାମ—ନା, ନା, Inspector, ଆପଣ ଦୟାକରି ଚାଲିଯାଆନ୍ତୁ । ଥରେ କହିଛି, କାହା ବିରୁଦ୍ଧରେ ମୋର କୌଣସି ଅଭିଯୋଗ ନାହିଁ··ମୋର କିଛି ଚୋରି ହୋଇନି···ମୁଁ ମାଡ଼ ଖାଇନି ।

କାହିଁକି ଆପଣମାନେ ମତେ କଲବଲ କରୁଛନ୍ତି ? କ'ଣ ଚାହାଁନ୍ତି ଆପଣମାନେ ମୋ'ଠାରୁ ? Please Inspector, ଆପଣ ଚାଲିଯାଆନ୍ତୁ ।

ଡାକ୍ତର—(ଶ୍ରୀରାମଦାସଙ୍କର ଚିତ୍କାର ଶୁଣି ଫେରି ଆସିଲେ) କ'ଣ ହେଲା Inspector···?

ପୋ: ଇ:—Mr. Das satement ଦବାକୁ ରାଜି ନୁହଁନ୍ତି ?

ଡାକ୍ତର—I see···It seens he is in an excited mood. ଆପଣ ପରେ ଆସନ୍ତୁ, Inspector, don't disturbe him now

ପୋ: ଇ:—Thank you, Sir ! (କଡ଼ା ସାଲ୍ୟୁଟ୍ ଦେଇ ବିଦାୟ ନେଲେ)

ଶ୍ରୀରାମ—ଏ ନିର୍ମମ ବନ୍ଧନରୁ ମତେ କ'ଣ ମୁକ୍ତି ମିଳିବ ନି, Doctor ?

ଡାକ୍ତର—ହ୍ୟାଭ୍ ପେସେନ୍ସ, Mr. Das, ଶୋଇଯାଆନ୍ତୁ ।

[ଡାକ୍ତର ରାମଦାସଙ୍କୁ ଶୁଆଇଦେଇ ଧୀରେ ଧୀରେ ଚାଲିଗଲେ ଏବଂ ପରେ ପରେ ରାମଦାସ ପୁଣି ଉଠି ବସିଲେ । ପିଲା ଦୁହିଁଙ୍କୁ ଚାହିଁ]

ଶ୍ରୀରାମ—ତମ ଦୁହିଁଙ୍କୁ ମତେ ଜଗାଇଦେଇ ବୋଉ ତମର ମଟରରେ ବସି ବୁଲୁଛି ! ଇମ୍ପାଲା car ··· ସେଥିରେ ବୁଲିବାରେ ଭାରି ମଜା ରେ ମିଣ୍ଟୁ, ଭାରି ମଜା । ମଲ୍ଲିକ ସାହେବ ଭାରି ଭଲ ଲୋକ । ତମ ବୋଉକୁ ଚାକିରି ଦେଲେ···ମାସକୁ ମାସ ଦରମା ଦେଲେ । ଫରେନ୍ carରେ ବସାଇ ବୁଲାଇଲେ । ଭାରି ଦୟାଳୁ,

ଓଃ, ବଞ୍ଚିବାରେ କେତେ ଯେ ଯନ୍ତ୍ରଣା ! (କାନ୍ଦ ପକାଇଲେ··· ତାଙ୍କ କାନ୍ଦ ଦେଖି ପିଲା ଦୁହେଁ ବି କାନ୍ଦଉଠିଲେ) ଆରେ, ତମେ ସବୁ କାହିଁକି କାନ୍ଦୁଛ ? ତମର ହସିବାର କଥା···ବୋଉ ତମର ମଟର ଚଢ଼ି ବୁଲୁଛି । ଏଣିକି ତମର କିଛି ଅଭାବ ରହିବ ନା । ମଲ୍ଲିକ ସାହେବ ଭାରି ଭଲ ଲୋକ । (ଏତେ ଦୁଃଖରେ ବି ହସିଲେ ରାମଦାସ । ତା'ପରେ ଗୋଟାଏ କମଳା ହାତରେଧରି) ନିଅ, ଏ କମଳାଟା ଖାଇନିଅ । ଭାରି ମିଠା···ମଲ୍ଲିକ ସାହେବ ଦେଇଛି । (ମିତା କମଳା ନେବାକୁ ହାତ ବଢ଼ାଇଲା । ତା ହାତକୁ କମଳାଟା ଦେଇଦେଲେ । ପରମୁହୂର୍ତ୍ତରେ ତା ହାତରୁ ଝାମ୍ପି ନେଇ) ନା, ନା, ମା' ଏ କମଳା ଖାଇ ବଞ୍ଚିବା ଅପେକ୍ଷା ତୁମେ ଦୁହେଁ ବିଷ ଖାଇ ମରିଯାଅ···ସେଥିରେ ବିଷ ମିଶିଛି, ସେଥିରେ ବିଷ ମିଶିଛି···

ମିତା—ବାପା··· !

[ପିଲା ଦୁହିଁଙ୍କୁ କୋଳେଇ ନେଇ ଘାର୍ଘଶ୍ୱାସ ପକାଇଲେ । ଏହି ସମୟରେ ଆସିଛନ୍ତି ବଳଦେବ । ତାଙ୍କୁ ଦେଖି···]

ଶ୍ରୀରାମ - କ'ଣ ସହାନୁଭୂତି ଜଣାଇବାକୁ ଆସିଛୁ, ନା ଉପହାସ କରିବାକୁ ?

ବଳଦେବ—ନା, ଶ୍ରୀରାମ, ତତେ ଟିକିଏ ଦେଖିବାକୁ ଆସିଛି ।

ଶ୍ରୀରାମ—ମତେ ଦେଖିବୁ ? ଦେଖ୍, ଦେଖ୍ ବଳଦେବ, ମନଭରି ଦେଖ୍, ତୋର ଅତି ଆପଣାର ବନ୍ଧୁ ଆଜି କେମିତି ରକ୍ତ କାନ୍ଦୁଛି, ଦେଖ୍···

ବଳଦେବ—ଶ୍ରୀରାମ ! କ'ଣ ହୋଇଛି ତୋର ? ମୋର ଯେମିତି ମନେହୁଏ···

ଶ୍ରୀରାମ—ମୁଁ ଧୀରେ ଧୀରେ ପାଗଳ ହୋଇଯାଉଛି । ଏଇଆ ନା ? ସତରେ ବଳଦେବ, ମୁଁ ଯଦି ଆଉ କେଇଟା ଦିନ ବଞ୍ଚିରହେ ତେବେ ନଶ୍ଚେ ପାଗଳ ହୋଇଯିବି ।

ବଳଦେବ—ଶ୍ରୀରାମ !

ଶ୍ରୀରାମ—ତୁ ସେଦିନ ଠିକ୍ କହିଥିଲୁ ବଳଦେବ, ଜାଣି ଜାଣି ସରିତାକୁ ମୁଁ ନର୍କ ଭିତରକୁ ଠେଲିଦେଇଛି ।

ବଳଦେବ—କଣ ହୋଇଚି, ଶ୍ରୀରାମ ?

ଶ୍ରୀରାମ—ଆଉ କିଛି ବାକି ନାହିଁ ରେ ବଳଦେବ, ସବୁ ଶେଷ ହୋଇ-ଯାଇଚି । ସରିତା ଆଜି ମଲ୍ଲିକ ସାହେବର ଇମ୍ପୋର୍ଟେଡ୍ ଇମ୍ପାଲା car ରେ ଘୁରିବୁଲୁଛି । ସେ ହୁଏତ ତାର private chamberରେ ରାତି ଯାପନ କରୁଛି, ଆଉ ମୁଁ ଏଠି···

ବଳଦେବ—ଶ୍ରୀରାମ !

ଶ୍ରୀରାମ—ଆଉ ଗୋଟିଏ ଅନୁରୋଧ ରଖିବୁ, ବଳଦେବ, ଏ ଅନାଥ ପିଲା ଦୁଇଟାଙ୍କୁ କୋଉ ଗୋଟାଏ ଅନାଥାଶ୍ରମରେ ରଖିଦେଇ-ପାରିବୁ ? ତାଙ୍କର କଷ୍ଟ ମୁଁ ସହିପାରିବିନି ରେ ବଳଦେବ !

ବଳଦେବ—ମୁଁ ମରିଯାଇନି ରେ ଶ୍ରୀରାମ, ମୁଁ ଏବେ ବି ବଞ୍ଚିଛି । ମୁଁ ଭଗବାନଙ୍କୁ ସାକ୍ଷୀ ରଖି ଶପଥ କରୁଛି ଶ୍ରୀରାମ, ମିଣ୍ଟୁ ଆଉ ମିତାଙ୍କୁ ମୁଁ ମଣିଷ କରିବି । ମୋର ଆଉ ଏ ଦୁନିଆରେ କିଏ ଅଛି, କହିଲୁ ?

ଶ୍ରୀରାମ—ବଳଦେବ !

ବଳଦେବ—ହଁ, ଶ୍ରୀରାମ ! ତୁ ଖାଲି ମୋର ବନ୍ଧୁ ନୋହୁ ରେ, ତୁ ମୋର ଗୋଟାଏ ଭାଇ···ତୋ ପାଇଁ କ'ଣ ଏତିକି କରିପାରିବି ନି ?

ଶ୍ରୀରାମ—ବଳଦେବ ! (କହି ବଳଦେବର ହାତ ଧରି କାନ୍ଦିଉଠିଲେ···)

ବଳଦେବ—(ଆଶ୍ୱାସନା ଦେଇ) ଭାଙ୍ଗି ପଡ଼ନା, ଶ୍ରୀରାମ ! ଭଗବାନ ଚାହିଁଲେ ସବୁ ଠିକ୍ ହେଇଯିବ । ମୁଁ କିନ୍ତୁ ସେ ସୈତାନ ମଲ୍ଲିକ ସାହେବକୁ ଉପଯୁକ୍ତ ଶିକ୍ଷା ଦେବ । କମ୍ପାନିରେ ନିଆଁ ଜଳିବ ଶ୍ରୀରାମ, ଜଳିପୋଡ଼ି ସବୁ ଅଙ୍ଗାର ହେଇଯିବ ··

ଶ୍ରୀରାମ—ବଳଦେବ !

ବଳଦେବ—ମୋର ସେ କୁଶିଆଟାକୁ ବେଜାଏ ଶୋଷ ରେ ଶ୍ରୀରାମ !

ଶ୍ରୀରାମ—ନା, ବଳଦେବ, ନା । କାହାରିକୁ ତୁ ମୋର ଏ କରୁଣ କାହାଣୀ କହିବୁନି ରେ, ସମସ୍ତେ ହସିବେ···ଠାଟ୍ଟା କରିବେ । ତୁ ବରଂ ଏ ପିଲା ଦୁଇଟାଙ୍କୁ ନେଇ ଯା । ଅନେକ ବେଳୁ ସେମାନେ ବୋଧହୁଏ କିଛି ଖାଇନାହାନ୍ତି । ଦେଖିଲୁ ସେମାନଙ୍କ ମୁହଁ କେମିତି ଶୁଖିଯାଇଛି···

ବଳଦେବ—ଆ, ମା ମିତା, ଆ ମିଣ୍ଟୁ, ଘରକୁ ଯିବା, ଆ···

ଶ୍ରୀରାମ - ଯା ମା, ଯାଅ, କାଲି ଆସିବ, ଯାଅ ··(ଦୁହିଁଙ୍କ ମୁହଁରେ ଚୁମା ଦେଇ ବିଦାୟ ଦେଲେ । ବଳଦେବ ମଧ୍ୟ ଶ୍ରୀରାମକୁ ଆଉଁସି ଦେଇ ଲୁହଭରା ଆଖିରେ ବିଦାୟ ନେଲେ । ତା' ପରେ ଶ୍ରୀରାମ ଚାରିଆଡ଼କୁ ସତର୍କ ଦୃଷ୍ଟି ପକାଇ ହସ୍‌ପିଟାଲ ଛାଡ଼ି ଚାଲିଯିବା ଉଦ୍ଦେଶ୍ୟରେ କେଇ ପାହୁଣ୍ଡ ଆଗେଇଗଲାବେଳେ ଆସିଛନ୍ତି ଡାକ୍ତର । ତାଙ୍କୁ ଦେଖି ରହିଗଲେ ।)

ଡାକ୍ତର—କୁଆଡ଼େ, ଦାସବାବୁ ?

ଶ୍ରୀରାମ —ଏଁ···ନା···ଏମିତି···

ଡାକ୍ତର—(ଶ୍ରୀରାମଙ୍କ ଉଦ୍ଦେଶ୍ୟ ବୁଝିପାରିଥିଲେ) ଆପଣ ଶୋଇଯାଆନ୍ତୁ । Nurse, keep close watch over him. ଯେକୌଣସି ଅସତର୍କ ମୁହୂର୍ତ୍ତରେ ସେ ହସପିଟାଲ୍ ଛାଡ଼ି ଚାଲିଯାଇପାରନ୍ତି ।

(ରାମଦାସଙ୍କୁ Bedରେ ଶୁଆଇ ଦେଲେ)

ଶ୍ରୀରାମ—ଏ ବନ୍ଧନରୁ କଣ ମୋର ଆଉ ମୁକ୍ତି ନାହିଁ, Doctor ? ଓଃ, ଏ ବଞ୍ଚିବାରେ କେତେ ଯେ ଯନ୍ତ୍ରଣା··· ।

—ଅନ୍ଧାର—

ନବମ ଦୃଶ୍ୟ

[ସେଇ ନର୍ଜନ ଗଳିରାସ୍ତା । ଅନ୍ଧାର । ଭଙ୍ଗା କାନ୍ଥକୁ ଆଉଜି ବସିଥିଲେ ଅସୀମ ଓ ବଳଦେବ । ଦୁହେଁ ଗମ୍ଭୀର ଭାବରେ ଚିନ୍ତାମଗ୍ନ । ଦୁହିଁଙ୍କ ହାତରେ ଜଳନ୍ତା ସିଗାରେଟ୍ । କଣ କରିବେ ସେମାନେ କିଛି ସ୍ଥିର କରି ପାରୁ ନ ଥିଲେ । କେଇଟି ନୀରବ ମୁହୂର୍ତ୍ତ ପରେ··· ରାତି ଘଣ୍ଟାରେ ୧୦ ବାଜିଲା]

ଅସୀମ—କ'ଣ ଭାବୁଛୁ ବଳଦେବ ?

ବଳଦେବ—ଏ ଦୁନିଆରେ ବୋଧହୁଏ ଭଲ ଲୋକର ସ୍ଥାନ ନାହିଁ ଅସୀମ, ଆଉ ତା ହୋଇଥିଲେ ଶ୍ରୀରାମଟା ଆଜି ଏମିତି କଲବଲ ହେଉ ନ ଥାନ୍ତା···ତାର ସେ ସଂସାରଟା ଆଜି ଉଚ୍ଛନ୍ନ ହୋଇ-ଯାଇ ନ ଥାନ୍ତା ।

ଅସୀମ—ଯେ ଗରିବ, ଯେ ନିଃସହାୟ, ସବୁ ଜୁଲୁମ ତାରି ଉପରେ··· ସବୁ ଅତ୍ୟାଚାର ତାରି ଉପରେ ।

ବଳଦେବ—ଆମକୁ ସେ ଅନ୍ୟାୟର ମୁକାବିଲା କରିବାକୁ ପଡ଼ିବ । ସେ ଅତ୍ୟାଚାରର ଜବାବ ଦବାକୁ ହେବ । ଲୁହାକୁ କେବଳ ଲୁହା-ହାଣ୍ଡି ହିଁ କାଟିହୁଏ, ଅସୀମ !

ଅସୀମ—କିନ୍ତୁ କେମିତି ? କଣ ବା ଶକ୍ତି ଅଛି ଆମର ? ସେମାନେ ବଡ଼ଲୋକ, ସେମାନଙ୍କର ସମାଜରେ ପ୍ରତିଷ୍ଠା ଅଛି, ସମ୍ମାନ ଅଛି, ଆଉ ବ୍ୟାଙ୍କରେ ଅଛି ଅଜସ୍ର ଟଙ୍କା ।

ବଳଦେବ—ନିଜ ଶକ୍ତି ଉପରେ ଭରସା ରଖ, ଅସୀମ ! ଚିରଦିନରେ ସବୁ ଦିନ ଅନ୍ଧାର ନ ଥାଏ । ଦିନେ ନା ଦିନେ ଏ ଅନ୍ୟାୟର ଅବସାନ ହେବ···ଏ ଜୁଲୁମର ଶେଷ ଯବନିକା ପଡ଼ିବ । ସବୁ ଜିନିଷର ଗୋଟାଏ ସୀମା ଅଛି, ଅସୀମ ! ଜାଣିଛୁ ଅସୀମ, ଝରଣା ଆଉ ନିତା ଭଳି ସରିତା ବି ସେମାନଙ୍କର ଶିକାର ହେଇଛି···

ଅସୀମ—ବଳଦେବ ! ସରିତାର ଗୋଡ଼ ଏତେ ଜଲଦି ଖସିଗଲା ? ଯାହା ଆଖିରେ ମୁଁ ସବୁଦିନେ ଅଗ୍ନିର ଝଲକ ଦେଖିଆସିଥିଲି ସେଇ ସରିତା ରଜତ ଚୌଧୁରୀର କାମନାବହ୍ନିରେ ଝାସ ଦେଲା ?

ବଳଦେବ—ରଜତ ଚୌଧୁରୀ ନୁହେଁ ଅସୀମ, ଖୋଦ୍ ମାଲିକ ମଲ୍ଲିକ୍ ସାହେବ ପାଖରେ···ତାର ସେ ଫରେନ୍ barରେ ସରିତା ଘୁରି ବୁଲୁଛି ମଲ୍ଲିକ୍ ସାହେବ ସାଙ୍ଗରେ ।

ଅସୀମ—ତୁ ନିଜେ ଦେଖିଛୁ ?

ବଳଦେବ—ନା, ଶ୍ରୀରାମ କହୁଥିଲା । ଆଉ ସେଇଆ ଭାବି ଭାବି ଶ୍ରୀରାମ୍ ହୁଏତ ପାଗଳ ହେଇଯିବ, ନଚେତ୍ ପୁଣି ଥରେ ଚେଷ୍ଟା କରିବ ଆତ୍ମହତ୍ୟା କରିବାକୁ । ତାର ସେ ବିକଳ ଅବସ୍ଥା ଦେଖିଲେ ଆଖିରେ ଲୁହ ରହିବନି ରେ ଅସୀମ ! ଶେଷରେ ତା ଭାଗ୍ୟରେ ବି ଏଇଆ ଥିଲା···

ଅସୀମ—କିନ୍ତୁ ମଲ୍ଲିକ ସାହେବ ପ୍ରତି ମୋର ସମ୍ମାନ ଥିଲା, ଶ୍ରଦ୍ଧା ଥିଲା । ରଜତ ଚୌଧୁରୀ ଭଳି ସେ ଯେ ଏତେ ତଳକୁ ଖସିଯିବ ଏ ଧାରଣା ମୋର ନ ଥିଲା, ବଳଦେବ !

ବଳଦେବ—ସେମାନେ ଗୋଟିଏ ଭାଣ୍ଡର ପାଣି, ଅସୀମ, ଖାଲି ରଙ୍ଗ ସେମାନଙ୍କର ଅଲଗା ।

ଅସୀମ—କାହିଁକି ଯେ ସରିତା ସେଠି ଚାକିରି କଲା··· ?

ବଳଦେବ—କିଏ ଦେଖି ଝରଣା ଯାଇଥିଲା ଚାକିରି କରିବାକୁ ? କିଏ ଦେଖି ନିତା ଯାଇଥିଲା ସେ ନର୍କ ଭିତରକୁ ? ସେମାନେ ଖାଲି ଉପରଟା ଦେଖିଥିଲେ, ଅସୀମ, ଭିତରଟା ନୁହେଁ ।

ଅସୀମ—ଠିକ୍ କହିଛୁ, ବଳଦେବ ! ପେଟର ନିଆଁଟା ଯେତେବେଳେ ଦାଉ ଦାଉ ହୋଇ ଜଳିଉଠେ ସେତେବେଳେ ମଣିଷ ଜାଣି ଜାଣି ନର୍କ ଭିତରକୁ ବି ଡେଇଁପଡ଼େ । ଶ୍ରୀରାମ ଠିକ୍ କହୁଥିଲା, ବଳଦେବ, ବଞ୍ଚିବାରେ କେତେ ଯେ ଯନ୍ତ୍ରଣା···

ବଳଦେବ—ସେଇ ଯନ୍ତ୍ରଣାଜର୍ଜ୍ଜରିତ ଜୀବନରେ ବି ଆନନ୍ଦ ଅଛି । ଆମକୁ ପ୍ରତ୍ୟେକ ପରିସ୍ଥିତିର ମୁକାବିଲା କରିବାକୁ ପଡ଼ିବ । ତା ନ ହେଲେ ଏ ଦୁନିଆ କରତାଳି ଦେଇ କହିବ, ଆମେସବୁ ଭୀରୁ, କାପୁରୁଷ, ପଳାୟନପନ୍ଥୀ; ସଂଗ୍ରାମ କରିବାର ସାହସ ଆମର ନାହିଁ ।

ଅସୀମ—ବଳଦେବ, ମୋର ବି ବେଳେ ବେଳେ, ମନହୁଏ ସେମାନଙ୍କର ଚଣ୍ଡି ଚିପି ରକ୍ତ ପିଇଯିବାକୁ, ସେମାନଙ୍କର ଅସଲ ରୂପଟାକୁ ଏ ଦୁନିଆ ଆଗରେ ପଦାରେ ପକାଇଦବାକୁ; କିନ୍ତୁ ସାହସ ପାଏନା···

ବଳଦେବ—ମୋ ହାତରେ ହାତ ମିଳାଇ ଆଗେଇ ଚାଲ୍, ଅସୀମ, ଆମର ଏ ତୁଚ୍ଛ ଜୀବନଟାକୁ ସମାଜର ମଙ୍ଗଳ ପାଇଁ ଉତ୍ସର୍ଗ କରିଦେବା । ପାରିବୁ ଅସୀମ ? ନିଜ ଜୀବନକୁ ବାଜି ଲଗାଇ ସେ ଅନ୍ୟାୟର ମୁକାବିଲା କରିପାରିବୁ ?

ଅସୀମ—ମୁଁ ବେଶ୍ ପାରିବି, ବଳଦେବ ! (ହାତରେ ହାତ ମିଳାଇଲା) ମୁଁ ପ୍ରତିଜ୍ଞା କରୁଛି, ଝରଣାର ଶେଷ ଅନୁରୋଧ ମୁଁ ନିଶ୍ଚୟ ରକ୍ଷା କରିବି ।

ବଳଦେବ—ମୋର ବି ସେ ଚୁକ୍ତିଟାକୁ ବେଜାୟ ଶୋଷ ରେ ଅସୀମ ! ଖାଲି ସୁଯୋଗ ମିଳିଲେ···(ହଠାତ୍ ଦୂରରୁ ଶର୍ମା ଏବଂ ରାଜୁ ସିଂ ଆସୁଥିବା ଦେଖିପାରି) ଶର୍ମାଜୀ ଆଉ ରାଜୁ ସିଂ ! ଏ ଅଖ୍ୟାତ ଗଳିରେ ପୁଣି ଥରେ ଶର୍ମାଜୀ କାହିଁକି ? ଆ ଅସୀମ, ଏଇ ଭଙ୍ଗା କାନ୍ଥ ପଛପଟେ ଲୁଚିଯିବା । ମୋର ମନେହୁଏ ଏଇ ଅଖ୍ୟାତ ଗଳିରେ ଗୋଟାଏ ବିରାଟ ଷଡ଼ଯନ୍ତ୍ରର ସୂତ୍ରପାତ ହେଉଛି । ଆ··· (ସେମାନେ ଭଙ୍ଗା କାନ୍ଥ ପଛପଟେ ଲୁଚିଗଲେ । ପରେ ପରେ ଆସିଛନ୍ତି ଶର୍ମାଜୀ ଏବଂ ରାଜୁ ସିଂ)

[ଉଭୟେ ଚାରିଆଡ଼କୁ ସତର୍କ ଦୃଷ୍ଟି ପକାଇଲେ । ତା ପରେ···]

ଶର୍ମାଜୀ—(ପକେଟରୁ ତାଡ଼ାଏ ନୋଟ୍ କାଢ଼ି) ଏଇ ନିଅ । ଚୌଧୁରୀ ସାହେବ ତମର ଖୁବ ପ୍ରଶଂସା କରୁଥିଲେ । ହଁ ରାଜୁ ସିଂ,

ପୋଲିସ ବର୍ତ୍ତମାନ ଧମାଧମ୍ ଅନୁସନ୍ଧାନ ଚଳାଇଛନ୍ତି । ରାମଦାସର ଚେତା ଫେରିଲା ପରେ ସେମାନେ ତା'ଠାରୁ ଜମାନବନ୍ଦି ନେବେ । ତମକୁ ସେ ତ ଚିହ୍ନି ପାରିନ ?

ରାଜୁ ସିଂ—ଆପ୍ ବେଫିକ୍ର୍ ରହିଯାନ୍ତୁ ଶର୍ମାଜୀ ! ରାଜୁ ସିଂ ଯୋଉ କାମରେ ହାତ ଦିଏ ସେ କାମକୁ ସେ ପୂରା ନ କରି ଛାଡ଼େ ନା । ମତେ ଚିହ୍ନିବା ତ ଦୂରର କଥା, ଏ ସହରର ପଶୁ ବି ପୁଲିସ ପାଇବ ନି । ତା ଛଡ଼ା, ଚୌଧୁରୀ ସାହେବ ଥାଉ ଥାଉ...

ଶର୍ମାଜୀ—(ହସି) ସାବାସ୍ ରାଜୁ ସିଂ, ତା ନ ହେଲେ ଚୌଧୁରୀ ସାହେବ କଣ ତମର ଏ ଭଳି ପ୍ରଶଂସା କରୁଥାନ୍ତେ !

ରାଜୁ ସିଂ—ଚୌଧୁରୀ ସାହେବ ଲୋକ ଚିହ୍ନେ, ଶର୍ମାଜୀ !

ଶର୍ମାଜୀ—ସେ ଲୋକଟାକୁ ସେଇଦିନ ଯଦି ଖତମ୍ କରିଦେଇଥାନ୍ତ...

ରାଜୁ ସିଂ—ଏତେ ବଡ଼ ଦାମୀ ମୁଣ୍ଡଟା ପାଇଁ କଣ ଏତିକି ବକ୍‌ସିସ୍ ?

ଶର୍ମାଜୀ—କେତେ ଦରକାର ?

ରାଜୁ ସିଂ—କମ୍‌ସେ କମ୍ ପଚାଶ ହଜାର...

ଶର୍ମାଜୀ—ଏତେ ଟଙ୍କା ? ଏଇ ସାମାନ୍ୟ କାମ ପାଇଁ...

ରାଜୁ ସିଂ—(ହସି) ରାମଦାସର କଟାମୁଣ୍ଡର ଦାମ୍ କଣ୍ଟ୍ରାକ୍ଟ ଲକ୍ଷେ ଟଙ୍କାରୁ ବେଶୀ ହେବ, ଶର୍ମାଜୀ ! ରାଜୁ ସିଂ କାମର ଓଜନ ନ କରି କେବେ ହେଲେ ସଉଦା କରେନା ।

ଶର୍ମାଜୀ—ଠିକ୍ ଅଛି ରାଜୁ, ଟଙ୍କା ତମକୁ ମିଳିଯିବ । କିନ୍ତୁ ରାମଦାସ ଯେପରି ହସ୍‌ପିଟାଲରୁ ଘରକୁ ଫେରି ନ ଯାଏ...

ରାଜୁ ସିଂ—ଆପ୍ ବେଫିକ୍ର୍ ରହିଯେ, ଶର୍ମାଜୀ ! ରାଜୁ ସିଂ ତାର ଦେଇଥିବା କଥାର କେବେ ଖିଲାପ୍ କରେନା ।

ଶର୍ମାଜୀ—କାଲି ରାତି ୧୨ଟା ସୁଦ୍ଧା ତୁମକୁ ଟଙ୍କା ମିଳିଯିବ । କିନ୍ତୁ ତୁମକୁ ଆଉ ଗୋଟାଏ କାମ କରିବାକୁ ପଡ଼ିବ । ଯୋଉ ରାମଦାସ ଥିଲେ ଶ୍ରମିକ ୟୁନିଅନର ସେକ୍ରେଟାରୀ ଥାଇ ସମୁଦାୟ କମ୍ପାନୀଟାକୁ ଗୋଟାଏ ଆଙ୍ଗୁଠି ଅଗରେ ନଚାଉଥିଲା ସେଇ ରାମଦାସର ସ୍ତ୍ରୀ ସରିତା ନାଚିବ ଚୌଧୁରୀ ସାହେବର ନିର୍ଜନ ବଙ୍ଗଳାର ବିଳାସ କକ୍ଷରେ ।

ରାଜୁ ସିଂ—(ହସି) ଚୌଧୁରୀ ସାହେବଙ୍କ ନଜର ତା' ହେଲେ ସରିତା ଉପରେ ପଡ଼ିଛି, ନା ! ଆପ୍ ବେଫିକ୍ର୍ ରହିଯେ ଶର୍ମାଜୀ, ଇଏ ତୋ ମେରା ବାଇଁଆ ହାତ୍‌କା ଖେଲ୍ ହେଁ । କିନ୍ତୁ···

ଶର୍ମାଜୀ—ଆଉ କେତେ ଦରକାର ?

ରାଜୁ ସିଂ—ପାଞ୍ଚ ହଜାର···କେବଳ ଚୌଧୁରୀ ସାହେବଙ୍କ ଖାତିର୍‌ରେ । ତା ନ ହେଲେ···

ଶର୍ମାଜୀ—(ହସି) ଠିକ୍ ଅଛି । (ଏହି ସମୟରେ ସରିତାକୁ ଦୂରରୁ ଆସୁଥିବାର ଦେଖିପାରି) ରାଜୁ ସିଂ, ଏଇ ହେଉଛି ସୁବର୍ଣ୍ଣ ସୁଯୋଗ । ସରିତା ବୋଧହୁଏ ଏଇ ବାଟଦେଇ ଯିବ । ଏ ସୁଯୋଗ ହାତଛଡ଼ା ହେଲେ···

ରାଜୁ ସିଂ—ଆପ୍ ବେଫିକ୍ର୍ ରହିଯେ, ଶର୍ମାଜୀ ! ରାଜୁ ସିଂ ହାତରୁ କେତେ କେତେ ଖସିଯାଇନି କି ସରିତା ବି ଆଜି ଖସିଯିବନି ।

ଶର୍ମାଜୀ—କିନ୍ତୁ ମୁଁ କଣ କରିବ ? ସରିତା ମତେ ଚିହ୍ନିପାରିବ···

ରାଜୁ ସିଂ—(ହସି) ଘବ୍‌ରାଇଏ ମତ୍ ଶର୍ମାଜୀ, ଏତେ ପଡ଼ଳା ଲୁଚି ନେଇ ଏ ଗଳିକୁ କେହି କେବେ ଆସେନ । ଆମକୁ ଗୋଟାଏ ରୁଲ୍ ଖେଳିବାକୁ ପଡ଼ିବ । ଶୁନିଏ···(ଶର୍ମା କାନରେ କିଛି ଚୁପ୍ ଚୁପ୍ କହିଲା । ଦୁହେଁ ଟିକିଏ ହସିଲେ । ତା'ପରେ ହଠାତ୍ ଛୁରି କାଢ଼ି ଶର୍ମାଜୀଙ୍କୁ ଲକ୍ଷ୍ୟ କଲା । ଶର୍ମାଜୀ ଭୟରେ ଥର ଉଠିଲେ···) ନିକାଲୋ, ଯୋ କୁଛ୍ ଭି ହୈ ସବ୍ ନିକାଲୋ—ରୁପିୟା, **watch, ring**··· ସବ୍ କୁଛ୍ । (ଏହି ସମୟରେ ସରିତା ଆସିଛନ୍ତି । ଭୟରେ ସେ ବି ଥରିଉଠିଲେ । ଶର୍ମା ଘଣ୍ଟା, ମୁଦି ଇତ୍ୟାଦି ରାଜୁକୁ ଦେଉ ଦେଉ···)

ଶର୍ମାଜୀ—ସରିତା ଦେବୀ, ମତେ ରକ୍ଷା କରନ୍ତୁ । ଏ ଡକାଏତ ମୋର···

ରାଜୁ ସିଂ—ଖବରଦାର୍ ! ଚିତ୍କାର କଲେ ଏ ଛୁରୀଟା ଏପଟେ ପଶି ସେପଟେ ବାହାରିବାକୁ କେଇଟା ସେକେଣ୍ଡ ବି ଲାଗିବନି, ସରିତା ଦେବୀ !

ସରିତା—କିଏ ? କିଏ ତୁମେ ? ମତେ ବିଶ୍ୱାସ କର, ମୋ ପାଖରେ କିଛି ନାହିଁ । ମୋ ସ୍ୱାମୀ ହସ୍ପିଟାଲରେ ଶକ୍ତ ବେମାର । ତାଙ୍କର ଅବସ୍ଥା ଉଦ୍‌ବେଗଜନକ ହୋଇପଡ଼ିଛି । ମୁଁ ତାଙ୍କ ପାଇଁ ଔଷଧ ନେଇ ଯାଉଛି । ମତେ ଦୟା କର । ମୋ ପାଖରେ ଟଙ୍କା ସୁନା କିଛି ନାହିଁ ।

ରାଜୁ ସିଂ—କ୍ୟା ଜବାନୀ ପାୟୀ ହୈ, ସରିତା ଦେବୀ, ଜୀ ଚାହ୍‌ତା ହୈ···

ସରିତା—ଚୁପ୍ କର୍ ! ଗୁଣ୍ଡା, ବଦମାସ, ଅଭଦ୍ର···

ରାଜୁସିଂ—(ହସି) ଏ ଗଳିରେ ଯେତେ ପାଟି କଲେ ବି କେହି ଶୁଣିବେ ନି । ରାତି ହେଲେ ଏ ଗଳି ବେହୋସ ହୋଇପଡ଼େ । ଏଠି କାହାର ଖବର କେହି ରଖନ୍ତି ନି ।

ସରତା—ତମେ କଣ ଚାହଁ ?

ରାଜୁ ସିଂ—ଏ କଥା ମୁଁ ମ ରାତ୍‌···ଏ ମସ୍ତ ଜବାମୀ···ଆଃ···

ଶର୍ମାଜୀ—ଜଣେ ଭଦ୍ର ମହିଳାଙ୍କ ସହିତ ଏଭଳି ବ୍ୟବହାର କରିବାକୁ ତତେ ଟିକିଏ ଲଜ୍ଜା ଲାଗୁନି ? ତୋର କଣ ମା' ଭଉଣୀ କେହି ନାହାନ୍ତି ?

ରାଜୁ ସିଂ—(ହସିଉଠିଛି) ଖବରଦାର ଜନାବ ! ବେଶି ବକ୍ ବକ୍ କଲେ···(ଇଙ୍ଗିତରେ ଦେଖାଇଦେଲା ଯେ ବେକ କାଟିଦବ । ଶର୍ମା ଏବଂ ସରତା ଶିହରି ଉଠିଲେ) ଚାଲନ୍ତୁ ସରତା ଦେବୀ !

(କହି ଶର୍ମାକୁ ଆଗୁଆ ଯିବାକୁ ଇସାରା ଦେଲା)

ସରତା—କୁଆଡ଼େ ?

ରାଜୁ ସିଂ—ଯୋଉଠିକି ଗଲେ ଆଉ ଫେରି ଆସିବାକୁ ତମର ଆଦୌ ମନ ହବନି, ସେଇ ସ୍ୱର୍ଗକୁ । (ହସି ଉଠିଲା ଏବଂ ଛୁରୀ ଧରି ଆଗେଇ ଆସିଲା···)

ସରତା—ନା, ମତେ ଦୟା କର । ମୁଁ ତୁମର ପାଦ ଧରୁଛି । ମୁଁ ଶୀଘ୍ର ଫେରି ନ ଗଲେ ମୋର ସ୍ୱାମୀ ତେଣେ··· (କାନ୍ଦିଉଠିଲେ)

[ଏହି ସମୟରେ ରାଜ୍ ସିଂ ତାଙ୍କୁ ଟେକି ଧରି ନେଇଯିବାର ଚେଷ୍ଟା କରୁଛି ଏବଂ ସରତା ବାଧା ଦେଉଛନ୍ତି । ଏହି ସମୟରେ ଆସିଛନ୍ତି ବଳଦେବ ଏବଂ ଅସୀମ –]

ବଳଦେବ—ରାଜୁ ସିଂ ! (ରାଜୁ ଚମକିପଡ଼ି ଫେରି ଚାହିଁଛି । ଆଗରେ ତାର ବଳଦେବ···ହାତରେ ଖୋଲା ଛୁରୀ) ତମର ସବୁ ଚାଲାକି ଆଜି ଧରାପଡ଼ିଯାଇଛି ଶର୍ମାଜୀ ! ରାଜୁ ସିଂ ଆଉ ତମର ସମସ୍ତ

କଥାବାର୍ତ୍ତା ଏଇ ଭଙ୍ଗା କାନ୍ଥର ପଛପଟେ ରହି ମୁଁ ସବୁ ଶୁଣିଛୁ । ଏଠୁ ଯଦି ପଳାଇବାର ଚେଷ୍ଟା କର···ଏ ଛୁରୀଟାକୁ ମୋର ବେଳାଏ ଶୋଷ ।

ରାଜୁ ସିଂ—ବଳଦେବ !

ବଳଦେବ—ଆସ ସରିତା, ନିର୍ଭୟରେ ହସ୍ପିଟାଲକୁ ଫେରିଯାଅ । ସବୁ କଥା ମୁଁ ତୁମକୁ ପରେ କହିବି । ଯା ଅସୀମ, ସରିତାକୁ ନେଇ ହସ୍ପିଟାଲରେ ଛାଡ଼ି ଦେଇ ଆ । ହଁ, ସାରା ରାତି ମଧ୍ୟ ତତେ ହସ୍ପିଟାଲରେ ଶ୍ରୀରାମକୁ ଜଗି ରହିବାକୁ ପଡ଼ିବ । His life is in danger.

ସରିତା—ବଳଦେବ···!

ରାଜୁ ସିଂ—ବଳଦେବ ! ମୋ କାର୍ଯ୍ୟରେ ବାଧା ସୃଷ୍ଟି କଲେ ପରିଣାମ ବିଷମୟ ହୋଇ ଉଠିବ ।

ବଳଦେବ—ରାଜୁ ସର୍ଦ୍ଦାର ! ବଳଦେବର କାମରେ ବାଧା ସୃଷ୍ଟି କଲେ ପରିଣାମ କମ୍ ଭୟଙ୍କର ହବନି । ମୋର ଏ ଛୁରୀଟାକୁ ବି ବେଳାଏ ଶୋଷ । ଯାଅ ସରିତା—(ସରିତା ଯିବାକୁ ଧୀରେ ଧୀରେ ଆଗେଇ ଗଲାବେଳେ ରାଜୁ ସିଂ ଛୁରୀ କାଢ଼ି ବଳଦେବକୁ ମାରିବାକୁ ଯାଇଛି; କିନ୍ତୁ ତା ପୂର୍ବରୁ ବଳଦେବର ଛୁରୀ ରାଜୁ ସିଂ ହାତରେ ଲାଗିଛି ଏବଂ ହସିଉଠିଛି ବଳଦେବ···) ଯା' ରାଜୁ, ଆଜି ବି ମୁଁ ତତେ ଅକ୍ଷତ ଅବସ୍ଥାରେ ଛାଡ଼ିଦେଉଛି । କିନ୍ତୁ ଆଉ ଦିନେ ଯଦି ତୁ ଏ ଭୁଲ କରୁ, ତେବେ···

ରାଜୁ ସିଂ—ଠିକ୍ ଅଛି । ତୋ କଥା ମୋର ମନେ ରହିବ ।

[କିନ୍ତୁ ସରିତା ଯୋଉପଟେ ଯାଇଥିଲେ ସେପଟେ ଯିବାକୁ ବାହାରିଛି । କିନ୍ତୁ ବଳଦେବ ତାକୁ ଛୁରୀ ଦେଖାଇ ଅଟକାଇ ବିପରୀତ ଦିଗରେ ଯିବାକୁ ନିର୍ଦ୍ଦେଶ ଦେଇଛି । ପରାଜୟର ଅପମାନରେ ଆହତ ସିଂହ ଭଳି ଫେରିଯାଇଛି ରାଜୁ ସିଂ ଏବଂ ତା ପଛେ ପଛେ ଶର୍ମାଜୀ । ଶର୍ମାଜୀ ଗଲାବେଳେ···]

ବଳଦେବ—ଶର୍ମାଜୀ ! ଏ ଘୃଣ୍ୟ ନାଟକର ଶେଷ ଯବନିକା ପଡ଼ିବାକୁ ଆଉ ବେଶୀ ଡେରି ନାହିଁ । ଆମର ପୁଣି ମୁଲାକାତ୍ ହବ, ଶର୍ମାଜୀ ! ଆଉ ସେଇ ମୁଲାକାତ୍ ହେବ ଶେଷ ମୁଲାକାତ୍ ।

ଶର୍ମାଜୀ—ବଳଦେବ···! (ଭୟରେ ଥରୁଥିଲେ)

ବଳଦେବ—ମୋ ସାମନାରୁ ଚାଲିଯାଅ, ଶର୍ମାଜୀ ! ତମେ ମଣିଷ ନୁହଁ । ତମେ ପଶୁଠାରୁ ବି ଆହୁରି ହୀନ···ଆହୁରି ନୀଚ···କୁକୁର··· ଚାଲିଯାଅ ! (ଶର୍ମା ଭୟରେ ଦୌଡ଼ି ପଳାଇଗଲେ । ବଳଦେବ ମୁହଁରେ ଫୁଟିଉଠିଲା ପ୍ରତିହିଂସାର ଅଗ୍ନିକଣା···)

ଆଲୋକ ଲିଭିଗଲା

ଦଶମ ଦୃଶ୍ୟ

[ରଜତ ଚୌଧୁରୀଙ୍କର ବ୍ୟକ୍ତିଗତ ବଙ୍ଗଳାର ସୁସଜ୍ଜିତ ଡ୍ରଇଂ ରୁମ୍ । ଏକ ଅଶାନ୍ତ ମନ ନେଇ ଟେବୁଲ ଉପରେ ମୁହଁ ମାଡ଼ି ବସିଥିଲେ ରଜତ ଚୌଧୁରୀ । ହାତରେ ଜଳନ୍ତା ସିଗାରେଟ୍ ଜଳିଯାଉଛି । ସେଥିପ୍ରତି ଭ୍ରୂକ୍ଷେପ ନାହିଁ । ରଞ୍ଜନ ମଲ୍ଲିକ ତାଙ୍କୁ ଚାକିରିରୁ ବରଖାସ୍ତ କରିଦେଇଛନ୍ତି । ଏଇ ସମୟରେ ଅନ୍ତରାଳରୁ ଭାସିଆସିଛି···]

ରଜତ ଚୌଧୁରୀଙ୍କ କଣ୍ଠସ୍ୱର—ସତରେ ସରିତା, ତମର ଏ ଲୋଭନୀୟ ରୂପର ଇନ୍ଦ୍ରଜାଲରେ ମୁଁ ଅନେକ ଦିନ ତଳେ ବନ୍ଦୀ ହୋଇସାରିଛି ।

ସରିତାଙ୍କ କଣ୍ଠସ୍ୱର—(ଚଢ଼ା ଗଳାରେ) ରଜତବାବୁ ! ଆପଣ ଖାଲି ମୋର ବାହାରଟା ଦେଖିଛନ୍ତି । ଗୋଟାଏ ଜୀବନ୍ତ ଆଗ୍ନେୟଗିରିର ବାହାରଟା ଯେତେ ସୁନ୍ଦର ହେଲେ ବି ତା ଭିତରେ ଉତ୍ତପ୍ତ ଲାଭାର ତରଳ ସ୍ରୋତ ।

ରଜତ ଚୌଧୁରୀଙ୍କ କଣ୍ଠସ୍ୱର—ସେଇ ଉତ୍ତାପ ମତେ ଖୁବ ଭଲ ଲାଗେ, ସରିତା ! ମତେ ବିଶ୍ୱାସ କର, ମୁଁ ତମକୁ ଭଲ ପାଏ ।

ସରିତାଙ୍କ କଣ୍ଠସ୍ୱର—Mr. Choudhury, ମୁଁ ଜଣେ ସମ୍ଭ୍ରାନ୍ତ ଭଦ୍ରମହିଳା ଏ କଥା ଯେପରି ଆପଣଙ୍କର ମନେ ରହେ । ମୋର

ସଂସାର ଅଛି···ମୋର ପିଲାଛୁଆ, ସ୍ୱାମୀ, ସମସ୍ତେ ଅଛନ୍ତି । ମୁଁ ଆପଣଙ୍କ ଭଳି ଯାଯାବର ନୁହେଁ । ସତ୍ତା ସାବିତ୍ରୀର ପବିତ୍ରତା ନେଇ ମୋର ଜନ୍ମ । ଆଉ ପାଦେ ଯଦି ଆପଣ ଆଗେଇବାର ଦୁଃସାହସ କରନ୍ତି ତେବେ ମୋର ଏଇ ଚପଲ ଆପଣଙ୍କୁ ସ୍ୱାଗତ ଜଣାଇବ ।

ରଜତଙ୍କ କଣ୍ଠସ୍ୱର—ସରିତା !

ସରିତାଙ୍କ କଣ୍ଠସ୍ୱର—Mrs. Das ବୋଲି କହନ୍ତୁ । ମୁଁ ନଟୀ ନୁହେଁ କି ଝରଣା ନୁହେଁ, ମୁଁ ସରିତା । ମୋର ବାହାରଟା ଯେତିକି ସୁନ୍ଦର, ମୋର ଭିତରଟା ସେତିକି ଭୟଙ୍କର ।

[ହଠାତ୍ ରଜତ ଚୌଧୁରୀ ଟେବୁଲ ଉପରୁ ମୁହଁ ଉଠାଇ 'ସରିତା' ବୋଲି ଚିତ୍କାର କରି-ଉଠିଲେ ଏବଂ ଟେବୁଲ ଉପରେ ମୁଥ ମାରି···]

ରଜତ—ସରିତା···! I will teach you a lesson· ମୁଁ ତୁମକୁ ଏମିତି ଶିକ୍ଷା ଦେବି ଯେ ସାରା ଜୀବନ ଧରି ତୁମେ ଭୁଲିପାରିବ ନି । ରଜତ ଚୌଧୁରୀ କୌଣସି ଅପମାନକୁ ମୁଣ୍ଡପାତି ବରଦାସ୍ତ କରିବା ଶିଖିନି । ତୁମଭଳି ସତୀ ସାବିତ୍ରୀକୁ ମୁଁ ପରୀକ୍ଷା କରି ଦେଖିବି ତୁମର ସେ ସତୀତ୍ୱର ମହିମା···

[ଏହି ସମୟରେ ଝରକାର ପରଦା ଆଡ଼େଇ ଦୁଇଟି ପଞ୍ଝାଣ ଆଖି ଝରକାଡେରେ ଘୂରିବୁଲି ପୁଣି ଲୁଚିଯାଇଛି । ସେମାନେ ହେଲେ ବଳଦେବ ଏବଂ ଅସୀମ । ରଜତଙ୍କର ପାଟି ଏବଂ ଚିତ୍କାର ଶୁଣି ପଶିଆସିଛନ୍ତି Mr. Sharma)

ଶର୍ମା—କଣ ହେଲା Sir, ଆପଣ ଏମିତି···

ରଜତ—I will smash her, Mr. Sharma, ସରିତାର ସେ ଉଦ୍ଧତ ଅହଂକାରକୁ ମୁଁ ଦଳି ମକଚି ମାଟିରେ ମିଶେଇଦେବି । ଗୋଟାଏ ଝରାଫୁଲ ଭଳି ସେ ଲୋଟି ପଡ଼ିବ, Mr. Sharma, ଟେକିନେବାକୁ କେହି ଜଣେ ହେଲେ ବି ଆଗେଇ ଆସିବେନି ।

ଶର୍ମା—ମଲ୍ଲିକ ସାହେବଙ୍କର ଶୁଭ ଦୃଷ୍ଟି ତା' ଉପରେ ପଡ଼ିଲା ଦିନଠାରୁ ସେ ଆଉ ମଣିଷ ମାନୁନି, Sir, ଆଉ ସେଇଥିପାଇଁ···

ରଜତ—ମୁଁ ସବୁ ଜାଣେ, Mr. Sharma, ରଞ୍ଜନ ମଲ୍ଲିକ ସରିତା ପ୍ରେମରେ ଆଜି ପାଗଳ ହୋଇଯାଇଛି । ଆଉ ସରିତା ତାର ପଙ୍ଗୁ ସ୍ୱାମୀକୁ ବୋକା ବନେଇ ରଞ୍ଜନ ମଲ୍ଲିକକୁ ଆପଣାର କରିନେଇଛି । ପ୍ରୀତିର ନନ୍ଦାବନ୍ତୀରେ ଜୁଆର ଉଠିଛି । But I will smash her. ସେ ମୋର ସର୍ବନାଶ କରିଛି । ମୁଁ ତାକୁ କ'ଣ ଏତେ ସହଜରେ ଛାଡ଼ିଦେଇପାରେ Mr. Sharma ! ତାରି ଯୋଗୁ ମୋର ବୁକର ଗଳି···ଡମରୁ ବୁକର ଗଳି । ଆଉ ସେ ନିତା ବିଂତାର ସ୍ନେହଦୃଷ୍ଟିରୁ ବାଦ୍ ପଡ଼ିଲାନି ।

ଶର୍ମା—ଆପଣ ଠିକ୍ କହୁଛନ୍ତି Sir, ଆଉ କେଇଟା ଦିନ ପରେ ଦେଖିବେ ସରିତା ତା'ର ସ୍ୱାମୀକୁ ଛାଡ଼ପତ୍ର ଦେଇଛି···ଆଉ ଏଇ ବିରାଟ କମ୍ପାନୀ ତାରି ନିର୍ଦ୍ଦେଶରେ ପରିଚାଳିତ ହେଉଛି ।

ରଜତ—ନା, Mr. Sharma, It is impossible···ମୁଁ ତା' ହବାକୁ କେବେହେଲେ ଦେବିନି । ମୁଁ ଦିନେ ଭୁଲ କରିଥିଲି Mr. Sharma, ଆଉ ମୋର ସେଇ ଭୁଲର ଦୁର୍ବଳ ମୁହୂର୍ତ୍ତରେ ରଞ୍ଜନ ମଲ୍ଲିକ agreement bondରେ ମୋ'ଠାରୁ ଦସ୍ତଖତ କରିନେଇଥିଲା । ଆଉ ସେଇ agreementର ସର୍ତ୍ତ ଅନୁସାରେ ସେ ମୋର share ବାବଦ ସମସ୍ତ ଟଙ୍କା Bankରେ deposit

କରି ସମୁଦାୟ କମ୍ପାନୀର ମାଲିକ ହୋଇସାଇଛୁ । ମତେ ଗ୍ଭକିରିରୁ ବରଖାସ୍ତ କରିଛୁ । ରଜତ ଚୌଧୁରୀ ତା’ ଜୀବନରେ ଆଜି ଥରେ ସେଭଳି ମାରାତ୍ମକ ଭୁଲ କରିବନି, Mr Sharma.

ଶର୍ମା—ଆପଣ High cour·ରେ ରିଟ୍ କରନ୍ତୁ, Sir !

ରଜତ— (ହସି) ସେ ଦୁର୍ବଳ ସେ ଆଇନର ଆଶ୍ରୟ ନିଏ, Mr. Sharma! ଆମକୁ ଭିନ୍ନ ପନ୍ଥା ଧରିବାକୁ ପଡ଼ିବ । ତମର ମନେ ଅଛି, Mr. Sharma, ସରିତା ଭଳି ତାର ସ୍ୱାମୀ ରାମଦାସ ବି ଦିନେ ଏମିତି ଉଦ୍ଧତ ଥିଲା ।

ଶର୍ମା—ଆଜି ଏଭଳି ପରିସ୍ଥିତି ସୃଷ୍ଟି କଲା ଯେ ଆପଣଙ୍କ ଭଳି ଲୋକ ମଧ୍ୟ ତା ନିକଟରେ ମୁଣ୍ଡ ନୁଆଁଇଲେ···କ୍ଷମାଭିକ୍ଷା କଲେ ।

ରଜତ—ଆଉ ସେଇଥିପାଇଁ ସେ ହୋଇଗଲା ପଙ୍ଗୁ, ଅକର୍ମଣ୍ୟ । କେହି ଜାଣିପାରିଲେନି···କେହି ବୁଝିପାରିଲେନି···ଅଥଚ ମେସିନରେ ହାତଟା କଟିଗଲା । (ହସିଉଠିଲେ) ସତରେ Mr. Sharma ! ଆପଣ ଆଜି କି ତା ମତେ ସାହାଯ୍ୟ କରି ନ ଥିଲେ ରାମଦାସ ଭଳି ଗୋଟାଏ ଦୁର୍ଦ୍ଦାନ୍ତ ଲୋକକୁ ଅସ୍ତ୍ର କରିବା ମୋ ପକ୍ଷରେ ହୁଏତ ସମ୍ଭବ ହୋଇ ନ ଥାନ୍ତା ।

ଶର୍ମା—ଆଉ Sir, the walls have ears···ଆପଣଙ୍କର planଟା ସେଦିନ ନିର୍ଭୁଲ ଭାବରେ କାମ ଦେଇ ନ ଥିଲେ ଆଜି ହୁଏତ···

ରଜତ—ଆମେ ସମସ୍ତେ ଧରା ପଡ଼ିସାଇଥାନ୍ତେ, ନା ? (ହସିଲେ) ସାର ଚଳାଇବାରେ ମୋର କେବେ ଭୁଲ ହୁଏନା, Mr. Sharma ! ରାମଦାସକୁ ମୁଁ ସିନା ସବୁଦିନ ପାଇଁ ମୋ ରାସ୍ତାରୁ ସଫା

କରିଦେଲ, ହେଲେ ସରିତା···ସେ ମତେ ଚ୍ୟାଲେଞ୍ଜ ଦେଇଛି । ସାମାନ୍ୟ ଗୋଟାଏ ନାରୀ ହୋଇ···

ଶର୍ମା—ମଲ୍ଲିକ ସାହେବର ବାହୁଛାୟା ତଳେ ଆଶ୍ରୟ ନେଇ ସରିତା ଖେଳ ଖେଳୁଛି । ଖାଲି ସରିତା ନୁହେଁ, Sir, ମଲ୍ଲିକ ସାହେବଙ୍କୁ ବି ଆମ ରାସ୍ତାରୁ ହଟେଇବାକୁ ପଡ଼ିବ ।

ରଜତ—ଧୀରେ Mr. Sharma, step by step. ଦୁଇଟା ଦୁର୍ଦ୍ଦାନ୍ତ ଶତ୍ରୁଙ୍କୁ ଏକାସଙ୍ଗରେ ମୁକାବିଲା କରିବା ଅପେକ୍ଷା ଜଣ ଜଣ କରି ଆୟତ୍ତ କରିବାକୁ ପଡ଼ିବ । ଆଜି ଆମର ପ୍ରଥମ କାମ ହେବ କର୍ମୀମାନଙ୍କରେ ବିଶୃଙ୍ଖଳା ସୃଷ୍ଟି କରିବା । ଧର୍ମଘଟ···ଆନ୍ଦୋଳନ··· ଆଉ ତା ସଙ୍ଗେ ସଙ୍ଗେ ପ୍ରଡକସନ୍ ଯେପରି ବନ୍ଦ ହୋଇଯାଏ ତା'ର ବ୍ୟବସ୍ଥା କରିବାକୁ ପଡ଼ିବ ।

ଶର୍ମା—ଆପଣ ଚିନ୍ତା କରନ୍ତୁ ନା Sir ! କେଇଟା ଟଙ୍କା ଫୋପାଡ଼ି-ଦେଲେ ସବୁ ଆପେ ଆପେ ଠିକ୍ ହୋଇଯିବ । ଆଉ ସେଥିପାଇଁ ଆମକୁ କେଇଟା ବିଶ୍ବାସୀ ଲୋକଙ୍କର ସାହାଯ୍ୟ ନେବାକୁ ପଡ଼ିବ ।

ରଜତ—କିନ୍ତୁ Mr. Sharma, ବର୍ତ୍ତମାନ ପରିସ୍ଥିତିରେ ମୁଁ କାହାରିକି ବିଶ୍ବାସ କରିପାରୁନି । ଅଫିସ୍‌ର ସେ ଯୋଉ ପିଅନଟା ମତେ ଦିନକରେ ନଅ ଥର ସଲାମ୍ ବଜାଉଥିଲା ସେଦିନ ସେ ମୋ ହାତକୁ dismissal orderଟା ବଢ଼ାଇଦେଇ ମୁରୁକି ମୁରୁକି ହସି-ଦେଇଥିଲା । ଉଃ, କି ସେ ଅପମାନ···ଇଚ୍ଛା ହେଉଥିଲା ସେଇ ମୁହୂର୍ତ୍ତରେ ସେ ପାଜିଟାକୁ ଖତମ୍ କରିଦେବାକୁ ।

ଶର୍ମା—ସେ ଲୋକଟାକୁ କିନ୍ତୁ ଆପଣ ଭୁଲକରି ଦେଇଥିଲେ, Sir !

ରଜତ—ସେଇଥିପାଇଁ କହୁଛି, Mr. Sharma, କେବଳ ନତା ଆଉ ଆପଣଙ୍କ ଛଡ଼ା ମୋର ଆଉ କାହା ଉପରେ ବିଶ୍ୱାସ ନାହିଁ । କିନ୍ତୁ ନତା ଏତେବେଳଯାଏ ଗଲା କୁଆଡ଼େ ? ଝରଣା ମହାନ୍ତିର ସେ ଚିଠିଟା ଏବେ ବି ମୋ ହାତକୁ ଆସିନି । ଯେକୌଣସି ମୁହୂର୍ତ୍ତରେ ଅସୀମ ମହାନ୍ତି ମୋର ସର୍ବନାଶ କରିପାରେ । ହଁ Mr. Sharma, ରାଜୁ ସିଂ କ'ଣ କହିଲା ?

ଶର୍ମା—ସବ୍ରତା ଠିକ୍ ଜାଲରେ ପଡ଼ିଥିଲା Sir, ତାକୁ ଠିକ୍ ଉଠାଇ-ନେଇ car ଭିତରକୁ ଆଣିବା ସମୟରେ ସେଇ କମ୍ବକ୍ତ ବଳଦେବ ଆଉ ଅସୀମ ମହାନ୍ତି···

ରଜତ—ତାକୁ ଉଦ୍ଧାର କଲେ, ନା ?

ଶର୍ମା—ହଁ, Sir !

ରଜତ—ଆଉ ସେ ରାଜୁ ସିଂ କ'ଣ କରୁଥିଲା ? ସହରର ମସୁରଗୁଣ୍ଡା ରାଜୁ ସର୍ଦ୍ଦାର ଦୁଇଟା ସାମାନ୍ୟ ଲୋକଙ୍କ ଉପରେ ଶିକାରକୁ ହାତଛଡ଼ା କରିଦେଲା ? ରାଜୁସିଂକୁ କହିବ ଶର୍ମାଜୀ, ଯେତେ ଟଙ୍କା ତା'ର ଦରକାର ମୁଁ ଦବାକୁ ପ୍ରସ୍ତୁତ ଅଛି । କିନ୍ତୁ ମୋର ଦରକାର ସବ୍ରତା ଦାସ···କାଲି ରାତି ୧୨ଟା ସୁଦ୍ଧା ।

(ଏହି ସମୟରେ ପଶିଆସିଛି ନତା)

ହ୍ୟାଲୋ ନତା ! Come in. ଆଶା କରେ ସୁସମ୍ବାଦ ନେଇ ଆସିଛ ।

ନତା—ନା, Sir, ମୋର ସମସ୍ତ ଚେଷ୍ଟା ବ୍ୟର୍ଥ ହୋଇଛି ।

ରଜତ—ନତା ! !

ନିତା—Excuse me, Sir ! ଅସୀମ ମହାନ୍ତିଠାରୁ ସ୍ୱରଣାର ସେ ଚିଠିଟା ହାତ କରିବାପାଇଁ ମୁଁ ମୋର ସମସ୍ତ କୌଶଳ ପ୍ରୟୋଗ କରିଥିଲି; କିନ୍ତୁ ମୋର ଯେମିତି ମନେହେଲା ସେ ମୋର ଉଦ୍ଦେଶ୍ୟ ବୁଝିପାରିଛି । ତା'ର ସେ ବେପରୁଆ ହସ ଆଉ ବେଖାପ ଚାହାଣି ସହ୍ୟ କରିବା ମୋ ପକ୍ଷରେ ସମ୍ଭବ ହେଲାନି, Sir !

ରଜତ—ଆଉ କାମ ହାସଲ ନ କରି ନିରାପଦରେ ଜୀବନଟା ନେଇ ଫେରିଆସିଲ, ନା ?

ନିତା—ଆପଣ ବିଶ୍ୱାସ କରନ୍ତୁ Sir, ଆଉ ଟିକିଏ ଡେରି ହୋଇଥିଲେ ସେ ଲୋକଟା ମତେ ହତ୍ୟା କରିଥାନ୍ତା । ତା ଭଳି ଗୋଟାଏ ସାଂଘାତିକ ଲୋକ ମୁଁ ମୋ ଜୀବନରେ ଦେଖିନି ।

ରଜତ—ସ୍ୱରଣା ମହାନ୍ତିର ସେ ଚିଠିଟା ଯଦି ଆମ ହାତରେ ନ ପଡ଼େ ତେବେ ପରିଣାମ ଚିନ୍ତା କରିପାରୁଛ, ନିତା ? ସ୍ୱରଣାର ସେ କରୁଣ ମୃତ୍ୟୁ ରହସ୍ୟ ଯୋଉଦିନ ଉଦ୍‌ଘାଟିତ ହେବ ସେଦିନ ଖାଲି ମୁଁ ନୁହେଁ, ତୁମେ ଆଉ Mr. Sharma ବି ପୋଲିସର ଶ୍ୟେନଦୃଷ୍ଟିରୁ ବାଦ୍ ପଡ଼ିବ ନି । ହୁଏତ ଆମ ସମସ୍ତଙ୍କୁ ଜଣ ଜଣ କରି ଫାଶୀଖୁଣ୍ଟରେ ଝୁଲିବାକୁ ପଡ଼ିବ ।

ଶର୍ମା—କିନ୍ତୁ ସେ ରହସ୍ୟର ପରଦା ଖୋଲିଯିବା ପୂର୍ବରୁ ଆମକୁ ନିଜେ କିଛି ନା କିଛି କରିବାକୁ ପଡ଼ିବ ।

ନିତା—ଯେକୌଣସି ଉପାୟରେ ସେ ଚିଠିଟା ହସ୍ତଗତ କରିବାକୁ ହେବ ।

ରମଦାସ ତୁମେ ହାବଗୁଲ

ଶର୍ମା—କଣ କେମିତି ?

ରଜତ—ଅସୀମ ମହାନ୍ତିକୁ ସବୁଦିନ ପାଇଁ ଶେଷ କରିଦେବାକୁ ପଡ଼ିବ । ଆଜି ତା ହେଉଛି ଏକମାତ୍ର ଉପାୟ । କାଲି ରାତି ସୁଦ୍ଧା ଅସୀମ ମହାନ୍ତିକୁ ଲକ୍ଷେ ଟଙ୍କା ନ ଦେଲେ ସେ ଝରଣାର ଚିଠିଟାକୁ police କୁ hand over କରିଦେବ ବୋଲି ମତେ ଧମକ ଦେଇଛି । ସେ ଚିଠି ସାହାଯ୍ୟରେ ସେ ମତେ ବ୍ଲାକ୍‌ମେଲ୍ କରିବାକୁ ଚାହେଁ, Mr. Sharma !

ନିତା—ଆମର ଏ ଦୁର୍ଦ୍ଦିନରେ ରାଜୁ ସିଂ ହେଉଛି ଏକମାତ୍ର ସହାୟ । ମୋର ବିଶ୍ୱାସ, ସେ ଇଚ୍ଛା କଲେ ଅସୀମ ମହାନ୍ତିର ଲାସ୍‌ର ବି ପତ୍ତା ମିଳିବ ନି ।

ରଜତ—ଜଣକୁ ହତ୍ୟା କରିବାକୁ ଯାଇ ସେଇ ହତ୍ୟାର ପ୍ରମାଣ ମୁଁ ଆଉ ଜଣକ ପାଖରେ ରଖିପିବାକୁ ଚାହେଁ ନା, ନିତା ! ଅସୀମକୁ ଖତମ୍ କଲାପରେ ରାଜୁ ସିଂ ମତେ ବ୍ଲାକମେଲ କରିବାକୁ ଚାହିଁପାରେ । ଯାହାହେଲେ ବି ସେ ଗୋଟାଏ ଗୁଣ୍ଡା···ପଇସା ପାଇଁ ସେ ସବୁ କିଛି କରିପାରେ ।

ନିତା—ତାହା ହେଲେ ?

ରଜତ—ସେ କାମ ତୁମକୁ କରିବାକୁ ପଡ଼ିବ ।

ନିତା—(ଚମକିଉଠି) ମାନେ ?

ରଜତ—(ହସି) ତମେ ଖୁବ୍ ସୁନ୍ଦର drive କରିପାର, ନିତା, ଆଉ···

ନିତା—ତା ମାନେ··· ?

ରଜତ—ହଁ, car accidentରେ ମରିବ ଅସୀମ ମହାନ୍ତି ।

(ହସିଉଠିଲେ)

ନତା—କିନ୍ତୁ…

ରଜତ—ଶର୍ମାଜୀ ତ ତୁମ ସାଙ୍ଗରେ ଯିବେ । ବାକି କଥା ମୁଁ ବୁଝିବି । ସାରା ଦୁନିଆ ଜାଣିବ car accident ରେ ଅସୀମ ମହାନ୍ତି ମରିଗଲା…ବାସ୍…

ଶର୍ମା— କିନ୍ତୁ Sir, ଯଦି ଆମର plan ଧରିପଡ଼ିଯାଏ ?

ରଜତ—ଶର୍ମାଜୀ ! ଏଇ ଦୁର୍ବଳ ଚିତ୍ତ ନେଇ ରଜତ ଚୌଧୁରୀର Personal assistant ହେଇଛ ! ରାଜୁ ସିଂ ମୋର ନିର୍ଦ୍ଦେଶରେ ବାମଦାସର ମୁଣ୍ଡ ଫଟାଇ କୋଡ଼ିଏ ହଜାର ଟଙ୍କା ଲୁଟିନେଲା । ସେ କ'ଣ ଧରା ପଡ଼ିଲା ? ଆଜି ବି ପୋଲିସ ଘୂରି ବୁଲୁଛି ଚୋରର ସନ୍ଧାନରେ । କିନ୍ତୁ Be sure Mr. Sharma, ଗୋଟାଏ ଯୁଗ ବିତିଗଲେ ବି ପୋଲିସ ରାଜୁ ସିଂର ପତ୍ତା ପାଇବନି । ସେ ଘଟଣା ସବୁଦିନ ପାଇଁ ରହସ୍ୟମୟ ହେଇ ରହିଯିବ । ତମେ ଆସ ନତା, ମୁଁ ତୁମର ଶୁଭ କାମନା କରୁଛି । ଆପଣ ଆସନ୍ତୁ Mr. Sharma ! ମୋର ନିର୍ଦ୍ଦେଶ ଯେପରି ପାଳିତ ହୁଏ…

[ନତା ଏବଂ ଶର୍ମା ଯିବାକୁ ବାହାରିଲା-ବେଳେ ପଶିଆସିଲେ ଅସୀମ ଓ ବଳଦେବ । ଦୁହିଁଙ୍କ ହାତରେ ଦୁଇଟା ଖୋଲା ଛୁରୀ]

ଅସୀମ—କ'ଣ, ଏତେ ଜଲଦି ଚାଲିଯିବେ, ନତା ଦେବୀ ? ରହସ୍ୟର ପରଦା ଯେ ଏ ଯାଏ ଉଦ୍‌ଘାଟିତ ହେଇନି ! (ଅଟ୍ଟହାସରେ)

ନର୍ତ୍ତା—ଅସୀମବାବୁ !

ବଳଦେବ—ଆରେ, Mr. Sharma ଜୀ ! ଏଠି ବି କ'ଣ ଶାରଙ୍ଗୀର ତାଳେ ତାଳେ ଘୁଙ୍ଗୁରରୁ ଝରୁଛି କଳାବନ୍ତୀର ମୂର୍ଚ୍ଛନା··· (ଥଟ୍ଟାରେ)

ରଜତ—କ'ଣ ଶୁଣ, ତୁମେମାନେ ?

ଅସୀମ—ତା'ର ଉତ୍ତର କ'ଣ ମତେ ଦବାକୁ ପଡ଼ିବ, Mr. Choudhury ?

ବଳଦେବ—ହଁ ଅସୀମ, ବଡ଼ଲୋକମାନଙ୍କର ସବୁ କଥା ତ ଖିଆଲ ରହେନା···ଭୁଲିଯିବା ସ୍ୱାଭାବିକ । ନା କ'ଣ Mr. ଚୌଧୁରୀ ?

ରଜତ—ବଳଦେବ !

ବଳଦେବ—ଏ ଚୁଙ୍ଗଟାକୁ ଦେଖିପାରୁଛନ୍ତି, ଚୌଧୁରୀ ସାହେବ ? ଇଚ୍ଛା କରିଥିଲେ ରାସ୍ତାର ପାଗଳା କୁକୁର ଭଳି ତମ ତିନିଟାଙ୍କୁ କୋଉ ଦିନଠୁଁ ମୁଁ ଖତମ୍ କରିପାରନ୍ତିଣି । କିନ୍ତୁ ଆଇନଟାକୁ ମୁଁ ହାତକୁ ନେବାକୁ କେବେହେଲେ ଇଚ୍ଛା କରେନା । ଆଉ ସେଇଥିପାଇଁ ଆପଣଙ୍କର ବିଶ୍ୱସ୍ତ ଭୃତ୍ୟ ଶର୍ମାଙ୍କୁ ତିନି ତିନି ଥର ହତ୍ୟା କରିବାର ସୁଯୋଗ ପାଇଥିଲେ ବି ଛାଡ଼ିଦେଇଛୁ ।

ଅସୀମ—ମୁଁ କିନ୍ତୁ ଝରଣାର ଶେଷ ଅନୁରୋଧ ନିଶ୍ଚୟ ରକ୍ଷା କରିବି, ବଳଦେବ ! ଆଉ ସେଇଥିପାଇଁ ଖାସ୍ ଏ ନୂଆ Germany ତିଆରି ଚୁଙ୍ଗଟାକୁ ପନ୍ଦର ଟଙ୍କା ଦେଇ କାଲି କିଣିଛି । ଖୁବ୍ ଧାରୁଆ···ଛାତିର ଏପଟେ ପଶି ସେପଟେ ବାହାରିଗଲେ ବି ଜାଣିପାରିବେ ନି Mr. Choudhury !

ରଜତ—ଅସୀମ···ଶର୍ମାଜୀ···

ଅସୀମ—ସାବଧାନ, Mr. Sharma ! ଟେଲିଫୋନ ନିକଟକୁ ଯିବାକୁ ଚେଷ୍ଟା କଲେ ଗୋଟିଏ ମାତ୍ର ପାଦ ଆଗେଇବା ପୂର୍ବରୁ ତମେ ସେଇଠାରେ ଢଳିପଡ଼ିବ । ମୋର ଲକ୍ଷ୍ୟ କେବେ ବ୍ୟର୍ଥ ହୁଏନା ।

ବଳଦେବ—ଆପଣ ମଣିଷ ନୁହନ୍ତି, Mr. Choudhury, ଆପଣ ଗୋଟାଏ ପଶୁ । ତା'ଠାରୁ ବି ଆହୁରି ହୀନ···ଆହୁରି ଘୃଣ୍ୟ··· ଆହୁରି ନୀଚ । କଣ ପାଇଲେ ରାମଦାସର ସଂସାରକୁ ଉଚ୍ଛନ୍ନ କରିଦେଇ ? କଣ ପାଇଲେ ଅସୀମର ଜୀବନଟାକୁ ଛାରଖାର କରିଦେଇ ?

ଅସୀମ—କଣ ପାଇଲେ ବଳଦେବର ସ୍ତ୍ରୀକୁ ତା'ଠାରୁ ଛଡ଼େଇନେଇ ? ତମକୁ ବି ଟିକିଏ ଲଜ୍ଜା ଲାଗିଲା ନି ନିତା, ନିଜର ବିବାହିତ ସ୍ୱାମୀକୁ ଛାଡ଼ପତ୍ର ଦେଇ ଗୋଟାଏ ପଶୁର ଶଯ୍ୟାସଙ୍ଗିନୀ ହେବାକୁ ? ତମେ ଖାଲି ଦିନେ ବଳଦେବର ସ୍ତ୍ରୀ ଥିଲ ବୋଲି, ନଚେତ୍ ତୁମକୁ ଠିକ୍ ଠିକ୍ କରି ମାରିଦେବାକୁ ମୁଁ ଟିକିଏ ହେଲେ ବି କୁଣ୍ଠାବୋଧ କରନ୍ତି ନି ।

[ଏହି ସମୟରେ ପଶିଆସିଲେ ପୋଲିସ ଇନ୍‌ସପେକ୍‌ଟର । ତାଙ୍କୁ ଦେଖି ରଜତ ଯେପରି ସାହସ ଫେରିପାଇଲେ]

ରଜତ—ଆସନ୍ତୁ Inspector, please help me. ଏ ଦୁଇଟା ଗୁଣ୍ଡା ମତେ ହତ୍ୟା କରିବାର ଧମକ ଦେଇ ମତେ ବ୍ଲାକ୍‌ମେଲ୍ କରିବାକୁ ଚାହୁଁଛନ୍ତି । ଆପଣ ଠିକ୍ ସମୟରେ ଆସି ନ ଥିଲେ···

ପୋ: ଇ:—କିଏ କାହାକୁ ବ୍ଲାକ୍‌ମେଲ୍ କରିବାର ଚେଷ୍ଟା କରୁଛି ତାର ବିଚାର ଅଦାଲତରେ ହେବ, Mr. Choudhury ! But you are undr arrest.

ରଜତ – What ?

ପୋ: ଇ:—ଖାଲି ଆପଣ ନୁହଁନ୍ତି, Mr. Sharma ଆଉ ନତା ଦେଖା ମଧ୍ୟ । ଆପଣମାନଙ୍କ ବିରୁଦ୍ଧରେ ଜଘନ୍ୟ ନରହତ୍ୟା, ଡକାଇତି ଏବଂ ହତ୍ୟା କରିବାପାଇଁ ଷଡ଼ଯନ୍ତ୍ର ଆଦି ବହୁ ଗୁରୁତର ଅଭିଯୋଗ ରହିଛି । ଭଦ୍ରତାର ଆବରଣ ତଳେ ଯେ ଗୋଟାଏ ସୈତାନ ଲୁଚି ରହିଥିଲା, ସେକଥା ବହୁତ ଡେରି ହେଲେ ବି ଏ ସମାଜ ନିଶ୍ଚୟ ଜାଣିବାକୁ ପାଇବ ।

ରଜତ—ମୋ ଭଳି ଜଣେ ବିଶିଷ୍ଟ ଭଦ୍ରଲୋକ ସହିତ କିଭଳି ବ୍ୟବହାର କରିବାକୁ ହେବ ତା ବୋଧହୁଏ ମତେ ଆପଣଙ୍କୁ ଶିଖାଇବାକୁ ପଡ଼ିବ ନି, Inspector !

ଅସୀମ—ପୋଲିସ ଟ୍ରେନିଂ କଲେଜରେ ପାଠ ପଢ଼ିଲାବେଳେ ଆପଣ-ମାନଙ୍କ ଭଳି ଭଦ୍ରଲୋକଙ୍କ ସହିତ କିଭଳି ବ୍ୟବହାର କରିବାକୁ ହେବ ତା ବୋଧହୁଏ କଲେଜର ପ୍ରିନ୍‌ସିପାଲ୍ Inspector ସାହେବଙ୍କୁ ଶିଖାଇ ଦେଇଥିବେ । (ଥଟ୍ଟାରେ)

ବଳଦେବ—ଆପଣଙ୍କଠାରୁ ଶିଖିବାର ଆଉ କିଛି ବାକି ନାହିଁ ରଜତ ବାବୁ, ଆପଣଙ୍କର ଖେଳ ଆଜି ସରିଯାଇଛି । ସାର ଚଳାଇବାରେ ଆପଣ ଏମିତି ଭୁଲ କରିଛନ୍ତି ଯେ ଆଉ ଜିତିବାର କୌଣସି ଆଶା ନାହିଁ । ଆପଣମାନଙ୍କର ସମସ୍ତ କଥା ମୁଁ ଆଉ ଅସୀମ ଝରକା ପଛପଟେ ରହି ଶୁଣିପାରିଛୁ । ଆପଣ ସେମାନଙ୍କୁ arrest କରନ୍ତୁ, Inspector !

ରଜତ—Inspector ! କୌଣସି ପ୍ରମାଣ ନ ଥାଇ ଆପଣ ମତେ arrest କଲେ ମୁଁ ଆପଣଙ୍କୁ ଉଚିତ ଜବାବ୍ ଦେବି । ବଳଦେବ ଆଉ

ଅସୀମ ଭଳି ଦୁଇଟା ଆଓ୍ୱାର୍ଗ ଗୁଣ୍ଡାଙ୍କ କଥାରେ ବିଶ୍ୱାସ କରି ଆପଣ ମତେ arrest କରିବେ ?

ପୋ: ଇ:—ନା, Mr. Choudhury, ପ୍ରମାଣ ମହଜୁଦ ନ ଥିଲେ ମୁଁ କେବେ କାହାରିକୁ arrest କରେନା । ବଳଦେବବାବୁ ଆଉ ଅସୀମବାବୁ ଆପଣଙ୍କ ଆଖିରେ ଆଓ୍ୱାର୍ଗ ଗୁଣ୍ଡା ହେଲେ ବି ସେମାନେ ମଣିଷ; ସେମାନଙ୍କ ସମ୍ମାନ ଆପଣମାନଙ୍କ ଭଳି ପଶୁଙ୍କଠାରୁ ଅନେକ ଉଚ୍ଚରେ ।

ରଜତ—Inspector !

ପୋ: ଇ:—ଚିତ୍କାର କରନ୍ତୁ ନି Mr. Choudhury ! ଦେଖିପାରୁଛନ୍ତି (ଟେପ ରେକର୍ଡର ଦେଖାଇ) ଏଇ କ୍ଷୁଦ୍ର ଯନ୍ତ୍ର ମାଧ୍ୟମରେ ମୁଁ ଆପଣ, ନିତା ଦେବୀ ଏବଂ ମୈତ୍ରାଙ୍କର ସମସ୍ତ କଥାବାର୍ତ୍ତା ଟେପ କରିନେଇଛି ।

ରଜତ—(ନରମ ଗଳାରେ) Inspector !

ପୋ: ଇ:—ଏଥର ଶୁଣନ୍ତୁ ଆପଣମାନେ; ଆପଣମାନଙ୍କର ଖେଳ ସରିଯାଇଛି ।

ରଜତ—ମୋର ଅନେକ କିଛି କହିବାର ଅଛି, Inspector !

ପୋ: ଇ:—ଯାହା କହିବାର କଥା ତା ଆପଣ ନିର୍ଭୟରେ ଅଦାଲତରେ କହିପାରିବେ । ଆଇନ ଆଖିରେ ସମସ୍ତେ ସମାନ, Mr. Choudhury, law will take its own course. ଚାଲନ୍ତୁ, ବାହାରେ police van ଆପଣମାନଙ୍କୁ ସ୍ୱାଗତ ଜଣାଇବାକୁ ଅପେକ୍ଷା କରିଛି ।

ରଜତ—ବେଶ୍, ଚାଲନ୍ତୁ ।

[ଏବଂ ସମସ୍ତେ ଆଗେଇ ଗଲେ ଚାଲି...]

ପୋ: ଇ:—ବହୁତ ଧନ୍ୟବାଦ, ବଳଦେବବାବୁ ଆଉ ଅସୀମବାବୁ ! ଆପଣମାନଙ୍କ ସାହାଯ୍ୟ ପାଇ ନ ଥିଲେ ଏଭଳି ଗୋଟାଏ ସାଂଘାତିକ ଷଡ଼ଯନ୍ତ୍ରର ସନ୍ଧାନ ନେବା ହୁଏତ ପୋଲିସ ପକ୍ଷରେ କଷ୍ଟକର ହୋଇପଡ଼ିଥାନ୍ତା । ମୁଁ ଆସୁଛି...night...

[ଚାଲିଗଲେ । ରହିଗଲେ ଅସୀମ ଓ ବଳଦେବ । ଗଲାବେଳେ ନଟା କେବଳ ବଳଦେବଙ୍କୁ ଚାହିଁଛି ଏକ ବିକଳ ଆଉ କରୁଣ ଦୃଷ୍ଟିରେ । ବଳଦେବର ବି କିଛିଟା ଭାବାନ୍ତର ହୋଇଛି... ଅସୀମ ଲକ୍ଷ୍ୟ କରୁଛି...]

ଅସୀମ—କଣ ହେଲା ?

ବଳଦେବ—ନା, କିଛି ନାହିଁ । (ସାସା ଗଳା)

ଅସୀମ—ନଟା କଥା ଭାବୁଛୁ ?

ବଳଦେବ—(କିଛି କହିପାରି ନ । କଣ୍ଠ ତାର ରୁଦ୍ଧ ହୋଇ ଆସିଛି...) ଚାଲ ଅସୀମ, ଶ୍ରୀରାମଙ୍କୁ ଦେଖିଆସିବା...ଆ...

(ଧୀରେ ଧୀରେ ଚାଲିଗଲେ)

—ଅନ୍ଧାର—

ଏକାଦଶ ଦୃଶ୍ୟ

[ପୂର୍ବବର୍ଣ୍ଣିତ Managing Directorଙ୍କ ଅଫିସ । ରଜତ ଚୌଧୁରୀଙ୍କୁ Managing Director ପଦରୁ ବରଖାସ୍ତ କରିବା ପରେ ନିଜେ ରଞ୍ଜନ ମଲ୍ଲିକ Managing Director ଦାୟିତ୍ୱ ନେଇଛନ୍ତି । ଆଲୋକ ଜଳିବା ପରେ ଦେଖାଗଲା ରଞ୍ଜନ ମଲ୍ଲିକ ଅଫିସରେ ବସି ଫାଇଲ ଦେଖୁଥିଲେ । ଏହି ସମୟରେ ଟେଲିଫୋନ ରିଙ୍ଗ୍ ହେଉଛି ଏବଂ ରିସିଭର ଉଠାଇ…]

ରଞ୍ଜନ – Yes, Mallik speaking…କଣ ? ଓ, Mr. Amar Pattnaik ! I am really sorry, Mr. Pattnaik, କେତେକ ଆଭ୍ୟନ୍ତରୀଣ ଗଣ୍ଡଗୋଳ ଯୋଗୁ ଆପଣଙ୍କ ଅର୍ଡର ଠିକ୍ ସମୟରେ supply କରି ନ ପାରି ମୁଁ ଖୁବ୍ ଦୁଃଖିତ । Any way, ଆସନ୍ତା କାଲି ସୁଦ୍ଧା ଆପଣଙ୍କର ଅର୍ଡର ମୁତାବକ ସମସ୍ତ ମାଲ ପାଇଯିବେ ।…ରଜତ ଚୌଧୁରୀ ? He is no more in service. I have dismissed him. ହିଁ, ମତେ ବର୍ତ୍ତମାନ ସବୁ କରିବାକୁ ପଡୁଛି । O. K. Thank you, Mr. Pattnaik.

[ଟେଲିଫୋନ ରିସିଭର ରଖିଲେ ଏବଂ calling bell ବଜାଇଲେ । ଆସିଛି orderly···]

Mrs. ସରିତା ଦାସ ।

[orderly ଗ୍ଲଲଗଲା । ପରେ ପରେ ଆସିଲେ ସରିତା···

ରଞ୍ଜନ—ଆସନ୍ତୁ ସରିତା ଦେବୀ, ବସନ୍ତୁ । ବସନ୍ତୁ ନା ! ଠିଆ ହୋଇ ରହିଲେ କାହିଁକି ? (ସରିତା ବସିଛନ୍ତି) ଦାସବାବୁଙ୍କ ଦେହ କପରି ଅଛି ? କାମର presu.e ଏତେ ବେଶୀ ଯେ ତାଙ୍କୁ ଟିକିଏ ଯାଇ ଦେଖିଆସିବାକୁ ବେଳ ମିଳୁନି । I am so sorry···

ସରିତା—ଭଗବାନଙ୍କ ଦୟାରୁ ସେ ଏବେ ଅନେକଟା ଭଲ ଅଛନ୍ତି । ତଥାପି ମୋର ବେଳେବେଳେ ଭୟ ହୁଏ···

ରଞ୍ଜନ—ଜୀବନରେ ସେ ଯେତେ ବଡ଼ ଆଘାତ ପାଇଛନ୍ତି ତାର ଯନ୍ତ୍ରଣା ଅନୁଭବ କରିବା ଅନ୍ୟ କାହା ପକ୍ଷରେ ସମ୍ଭବ ନୁହେଁ । ଡାକ୍ତରମାନେ ତ ତାଙ୍କ ପାଇଁ ଅପ୍ରାଣ ଚେଷ୍ଟା କରୁଛନ୍ତି ।

ସରିତା—ସବୁ ମୋର ଭାଗ୍ୟ, Sir, ମୋ ଭଳି ଗୋଟାଏ ଦୁଃଖିନୀ ଏ ଦୁନିଆରେ ଅଉ ହୁଏତ କେହି ନାହିଁ । ଏକା ଭଗବାନ ହିଁ ମୋର ଭରସା ।

ରଞ୍ଜନ—ଜୀବନର ଏଇ ଚରମ ଦୁର୍ଦ୍ଦିନରେ ଆପଣ ଯଦି ଏମିତି ଭାଙ୍ଗି ପଡ଼ିବେ ତେବେ ଦାସବାବୁଙ୍କ ମନରେ ବଞ୍ଚିବାର ପ୍ରେରଣା ଭରିଦବ କିଏ ? ନିଜ ଉପରେ ଅଭିମାନ କରି ସେ ଥରକୁ ଥର

ଆତ୍ମହତ୍ୟା କରିବାକୁ ଚେଷ୍ଟା କରନ୍ତି । ଗୋଟାଏ ପଳାୟନ-ପନ୍ଥୀର ମନୋବୃତ୍ତି ନେଇ ସେ ଜୀବନକୁ ଘୃଣା କରିବାକୁ ଆରମ୍ଭ କରିଛନ୍ତି ।

ସରିତା—ସେଇଥିପାଇଁ ତ ମୋର ବେଶୀ ଭୟ, Sir, କେତେବେଳେ ସେ କଣ କରିବସିବେ ···

ରଞ୍ଜନ—ମଣିଷ ଯେତେବେଳେ ଏକାନ୍ତ ଭାବେ ଅସହାୟ ହୋଇପଡ଼େ ସେତେବେଳେ ତାର ଜୀବନ ଉପରୁ ମାୟା ତୁଟିଯାଏ । ନିଜର ସବୁ ଥାଇ ମଧ୍ୟ ସେ ନିଜକୁ ନିଃସଙ୍ଗ ଅନୁଭବ କରେ; ଆଉ ଠିକ୍ ସେତିକବେଳେ ସେ ଯଦି ଟିକିଏ ସ୍ନେହ ଆଉ ସହାନୁଭୂତି ନ ପାଏ ତାର ଅଶାନ୍ତ ଆତ୍ମା ବିଦ୍ରୋହ କରିଉଠେ । ଆପଣଙ୍କୁ ତାଙ୍କର ଯତ୍ନ ନେବାକୁ ପଡ଼ିବ; ସ୍ନେହର ପବିତ୍ର ମନ୍ଦାକିନୀ ସ୍ପର୍ଶରେ ସେ ଯେମିତି ସବୁ ଯନ୍ତ୍ରଣା ଭୁଲିଯିବେ ।

ସରିତା—ତାଙ୍କର ଆନନ୍ଦ ପାଇଁ ମୋର ଏ ଜୀବନଟା ଯଦି ବୁଲିଯାଏ ତେବେ ମୋ'ଠାରୁ ବଳି ଭାଗ୍ୟବତୀ ଆଉ କେହି ଏ ଦୁନିଆରେ ହବନି । କିନ୍ତୁ Sir, ମୁଁ ଆଉ ସହିପାରୁନି କି ତୁଣ୍ଡ ଖୋଲି କହି ବି ପାରୁନି । ତାଙ୍କର ଏବେ କଣ ହୋଇଛି କେଜାଣି ସେ ମୋ ସହିତ ଭଲରେ କଥାବାର୍ତ୍ତା ବି କରୁନାହାନ୍ତି । ସବୁ କଥାରେ ସେ ମୋ ଉପରେ ବିନା କାରଣରେ ବିରକ୍ତ ହୋଇ-ଉଠୁଛନ୍ତି । ପିଲା ଦୁଇଟାଙ୍କୁ ଆଗଭଳି ଆଉ ସ୍ନେହ ବି କରୁନାହାନ୍ତି । ମୋର ଯେମିତି ମନେହେଉଛି ସେ ଧୀରେ ଧୀରେ ତାଙ୍କର ମାନସିକ ଭାରସାମ୍ୟ ହରେଇ ବସୁଛନ୍ତି ।

ରଞ୍ଜନ—ଅଳ୍ପଟେ ଧୈର୍ଯ୍ୟ ଧରନ୍ତୁ, Mrs. Das, ମୁଣ୍ଡରେ ତାଙ୍କର କେଉଁ ଅଘାତ ଲାଗିଛି । ମୋର ବିଶ୍ୱାସ, ସେଇ ଅଘାତର

ପ୍ରତିକ୍ରିୟା ସ୍ୱରୂପ ତାଙ୍କଠାରେ ହୁଏତ କଣ୍ଟୁଝା ଆବ୍‌ନର୍ମାଲିଟି ଦେଖା ଦେଉଛି । ମୁଁ ଭାବୁଛି, ନଭରେସଜିସ୍ ଡିପାର୍ଟମେଣ୍ଟର Doctor Pradhanଙ୍କୁ consult କଲେ ଭଲ ହୁଅନ୍ତା । ସେ ଜଣେ ଫରେନ୍ କ୍ୱାଲିଫାଏଡ୍ ଅଭିଜ୍ଞ ଡକ୍ଟର ।

ସରିତା—କୋଉଠୁ ପାଇବ ଏତେ ପଇସା ? ଆପଣ ଦୟା କରି ନ ଥିଲେ ଆଜି ହୁଏତ···

ରଞ୍ଜନ—ଥାଉ ସରିତା ଦେବୀ, ମୁଁ ମୋର କର୍ତ୍ତବ୍ୟ କରୁଛି । କେଜାଣି କାହିଁକି ଦାସବାବୁଙ୍କୁ ମୁଁ ଭାରି like କରେଁ । ମୋର workshop ରେ କାମ କରି ସେ ସବୁଦିନ ପାଇଁ invalid ହୋଇଗଲେ । ସେ ଦୁର୍ଘଟଣା ମୋ ଜୀବନରେ ମଧ୍ୟ କମ୍ ଆଘାତ ଦେଇନି, ସରିତା ଦେବୀ ! ହଁ, ମୋର ଗୋଟିଏ ଅନୁରୋଧ ରଖିବେ ?

ସରିତା—କୁହନ୍ତୁ Sir, କେବେ କ'ଣ ଆପଣଙ୍କ କଥାରେ ଅବାଧ୍ୟ ହୋଇଛି ?

ରଞ୍ଜନ—ବର୍ତ୍ତମାନ ଅବସ୍ଥାରେ ଦାସବାବୁଙ୍କର costly treatment ଦରକାର, ଆଉ ସେଥିପାଇଁ ଦରକାର ପ୍ରଚୁର ଟଙ୍କା । (ଡ୍ରୟର ଖୋଲି ଟଙ୍କା କାଢ଼ିଲେ) ମୁଁ ଜାଣେ ଆପଣଙ୍କ ପାଖେ ଟଙ୍କା ନାହିଁ···

ସରିତା—କିନ୍ତୁ Sir···

ରଞ୍ଜନ—କିନ୍ତୁ···ସରିତା ଦେବୀ, ଏହା ମୋର ଦାନ ନୁହେଁ କି ଦୟା ବି ନୁହେଁ । ଯେକୌଣସି ସମୟରେ ଆପଣ ଏହା ପରିଶୋଧ କରିଦେଇପାରିବେ । (ଟିକିଏ ହସି) Of course

without interest. ନିଅନ୍ତୁ । ମୁଁ Dr. Pradhanଙ୍କୁ ଟେଲିଫୋନ୍ କରି କହିଦେବି···He will take care of Das Babu···

ସରିତା—ମତେ କ୍ଷମା କରିବେ Sir, ଏ ଟଙ୍କା ମୁଁ ନେଇ ପାରିବିନି ।

ରଞ୍ଜନ—ସରିତା ଦେବୀ ! ଆପଣ କଣ ଚାହାନ୍ତି ଦାସବାବୁ ବିନା ଚିକିତ୍ସାରେ ଛଟପଟ ହେଇ···

ସରିତା—ନା Sir, କୋଉ ସ୍ତ୍ରୀ କଣ କେବେ ଚାହିଁବ ତାର ମୁଣ୍ଡରୁ ସିନ୍ଦୂର ଲିଭିଯିବା ପାଇଁ···ହାତରୁ ଶଙ୍ଖା ଛୁଟି ଯିବା ପାଇଁ ?

ରଞ୍ଜନ—ତାହା ହେଲେ ନିଅନ୍ତୁ ସରିତା ଦେବୀ, ଦାସବାବୁଙ୍କର ଚିକିତ୍ସା ପାଇଁ ଯାହା କିଛି କରିବାର କଥା ତା ଆପଣଙ୍କୁ କରିବାକୁ ପଡ଼ିବ···ନିଜର ଦାରିଦ୍ର୍ୟ ଉପରେ ଅଭିମାନ କଲେ ଆପଣ ହାରିଯିବେ Mrs. Das, ଆପଣଙ୍କର ଏଇ ନିରର୍ଥକ ଅଭିମାନକୁ ଏ ଦୁନିଆ ହସି ଉଡ଼େଇଦବ ।

ସରିତା—ଯାହା ହେଲେ ବି···ଆପଣ ମତେ ଭୁଲ ବୁଝିବେ ନି Sir, ସାରାଜୀବନ ଧରି ମୁଁ ଆପଣଙ୍କୁ ଭୁଲି ପାରିବି ନି; ଆପଣଙ୍କର ଦୟା, ସହାନୁଭୂତି ସବୁଦିନ ପାଇଁ ମୋର ମନେ ରହିବ ।

ରଞ୍ଜନ—ସରିତା ଦେବୀ···

ସରିତା—ହଁ Sir, ଆପଣ ମତେ ଡକାଇ ପଠାଇ ନ ଥିଲେ ବି ମୁଁ ନିଜେ ନିଜେ ଆସିଥାନ୍ତି । ମୁଁ ଆଜି ଏଠି ଚାକିରି କରିବାକୁ ଚାହେଁ ନି, Sir, ଏଇ ମୋର ରେଜିଗ୍‌ନେସନ ।

ରଞ୍ଜନ—ସରିତା ଦେବୀ ! କଣ ହେଇଛି ଆପଣଙ୍କର ?

ସରିତା—କିଛି ନାହିଁ Sir, ଆପଣଙ୍କ ସୁନାମରେ ଆଘାତ ଆସୁ ଏହା ମୁଁ ଚାହେଁ ନା । ଏ ଦୁନିଆ ଖୁବ୍ ସନ୍ଦେହୀ, Sir !

ରଞ୍ଜନ—ସରିତା ଦେବୀ···! କଣ କହିବାକୁ ଚାହାନ୍ତି ଆପଣ ?

ସରିତା—ଆପଣଙ୍କୁ ଆଉ ମତେ କେନ୍ଦ୍ର କରି ରଜତବାବୁ, ଶର୍ମାଜୀ, ଆଉ ନଟା କେମିତି କୁତ୍ସା ପ୍ରଚାର କରୁଛନ୍ତି ତା ଆପଣ ହୁଏତ ଶୁଣି-ନାହାନ୍ତି, Sir !

ରଞ୍ଜନ—What ? Thery are so mean···ଯେ ନିଜେ ଖରାପ ସେ ଦୁନିଆଟାକୁ ଖରାପ ଆଖିରେ ଦେଖେ ।

ସରିତା—ଆପଣଙ୍କର କିଛି ସିନା କ୍ଷତି ହବନି, କିନ୍ତୁ ମୋର ସଂସାରଟା ଜଳି ଅଙ୍ଗାର ହୋଇଯିବ । ବିନାଦୋଷରେ ସାରା ଜୀବନ ପାଇଁ ଦୁନିଆ ଆଖିରେ ମୁଁ ହେବି ଚରିତ୍ରହୀନା···କଳଙ୍କିନୀ । ମୋର ପିଲାଛୁଆ, ସ୍ୱାମୀ ସମସ୍ତେ ମତେ ସନ୍ଦେହପୂର୍ଣ୍ଣ ଆଖିରେ ଚାହିଁବେ··· ସେମାନଙ୍କ ଆଖିରେ ଫୁଟିଉଠିବ ଅନେକ ପ୍ରଶ୍ନବାଚୀର କୁହେଳି ।

ରଞ୍ଜନ—ଆପଣ ଠିକ୍ କହୁଛନ୍ତି, ସରିତା ଦେବୀ, ମୋ ଯୋଗୁ ଆପଣଙ୍କ ସଂସାରରେ ଝଡ଼ ଉଠୁ ଏହା ମୁଁ ଚାହେଁନା । ମୋ ମନର ପବିତ୍ରତା ନେଇ ମୁଁ ଚାହିଁଥିଲି ଆପଣମାନଙ୍କର ଏ ଚରମ ଦୁର୍ଦ୍ଦିନରେ ମାନବିକତା ଦୃଷ୍ଟିକୋଣରୁ କିଛିଟା. ସାହାଯ୍ୟ କରିବାକୁ । କିନ୍ତୁ ଏ ଦୁନିଆ ଯଦି ତାକୁ ଭୁଲ ବୁଝିଲା ତେବେ ମୋର ଦୋଷ କଣ ?

ସରିତା—ଏ ଦୁନିଆଟା ସବୁବେଳେ ଏମିତି, Sir, ସେ ହୁଏତ ଠିକ୍ ଦେଖେ, କିନ୍ତୁ ଭୁଲ ବୁଝେ । ଆଉ ସେଇ ଭୁଲ ବୁଝାମଣାର ଅନ୍ଧ ମୁହାଣୀ ଭିତରେ କେତେ ଯେ ସର୍ବନାଶ ହୋଇଯାଏ···

ରଞ୍ଜନ—ବେଶ୍, ଏଠି ଗ୍ଳକର କରିବାକୁ ମୁଁ କେବେ ଆପଣଙ୍କୁ ବାଧ୍ୟ କରି ନ ଥିଲି କି ଆଜି ବି କରୁନି । ଭଗବାନ ଆପଣଙ୍କର ମଙ୍ଗଳ କରନ୍ତୁ । କିନ୍ତୁ ମୋର ଗୋଟିଏ ଅନୁରୋଧ, ଆପଣ ଏ ଟଙ୍କା ନିଅନ୍ତୁ । ଭୁଲି ଯାଆନ୍ତୁ ନି ସରିତା ଦେବୀ, ଦାସବାବୁଙ୍କର ଜୀବନ ଏ ଟଙ୍କାଠାରୁ ଯଥେଷ୍ଟ ମୂଲ୍ୟବାନ । Please, ନିଅନ୍ତୁ । ଆଜି ହୁଏତ ଆମର ଦେଖା ହବନି; ସେମାନେ ଆମର ସମ୍ପର୍କକୁ ଭୁଲି ଯିବିଲେ ବୋଲି ଆପଣ ମତେ ଭୁଲି ଯିବିବେ ନି । ନିଅନ୍ତୁ—

(ଟଙ୍କା ବଢ଼ାଇଲେ; ସରିତା ଅନିଚ୍ଛାସତ୍ତ୍ୱେ ଟଙ୍କା ନେଇ)

ସରିତା—ମୁଁ ଆସୁଛି, Sir ! (ନମସ୍କାର କଲେ)

ରଞ୍ଜନ—Wish you best of your luck.

[ସରିତା ଚାଲିଗଲେ । ଟିକିଏ ଅନ୍ୟମନସ୍କ ମନ ନେଇ ରଞ୍ଜନ ମଲ୍ଲିକ ବସିରହିଲେ । ହଠାତ୍ ଟେଲିଫୋନ୍ ବାଜି ଉଠିଲା ।]

ରଞ୍ଜନ—ହ୍ୟାଲୋ, କ'ଣ କହିଲେ ? ଦାସବାବୁ ହସ୍ପିଟାଲ ଛାଡ଼ି କୁଆଡ଼େ ଚାଲିଯାଇଛନ୍ତି···ପ୍ରାୟ ଘଣ୍ଟାଏ ହେବ···? ଅଚ୍ଛା ଅଚ୍ଛା, ମୁଁ ବର୍ତ୍ତମାନ ତାଙ୍କ ସ୍ତ୍ରୀଙ୍କୁ ଖବର ଦେଉଛି । ଆପଣଙ୍କର policeକୁ ଖବର ଦିଅନ୍ତୁ । ମୋର ଯାହା ମନେହୁଏ ସେ ବୋଧହୁଏ କିଛି ଗୋଟାଏ ଦୁର୍ଘଟଣା ଘଟାଇ ବସିବେ । Yes···ହିଁ ହିଁ, ସଙ୍ଗେ ସଙ୍ଗେ ଖବର ଦେଉଛି ।

[ଭିତରୁ ଉଙ୍କିମାରି ବେଳକୁ ପଶିଆସିଲେ ଶ୍ରୀ ରାମଦାସ]

ରଞ୍ଜନ—ଆରେ, ଦାସବାବୁ ! ଆପଣ ଏଭଳି ଅବସ୍ଥାରେ ହସ୍ପିଟାଲ୍ ଛାଡ଼ି ଚାଲିଆସିଲେ କାହିଁକି ?

ଶ୍ରୀରାମ—ଆପଣମାନଙ୍କ ଭଳି ବଶିଷ୍ଟ ଭଦ୍ରଲୋକମାନଙ୍କର ଅସଲ ରୂପଟା ଦେଖିବାପାଇଁ···

ରଞ୍ଜନ—ଦାସବାବୁ !

ଶ୍ରୀରାମ—ମୁଁ ସବୁ ଜାଣେ, ମଲ୍ଲିକ ସାହେବ, ଆପଣଙ୍କର ବାହାରଟା ଯେତକ ସୁନ୍ଦର, ଭିତରଟା ସେତକ କୁତ୍ସିତ···ସେତିକ ଜଘନ୍ୟ···

ରଞ୍ଜନ—ଦାସବାବୁ ! କଣ ସବୁ ବାଜେ କଥା ଗପି ଯାଉଛନ୍ତି ଆପଣ ?

ଶ୍ରୀରାମ—ସହ୍ୟ କରିପାରୁନାହାନ୍ତି, ନା ? ସତ କଥାଟା ଖୁବ୍ ଆଘାତ ଦିଏ, ମଲ୍ଲିକ ସାହେବ, ଆଜି ସେ ଆଘାତ ଆଜି ଆପଣଙ୍କୁ ସହିବାକୁ ପଡ଼ିବ ।

ରଞ୍ଜନ—କଣ ହୋଇଛି ଆପଣଙ୍କର ?

ଶ୍ରୀରାମ—ମୋର ସୁନାର ସଂସାରରେ ସର୍ବନାଶର ନିଆଁ ଜାଳିଦେଇ ପଚାରୁଛନ୍ତି, କଣ ହୋଇଛି ଆପଣଙ୍କର ? ମୁଁ ଆପଣଙ୍କୁ ଗୋଟାଏ ଦେବତାର ସମ୍ମାନ ଦେଇଥିଲି, ଜଣେ ଉଦାରମନା ମଣିଷ ହିସାବରେ ଶ୍ରଦ୍ଧା କରୁଥିଲି; ଆଜି ତାର ପ୍ରତିଦାନରେ ଆପଣ ମତେ ଏଇ ଉପହାର ଦେଲେ ? ସାମାନ୍ୟ କେଇଟା ଟଙ୍କାର ଲୋଭ ଦେଖାଇ ଆପଣ ଶେଷରେ ମୋର ସ୍ତ୍ରୀର ଇଜ୍ଜତ୍ ଉପରେ ଆଖି ପକାଇଲେ ?

ରଞ୍ଜନ—ଆପଣ ଚୁପ୍ କରନ୍ତୁ, ଦାସବାବୁ, ସବୁ ଜିନିଷର ଗୋଟାଏ ସୀମା ଅଛି ।

ଶ୍ରୀରାମ—ଜାଣେ, ଆପଣ ଉତ୍ତ୍ୟକ୍ତ ହୋଇ ଉଠିବେ । କିନ୍ତୁ ମୁଁ କଣ ମିଛ କହୁଛି, ମୋର ସ୍ତ୍ରୀକୁ ଧରି ଆପଣ କଣ ଆପଣଙ୍କର

imported Imphala Car ରେ ବୁଲି ବୁଲି ନାହାନ୍ତି ? ତାର ସାମାନ୍ୟ ସାନ୍ନିଧ୍ୟ ପାଇଁ ମୋ ଭଳି ଗୋଟାଏ invalid ପିଛା ବହୁ ଶହ ଟଙ୍କା ଖର୍ଚ୍ଚ କରିନାହାନ୍ତି ? ଦାମୀ ଦାମୀ ଔଷଧ, fruits, ହରଲିକ୍ସ୍···ସବୁ କିଣିଦେଇ ନାହାନ୍ତି ?

ରଞ୍ଜନ—ଦାସବାବୁ ! ଆପଣଙ୍କର ବୁଝିବାରେ ଅନେକ ଭୁଲ ରହିଯାଇଛି । ମତେ ଚିହ୍ନିବାରେ ବି ଅନେକ ଭୁଲ ରହିଯାଇଛି । ମାନୁଛି, ଆପଣଙ୍କ ସ୍ତ୍ରୀଙ୍କୁ ନେଇ ମୁଁ ମୋ ଗାଡ଼ିରେ ହସ୍‌ପିଟାଲ୍ ଯାଇଥିଲି;କିନ୍ତୁ କାହିଁକି, ଜାଣନ୍ତି ? ସେଦିନ ହଠାତ୍ ହସପିଟାଲ୍‌ଠାରୁ ଖବର ଆସିଲା, ଆପଣଙ୍କର condi io ı serious. Mrs Das ଖବର ପାଇବାମାତ୍ରେ ବଳକାରେ କାନ୍ଦିଉଠିଲେ । ଏତେବାଟ ଚାଲିକରି ଯିବା ତାଙ୍କ ପକ୍ଷରେ ସମ୍ଭବ ନ ଥିଲା; ଗାଡ଼ିକରି ଯିବାକୁ ମଧ୍ୟ ହାତରେ ପଇସା ନ ଥିଲା । ଆଉ ସେଇଥିପାଇଁ ମୁଁ ତାଙ୍କୁ ମୋ ଗାଡ଼ିରେ ନେଇ ଆପଣଙ୍କ ପାଖେ ଛାଡ଼ିଦେଇ ଆସିଥିଲି । ମତେ ବିଶ୍ୱାସ କରନ୍ତୁ, ଦାସବାବୁ, ଈଶ୍ୱରଙ୍କ ନାମରେ ଶପଥ କରି କହୁଛି, ମୁଁ ତାଙ୍କୁ ସବୁବେଳେ ଦେବୀର ସମ୍ମାନ ଦେଇଆସିଛି ।

ଶ୍ରୀରାମ—ଏ ଦୁନିଆଟା ଏତେ ବୋକା ନୁହେଁ, ମଲ୍ଲିକ ସାହେବ, ସେ ସବୁ କଥା ଜାଣିପାରେ । ଆପଣଙ୍କର ଏ Explanation କୁ ଏ ଦୁନିଆ ହସି ଉଡ଼େଇଦେବ ।

ରଞ୍ଜନ—ଦାସବାବୁ !

ଶ୍ରୀରାମ—ମୁଁ ପଚାରୁଛି, ମଲ୍ଲିକ ସାହେବ, କିଏ ପାଇଲେ ମୋର ସୁନାର ସଂସାରକୁ ଚୁରମାର କରିଦେଇ ? କିଏ ପାଇଲେ ଗୋଟାଏ

ପତିବ୍ରତା ନାରୀର ଚରିତ୍ର ଉପରେ ଆଘାତ ଦେଇ ? କଣ ପାଇଲେ ମୋ ଭଳି ଗୋଟାଏ invalid ଆଖିରୁ ରକ୍ତ ଝରାଇ ?

ରଞ୍ଜନ—ଏ ଦୁନିଆରେ ଜଣକୁ ଦୟା କରିବା କଣ ପାପ ? ସହାନୁଭୂତି ଦେଖାଇବା କଣ ଅନ୍ୟାୟ ? ତମ ଜୀବନର ଚରମ ଦୁର୍ଦ୍ଦିନରେ ମୁଁ ତୁମ ପ୍ରତି ଯୋଉ ଦୟା ଦେଖାଇଥିଲି, ଯୋଉ ସହାନୁଭୂତି ଦେଖାଇଥିଲି ଏଇ କ'ଣ ତାର ପ୍ରତିଦାନ ? କିଛି ନ ବୁଝି ନ ସୁଝି...

ଶ୍ରୀରାମ - ଦୟା ? ସହାନୁଭୂତି ? ଏ ଯୁଗରେ ସ୍ୱାର୍ଥ ନ ଥାଇ କେହି କ'ଣ କାହାକୁ ଦୟା କରେ ? ସହାନୁଭୂତି ଦେଖାଏ ? ମୁଁ ସବୁ ଜାଣେ, ମଲ୍ଲିକ ସାହେବ, ଏ ଦୟା, ଏ ସହାନୁଭୂତି ବଦଳରେ ଆପଣ କଣ ଚାହାନ୍ତି ? କଣ ପାଇଁ ଆପଣ ମୋର ସ୍ତ୍ରୀକୁ ଯୋଗ୍ୟତା ନ ଥାଇ ବି ଆପଣଙ୍କ କମ୍ପାନୀରେ ଚାକିରି ଦେଲେ ? କଣ ପାଇଁ ଆପଣ ମୋ ପିଛା ମୁଠା ମୁଠା ଟଙ୍କା ଖର୍ଚ୍ଚ କରୁଛନ୍ତି ? ସବୁ ସେଇ ସରିତା ପାଇଁ, ତାର ସେ ଲୋଭନୀୟ ଦେହଟା ପାଇଁ ।

ରଞ୍ଜନ—Stop :t, Stop it, D3s Baou, Please go out.

ଶ୍ରୀରାମ—ଜୀବନରେ ଆଉ କେବେ କାହାରିକୁ ଦୟା ଦେଖାଇଛନ୍ତି, ମଲ୍ଲିକ ସାହେବ ? ଗୋଟାଏ ଭିକାରୀକୁ କେବେ ଗୋଟାଏ ପଇସା ଦାନ କରିଛନ୍ତି ? ସ୍ୱାର୍ଥ ନ ଥାଇ ସହାନୁଭୂତିର ସଜ୍ଞା ମୁଁ ଆଜିଯାଏ ବୁଝିନି ମଲ୍ଲିକ ସାହେବ, ଆଉ ସେଇଥିପାଇଁ କାମର ବାହାନ ରେ ସରିତାକୁ ଆପଣ ଅଟକାଇ ରଖନ୍ତି ରାତି ୯ ଯାଏ ଆପଣଙ୍କ ପ୍ରାଇଭେଟ୍ ଚେମ୍ବରରେ ।

ରଞ୍ଜନ—(ଚଡ଼ା ଗଳାରେ) ଦାସବାବୁ ! ନିଶ୍ଚୟ ଆପଣ ପାଗଳ ହୋଇଯାଇଛନ୍ତି । ଆପଣ ଦୟାକରି ଶୁଣନ୍ତୁ, ତା ନ ହେଲେ···

ଶ୍ରୀରାମ—ମୁଁ ଆଜ ଫେରିଯିବାକୁ ଆସିନି, ମଲ୍ଲିକ ସାହେବ !

ରଞ୍ଜନ—ଦାସବାବୁ, ଆପଣ ମତେ ବିଶ୍ୱାସ କରନ୍ତୁ, ମୁଁ ଆପଣଙ୍କର ଶୁଭାକାଂକ୍ଷୀ । ସମୟ ଆସିଲେ ଆପଣ ସବୁକଥା ବଳେ ବଳେ ବୁଝିପାରିବେ । ତା ନ ହେଲେ ଆପଣଙ୍କର ପାରିବାରିକ ଜୀବନରେ ହୁଏତ ଗୋଟାଏ ଅଦିନ ଝଡ଼ ଉଠିବ; ସବୁ ହୁଏତ ଛାରଖାର ହୋଇଯିବ···

ଶ୍ରୀରାମ—ଝଡ଼ ଉଠିବ ? ମଲ୍ଲିକ ସାହେବ, ଗୋଟାଏ ପ୍ରଚଣ୍ଡ ଝଡ଼ର ପଦଧ୍ୱନି ମୁଁ ଅନେକ ଆଗରୁ ଶୁଣିପାରିଛି । ଜୀବନରେ ଅନେକ ଝଡ଼ର ମୁଁ ମୁକାବିଲା କରିଛି; କେବେ କିନ୍ତୁ ଭାଙ୍ଗି ପଡ଼ିନି । ଆଜି ବି ଭାଙ୍ଗି ପଡ଼ିବି ନାହିଁ । ଆଉ ଯଦି ଭାଙ୍ଗି ପଡ଼େ, ତେବେ ଦୁଃଖ କରିବାର କିଛି ନାହିଁ । ସବୁ ଧ୍ୱଂସ ହୋଇ-ଗଲା ପରେ କଣ ପାଇଁ ମୁଁ ଦୁଃଖ କରିବି ? କିନ୍ତୁ ମୋ ସଂସାରରେ ଝଡ଼ ଉଠିବା ଆଗରୁ ଆପଣଙ୍କ ସଂସାରରେ ଝଡ଼ ଉଠିବ ।

ରଞ୍ଜନ—ଦାସବାବୁ !

ଶ୍ରୀରାମ—Mr. Mallik, ମୁଁ ଆଜି invalid ହୋଇଯାଇଛି ସତ, କିନ୍ତୁ ଯୋଉ ରାମଦାସର ନାଁ ଶୁଣିଲେ ଅନେକର ସମୁଦାୟ କମାଣ୍ଡା ଭୟରେ ଥରିଉଠୁଥିଲା ସେ ରାମଦାସ ଏବେ ବି ବଞ୍ଚିଛି; ଆଉ ଆଜି ମୁଁ ନେବି ମୋ ଜୀବନର ଚରମ ପ୍ରତିଶୋଧ ।

[ଜଣେ ଆଗେଇଗଲେ Mr. Mallikଙ୍କ ଆଡ଼କୁ ଏବଂ ହଠାତ୍ ଯାଇ ତାଙ୍କ ଟଣ୍ଟିକୁ ଚପିଧରିଲେ । Mr. ମଲ୍ଲିକ ନିଜକୁ ମୁକ୍ତ କରି ଦରବାନମାନଙ୍କୁ ଡାକିଲେ । ତଥାପି ରାମଦାସ ତାଙ୍କୁ ଆକ୍ରମଣ କରି ମାରିବାକୁ ଚେଷ୍ଟା କରୁଥିଲେ । ଏହି ସମୟରେ ଦରବାନମାନେ ଆସିଛନ୍ତି]

ରଞ୍ଜନ—ଏ ଲୋକଟାକୁ ଧକ୍କା ଦେଇ ବାହାର କରିଦିଅ— ·

[ଦରବାନ୍‌ମାନେ ଧକ୍କା ମାରି ମାରି ରାମଦାସଙ୍କୁ ନେଲାବେଳେ ରାମଦାସ ପ୍ରତିରୋଧ କରୁଥିଲେ ଏବଂ ଚିତ୍କାର କରୁଥିଲେ···]

ଶ୍ରୀରାମ—ମତେ ଛାଡ଼ିଦିଅ, ମତେ ଛାଡ଼ିଦିଅ···ମୁଁ ସେ ଧୋକାବାଜକୁ ଉପଯୁକ୍ତ ଶିକ୍ଷା ଦେବି । ସେ ମୋର ସୁନାର ସଂସାରରେ ନିଆଁ ଜାଳି ଦେଇଛି, ସେ ମୋର ସର୍ବନାଶ କରିଛି । ମତେ ଛାଡ଼ି-ଦିଅ—

[ଦରବାନମାନେ ଧକ୍କା ମାରି ମାରି ବାହାରେ ଛାଡ଼ି ଦେଇ ଆସିବା ପର୍ଯ୍ୟନ୍ତ ରାମଦାସଙ୍କର କଣ୍ଠସ୍ୱର ଶୁଣାଯାଉଥିଲା]

—ଅନ୍ଧାର—

ଶେଷ ଦୃଶ୍ୟ

[ରାମଦାସଙ୍କୁ ଧକକା ମାରି ମାରି ମଲ୍ଲିକ ସାହେବଙ୍କ ଦରବାନମାନେ ରାସ୍ତାରେ ଛାଡ଼ି-ଦେଇ ଆସିଲେ । ମୁହଁରେ ଅନେକ ଯନ୍ତ୍ରଣା, ଆଖିରେ ଅପରାନ୍ତ ଲୁହ, କଣ୍ଠରେ ବେଦନାର ମର୍ମର । ଜୀବନଟା ଆଜି ରାମଦାସଙ୍କ ପାଇଁ ଦୁର୍ବିସହ ହୋଇଉଠିଛି । ଧୀରେ ଧୀରେ ସେ ଘର ଭିତରକୁ ଆସିଲେ; କ୍ଳାନ୍ତ ଦେହଟାକୁ ଖଟ ଉପରେ ଲେଟାଇଦେଇ ସେ କାନ୍ଦି-ଉଠିଲେ । ଆଉ ଦୁଃଖ ସହ୍ୟ କରିବାର ଶକ୍ତି ତାଙ୍କର ନ ଥିଲା । ଆଉ ସେଇ ସମୟରେ...]

Voice—ଏମିତି ଗୋଟାଏ ନିରର୍ଥକ...ନିର୍ଯ୍ୟାତିତ ଜୀବନ ରଖି ଆଉ ଲାଭ କଣ, ରାମଦାସ ? ତମ ଜୀବନର ତାର ଛିଣ୍ଡି-ଯାଇଛି । ଏ ଦୁନିଆ ଆଜି ତୁମକୁ କିମିତି ସମ୍ମାନ ଦେଇ ଦେଉଛି ତ ? ମୋଉ ଦରବାନ୍, ତୁମକୁ ଦିନେ ଯୋଡ଼ହାତ ହୋଇ ସଲାମ ବଜାଉଥିଲା ସେଇ ଆଜି ତୁମକୁ ଧକ୍କା ମାରି ମାରି ରାସ୍ତା ଉପରେ ଛାଡ଼ିଦେଇଗଲା...କିଏ ଦୟା ବି କଲାନି !

ରାମ—(କାନ୍ଦି ଉଠିଛି) ହଁ, ଜୀବନଟା ମୋର ଆଜି ନିରର୍ଥକ ହୋଇଯାଇଛି, ମୋର ସ୍ୱେଦପୂତ ଅଙ୍ଗ ଢଳିଯାଇଛି: ମୁଁ ଆଜି ସମସ୍ତଙ୍କର ଘୃଣାର ପାତ୍ର, ଉପହାସର କେନ୍ଦ୍ରବିନ୍ଦୁ । ଶୀତଶେଷର ଝଡ଼ା ପତ୍ର ଭଳି ଏ ଦୁନିଆ ଆଗରେ ମୁଁ ଅଦରକାରୀ ହୋଇପଡ଼ିଛି ।

Voice—ତମେ ଆଜି ଛତବିଛତ, ତମର ସେ କମନୀୟ ଦେହଟା ଅଜସ୍ର ଆଘାତରେ ଆଜି ରକ୍ତାକ୍ତ, ତମର ଆତ୍ମା ଆଜି ଲୁହ ଢାଳୁଛି; ତଥାପି କଣ ତୁମେ ବଞ୍ଚିବାକୁ ଚାହଁ ?

ଶ୍ରୀରାମ—ନା, ମୁଁ ମରିବାକୁ ଚାହେଁ । ସହ୍ୟ କରିବାର ସମସ୍ତ ସୀମା ମୁଁ ଟପିସାରିଛି । ମୁଁ କ୍ଲାନ୍ତ, ମୁଁ ଅବଶ । ଜୀବନ ସଂଗ୍ରାମରେ ମୁଁ ହାରିଯାଇଛି···ଅତି ଶୋଚନୀୟ ଭାବରେ ହାରିଯାଇଛି । ମୁଁ ଆଜି ପରାଜିତ । ଯନ୍ତ୍ରଣାରେ ଛାତିଟା ମୋର ଯେମିତି ଫାଟିଯାଉଛି । ଆଖିରୁ ମୋର ରକ୍ତ ଝରୁଛି ।

Voice—ତା ହେଲେ ଆଉ ଡେରି କାହିଁକି ? ଆଉ ଟିକିଏ ପରେ ସାଢ଼େ ଚାରିଟା ବାଜିବ । ତମର ପିଲାମାନେ ସ୍କୁଲରୁ ଫେରି-ଆସିବେ, ସରିତା ବି ଅଫିସରୁ ଫେରି ଆସିପାରେ । ସେମାନେ ଆସିବା ପୂର୍ବରୁ···

ଶ୍ରୀରାମ—କିନ୍ତୁ···କିନ୍ତୁ ଏ ଦୁନିଆରୁ ଶେଷ ବିଦାୟ ନେବା ପୂର୍ବରୁ ସେମାନଙ୍କୁ ଥରଟିଏ ପାଇଁ ଦେଖିବାକୁ ଭାରି ଇଚ୍ଛା ହେଉଛି । ମୋର ପ୍ରାଣର ପିଲାମାନେ···ମୋର ଅତି ଆଦରର ସ୍ତ୍ରୀ···ଖାଲି ଥରଟିଏ ସେମାନଙ୍କୁ ଦେଖିବି, ପିଲା ଦୁଇଟାଙ୍କୁ ଶେଷଥର ପାଇଁ କୋଳକୁ ନେବି । ଆଉ ସରିତା···ତାକୁ ଦେବି ବିଦାୟର ଶେଷ ଚୁମ୍ବନ । କେତେ ମମତା···କେତେ ସ୍ନେହ···

Voice—ପୁଣି ମମତା ? ପୁଣି ବନ୍ଧନ ? ସବୁ ମରୀଚିକା, ଶ୍ରୀରାମ ! ଏ ଦୁନିଆରେ କେହି କାହାର ନୁହନ୍ତି । ସମସ୍ତେ ଆସିଛନ୍ତି, ସମସ୍ତେ ଚାଲିଯିବେ; କେହି କାହାରିକୁ ଅପେକ୍ଷା କରିବେ ନି । ସବୁ ମିଛ, ସବୁ ମାୟା ।

ଶ୍ରୀରାମ—ହଁ, ସବୁ ମିଛ, ସବୁ ମାୟା । ଖାଲି ଗୋଟାଏ ଭ୍ରାନ୍ତ ମରୀଚିକାର ଚକାଉଣ୍ଡିର । ବଞ୍ଚିବାରେ ଅନେକ ଯନ୍ତ୍ରଣା···

Voic·—ମରିବାରେ ଅନେକ ଶାନ୍ତି ।

ଶ୍ରୀରାମ—ମୃତ୍ୟୁର ସେ ରମଣୀୟତାର ସ୍ପର୍ଶ···ମୋର ଅନେକ ଦିନର ଉତ୍କଣ୍ଠା । ଆଜି ଆମର ମିଳନ ହେବ । ବର୍ଷ ପ୍ରତୀକ୍ଷାର ଅବସାନ ହେବ । ମୋର ସେ ନିସ୍ତବ୍ଧ ଆତ୍ମା ଅଧରରେ ପୁଣି ଥରେ ହସ ଫୁଟିବ । ଆଜି ମୋର ମୁକ୍ତି···ଗୋଟାଏ ଅଭିଶପ୍ତ ଜୀବନର ମୁକ୍ତି··· ମହାନିଦ୍ରା ।

Voice—ଡେରି କରନି ରାମଦାସ, ସାଢ଼େ ବାରଟା ବାଜିବାକୁ ଆଉ ମାତ୍ର ପାଞ୍ଚ ମିନିଟ୍···ଚାରି ମିନିଟ୍···Get ready, ଜୀବନ ଆଉ ମୃତ୍ୟୁ···ମହାମିଳନର ଅମୃତ ଲଗ୍ନ···ଉଠ ରାମଦାସ, ସେଇ ସୁଟ୍‌କେସ ଭିତରେ poison ଅଛି ।

ଶ୍ରୀରାମ—Poison !

Vo·ce—ହଁ, poison···ଉତ୍କଟ ହଳାହଳ; ଉଠ, ଆଉ ମାତ୍ର ତିନି ମିନିଟ୍·· ଉଠ ରାମ ଦାସ, Be qu·ck.

[ତା ପରେ ରାମଦାସ ଉଠି ବସିଲେ । କମ୍ପିତ ହସ୍ତରେ ସୁଟକେସ ଖୋଲି ବିଷ ଶିଶିଟା ହାତରେ ଧରି ବିସ୍ଫାରିତ ନେତ୍ରରେ କିଛି ସମୟ ଦେଖିଲେ । ତାଙ୍କ କାନରେ ବାଜୁଥାଏ "Be quick' ରାମଦାସ, ସମସ୍ତ ଠିକ୍ କର୍, ଆଉ ଗୋଟେ ମିନିଟ, Be quick···Be quick—" । ଘଡ଼ିଆଡ଼କୁ ଦୃଷ୍ଟି ଦେଇ ପୁଣି ଆସି ଖଟ ଉପରେ ବସିଲେ । ତାଙ୍କ କାନରେ ଖାଲି ବାଜୁଥାଏ "Bequick ····ଆଉ ଗୋଟାଏ ମିନିଟ୍—Be quick, ସାଢ଼େ ବାର ବାଜିବାକୁ ଆଉ ମାତ୍ର ୪୦ ସେକେଣ୍ଡ ।" ବିଷ

ଶିଶିର ଠିପି ଖୋଲି ପାଟିରେ ଅଜାଡ଼ି ଦେଲେ । ପରେପରେ ଯନ୍ତ୍ରଣାରେ ଛଟପଟ ହୋଇଉଠିଲେ ରାମ ଦାସ—ବଡ଼ ବିକଳ କଣ୍ଠରେ ଚିତ୍କାର କରିଉଠିଲେ ।)

ଶ୍ରୀରାମ—ଓଃ ! କି ଯନ୍ତ୍ରଣା, ମିଠୁ...ମିତା...ଟୋପାଏ ପାଣି...ସରିତା...
ସରିତା...ମିତା...ମିଠୁ...ପାଣି...ପାଣି...

(ଛଟପଟ ହୋଇ ଶେଷ ନିଃଶ୍ୱାସ ତ୍ୟାଗ କଲେ ରାମ ଦାସ । ତାଙ୍କର ସେ ନିର୍ଜୀବ ଦେହଟା ପଡ଼ିରହିଲା ଖଟ ଉପରେ । ଭାସିଆସିଲା କରୁଣ ସଙ୍ଗୀତର ଏକ ମର୍ମନ୍ତୁଦ ମୂର୍ଚ୍ଛନା । ଆସିଛନ୍ତି ସରିତା—ରାମ ଦାସଙ୍କୁ ଦେଖି ଏବଂ ନିକଟରେ ପଡ଼ିଥିବା ବିଷ ଶିଶିକୁ ଦେଖି ସେ ସବୁ ବୁଝିପାରନ୍ତି । ତାଙ୍କର କଣ୍ଠରେ ଭାଷା ନ ଥିଲା । ରାମ ଦାସଙ୍କର ନିର୍ଜୀବ ଦେହଟା ଉପରେ ଲୋଟିପଡ଼ି ସେ କାନ୍ଦି ଉଠିଲେ...ଏକ ବୁକୁଫଟା ଆର୍ତ୍ତନାଦ । ସେତେବେଳକୁ କଳୁ ହରି ସରିଯାଇଥିଲା । ପରେ ପରେ ଆସିଛନ୍ତି ମିଠୁ ଆଉ ମିତା । ସେମାନେ କିଛି ବୁଝିପାରୁ ନ ଥିଲେ ବି କାନ୍ଦି-ଉଠିଲେ ତାଙ୍କ ବାପାର ସେଇ ନିର୍ଜୀବ ଦେହଟା ଉପରେ ଲୋଟିପଡ଼ି । ଭାସି ଆସୁଥିଲା କରୁଣ ସଙ୍ଗୀତର ମୂର୍ଚ୍ଛନା...ଧୀରେ ଧୀରେ ନଇଁଆସିଲା ଯବନିକା —]

ସୋମବାର, ସନ୍ଧ୍ୟା
୯-୧-୬୮